ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୨୮ ଜୁନ୍ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 28 JUNE 2023

Vol.No. 35 ■ No. 169■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଯା ଦେବୀ ସର୍ବଭୂତେଷୁ............

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

# କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ସଚିବଙ୍କୁ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ

➡ଅଭିଯୋଗ କରିଥିଲୁ, ନିର୍ଦ୍ଦେଶ ଆସିଛି କାର୍ଯ୍ୟାନୁଷ୍ଠାନ ପାଇଁ': ଅପରାଜିତା ଷଡ଼ଙ୍ଗୀ
➡୫-ଟି ସଚିବଙ୍କ ବିରୋଧରେ କେନ୍ଦ୍ରକୁ ଚିଠି ଲେଖିଲେ ବିଜୟ ପଟ୍ଟନାୟକ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ବିଭିନ୍ନ ଜିଲ୍ଲା ଗସ୍ତ କରି ରାଜକୀୟ ସମ୍ବର୍ଦ୍ଧନା ସହ ସାଧାରଣ ସଭା ଓ ପ୍ରକଳ୍ପ ଘୋଷଣା କରୁଥିବା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ଫାଇଭ-ଟି ସଚିବ ଭିକେ ପାଣ୍ଡିଆନଙ୍କ ପାଇଁ ଅଡୁଆ ବଢ଼ିଛି । ପାଣ୍ଡିଆନଙ୍କୁ ନେଇ ରାଜ୍ୟ ରାଜନୀତି ସରଗରମ ରହିଥିବାବେଳେ ବିଜେପି ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଲିଖିତ ଅଭିଯୋଗ ଓ ତଥ୍ୟ ଆଧାରରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଦ୍ୱାରା ରାଜ୍ୟ ମୁଖ୍ୟ ସଚିବ ପ୍ରଦୀପ କୁମାର ଜେନାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ତେବେ ସମ୍ପୂର୍ଣ୍ଣ ରାଜ୍ୟ ପ୍ରଶାସନ ଓ ସରକାର ଏବେ ଫାଇଭ-ଟି ସଚିବଙ୍କ ନିୟନ୍ତ୍ରଣରେ ଥିବାବେଳେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ଏଭଳି ନିର୍ଦ୍ଦେଶକୁ ରାଜ୍ୟ ସରକାର କିଭଳି ଢଙ୍ଗରେ ପାଳୁଛନ୍ତି ତାକୁ ନେଇ ପ୍ରଶାସନିକ ଓ ରାଜନୀତିକ ମହଲରେ ଚର୍ଚ୍ଚା । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ(ଡିଓପିଟି) ଗତକାଲି ରାଜ୍ୟ ମୁଖ୍ୟ ସଚିବଙ୍କୁ ଚିଠି ଲେଖି କହିଛି ଯେ, ଓଡ଼ିଶା କ୍ୟାଡ଼ରର ଜଣେ ଆଇଏଏସ ଅଫିସରଙ୍କ ବିରୁଦ୍ଧରେ ଗତ ଜୁନ୍ ୨୪ତାରିଖରେ ସାଂସଦ ଅପରାଜିତା ଷଡ଼ଙ୍ଗୀ ଓ ମନମୋହନ ସାମଲ ଏକ ସିଡି ଓ ପେନଡ୍ରାଇଭରେ ତଥ୍ୟ ସମ୍ବଳିତ ଅଭିଯୋଗ ଦେଇଛନ୍ତି । ଏ ସଂକ୍ରାନ୍ତରେ ସମ୍ପୃକ୍ତ ଆଇଏଏସ୍ ଅଫିସରଙ୍କ ବିରୁଦ୍ଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଜୁନ୍ ୨୬ତାରିଖ(ଗତକାଲି) ରାଜ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦେଇଛି । କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ଏହି ନିର୍ଦ୍ଦେଶ ସଂକ୍ରାନ୍ତ ଚିଠିକୁ ସାଂସଦ ଅପରାଜିତା ଷଡ଼ଙ୍ଗୀ ଆଜି ନିଜ ଟ୍ୱିଟ୍ ମାଧ୍ୟମରେ ସାର୍ବଜନୀନ କରି କହିଛନ୍ତି ଯେ, ଓଡ଼ିଶା କ୍ୟାଡ଼ରର ଜଣେ ଅଫିସରଙ୍କ ଦ୍ୱାରା ଅଲଇଣ୍ଡିଆ ସର୍ଭିସ ରୁଲସର ଖୋଲା ଉଲ୍ଲଘଂନକୁ ଭାରତ ସରକାର ଗୁରୁତ୍ୱର ସହ ନେଇଛନ୍ତି । ରାଜ୍ୟ ସରକାର ଆଇଏଏସଙ୍କ କ୍ୟାଡ଼ର କଣ୍ଟ୍ରୋଲିଂ ଅଥରିଟି ହୋଇଥିବାରୁ ଉଲ୍ଲଘଂନର ସ୍ପଷ୍ଟ ତଥ୍ୟପ୍ରମାଣ ମିଳିବା ଆଧାରରେ ଏ ଦିଗରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ସଚିବଙ୍କୁ କୁହାଯାଇଛି । ଆଇନ ଏ ଦିଗରେ କାର୍ଯ୍ୟ କରିବାକୁ ଅନୁମତି ମିଳିବ ବୋଲି ଶ୍ରୀମତୀ ଷଡ଼ଙ୍ଗୀ ଆଶା ବ୍ୟକ୍ତ କରିଛନ୍ତି । ଅନ୍ୟପକ୍ଷରେ ପୂର୍ବତନ ମୁଖ୍ୟ ସଚିବ ତଥା ପ୍ରଦେଶ କଂଗ୍ରେସର ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ ଆଜି ଆଇଏଏସ୍ ତଥା ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନ ବିରୁଦ୍ଧରେ ଏକ ଅଭିଯୋଗପତ୍ର କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟକୁ ଲେଖିଛନ୍ତି । ସେ ପାରଳାଖେମୁଣ୍ଡିରେ ବିଜେଡିର ଏକ ପୋଷ୍ଟରରେ ପାଣ୍ଡିଆନଙ୍କ ଫଟୋଚିତ୍ର ଓ ପ୍ରକଳ୍ପ ରାଶି ଘୋଷଣା ସଂକ୍ରାନ୍ତ ତଥ୍ୟ ସହ ଶ୍ରୀ ପାଣ୍ଡିଆନ କିଭଳି ସର୍ଭିସ ରୁଲସକୁ ଉଲ୍ଲଘଂନ କରି ରାଜ୍ୟର ବିଭିନ୍ନ ସ୍ଥାନକୁ ଯାଇ ଜଣେ ରାଜନୀତିକ ବ୍ୟକ୍ତି ଭଳି ରାଜକୀୟ ସମ୍ବର୍ଦ୍ଧନା,ସାଧାରଣ ସଭା ଓ ପ୍ରକଳ୍ପ ଘୋଷଣା ଆଦି କରୁଛନ୍ତି ସେ ସମ୍ପର୍କରେ ଲିଖିତ ଅଭିଯୋଗ ରଖିଛନ୍ତି । ତେବେ ମୁଖ୍ୟମନ୍ତ୍ରୀଙ୍କ ସଚିବ ଥିବାରୁ ତାଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ନିଜେ କାର୍ଯ୍ୟାନୁଷ୍ଠାନ ନେବା ଆଶା କ୍ଷୀଣ ବୋଲି ସେ କହିବା ସହ ବିଧିବଦ୍ଧ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଅନୁରୋଧ କରିଛନ୍ତି । ଏପଟେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ଗତକାଲି ମୁଖ୍ୟମନ୍ତ୍ରୀଙ୍କ ଅଡିଓ ସନ୍ଦେଶ(ମୁ ମୋ ସଚିବଙ୍କୁ ଭଲମନ୍ଦ ବୁଝିବାକୁ ପଠାଇଛି) ଉପରେ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ଜଣେ ପ୍ରଶାସନିକ ଅଧିକାରୀ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଅଧିକାର ତାଙ୍କୁ ହସ୍ତାନ୍ତର କରାଯାଇ ପାରିବ ନାହିଁ । ଗଣତନ୍ତ୍ରକୁ ଓଡ଼ିଶାରେ ହତ୍ୟା କରାଯାଇଛି । ନିର୍ବାଚିତ ପ୍ରତିନିଧିଙ୍କର ଆଉ ଶାସନ ଓଡ଼ିଶାରେ ନାହିଁ । ଏଠି ବ୍ୟୁରୋକ୍ରାଟିକ୍ ଗଭର୍ଣ୍ଣାନ୍ସ ଚାଲିଛି । ସେହିପରି ପିସିସି ସଭାପତି ଶରତ ପଟ୍ଟନାୟକ ଗତକାଲିର ଅଡ଼ିଓ ମୁଖ୍ୟମନ୍ତ୍ରୀଙ୍କର ବୋଲି କ'ଣ ପ୍ରମାଣ ଅଛି ବୋଲି ପ୍ରଶ୍ନ କରିବା ସହ ଯଦି ମୁଖ୍ୟମନ୍ତ୍ରୀ ତାଙ୍କୁ ପଠାଉଛନ୍ତି ତା'ହେଲେ ଲିଖିତ ଭାବେ ରାଜ୍ୟବାସୀଙ୍କୁ ଅବଗତ କରାନ୍ତୁ । ଯଦି ଜଣେ ସଚିବ ପ୍ରତି ଯେଉଁ ରାଜସ୍ୱ ଖର୍ଚ୍ଚ ହେଉଛି ତେବେ ଅନ୍ୟ ସଚିବଙ୍କ ପାଇଁ ମୁଖ୍ୟମନ୍ତ୍ରୀ ସେତିକି ଟଙ୍କା ଖର୍ଚ୍ଚ କରିବେ କି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଛନ୍ତି ।

▶▶ପୃଷ୍ଠା ୭

## ଦିଗପହଣ୍ଡି ରେଞ୍ଜରଙ୍କ ଘର ସମେତ ତିନୋଟି ସ୍ଥାନରେ ଭିଜିଲାନ୍ସ ଚଢ଼ଉ



ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଫରେଷ୍ଟ ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କ ଦିଗପହଣ୍ଡି ସରକାରୀ କାର୍ଯ୍ୟାଳୟ, ସରକାରୀ ବାସଭବନ ଏବଂ ବ୍ରହ୍ମପୁର ଘରେ ଭିଜିଲାନ୍ସ ପକ୍ଷରୁ ଚଢ଼ଉ କରାଯାଉଛି । ଭିଜିଲାନ୍ସ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଭିଜିଲାନ୍ସ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ବିଳମ୍ବିତ ରାତିରେ ଦିଗପହଣ୍ଡି ସରକାରୀ କାର୍ଯ୍ୟାଳୟରୁ ଘରକୁ ଫେରୁଥିବା ବେଳେ ଗଣିଆନାଳ ଛକରେ ଦିଗପହଣ୍ଡି ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକଙ୍କୁ ବ୍ରହ୍ମପୁର ଭିଜିଲାନ୍ସ ଟିମ ଧରିଥିଲା । ତାଙ୍କ ମାରୁତି ସ୍ୱିଫ୍ଟ କାରରେ ଦେଢ ଲକ୍ଷ ନଗଦ ଟଙ୍କା ଥିବା ଭିଜିଲାନ୍ସ ଟିମ୍ ଦେଖିବାକୁ ପାଇଥିଲା । ଏହା ଅନୈତିକ ଉପାୟରେ ଦିଗପହଣ୍ଡି ଫରେଷ୍ଟ ରେଞ୍ଜର କାହ୍ନୁ ଚରଣ ପଟ୍ଟନାୟକ ଅର୍ଜନ କରିଥିବା ଭିଜିଲାନ୍ସ ସନ୍ଦେହ କରିଥିଲା । ଠିକ୍ ସେହିପରି ଅନ୍ୟ ସ୍ଥାନରୁ ତାଙ୍କର ନଗଦ ସାଢେ ୩ ଲକ୍ଷ ଟଙ୍କା ଜବତ କରାଯାଇଥିଲା । ଏପରି ମୋଟ ୫ ଲକ୍ଷ ଟଙ୍କା ନଗଦ ଜବତ କରିଛି ଭିଜିଲାନ୍ସ । ଏତେ ପରିମାଣର ନଗଦ ଟଙ୍କା କେଉଁଠୁ ଆଣିଲେ ବୋଲି ଭିଜିଲାନ୍ସର କୌଣସି ସନ୍ତୋଷଜନକ ଉତ୍ତର ଦେଇପାରି ନଥିଲେ ରେଞ୍ଜର । ଏନେଇ ଅଧିକ ତଦନ୍ତ ଜାରି ରହିଛି ।

## ଜୁଲାଇ ୩ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା: ୮୦ଟି କେନ୍ଦ୍ରରେ ପରୀକ୍ଷା ଦେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଆସନ୍ତା ଜୁଲାଇ ୩ରୁ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ ହେବ । ଏହି ପରୀକ୍ଷା ଜୁଲାଇ ୮ ତାରିଖ ଯାଏଁ ଚାଲିବ । ରାଜ୍ୟବ୍ୟାପି ୮୦ଟି ପରୀକ୍ଷା କେନ୍ଦ୍ରରେ ଛାତ୍ରଛାତ୍ରୀ ପରୀକ୍ଷା ଦେବେ । ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବା ନିମନ୍ତେ ଆବଶ୍ୟକ ଆଡମିଟ୍ କାର୍ଡ www.bseodisha.ac.in ରୁ ପାଇପାରିବେ । ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଏନେ ଆଜି ବିଜ୍ଞପ୍ତି ପ୍ରକାଶ ପାଇଛି । ସୂଚନାଯୋଗ୍ୟ, ଚଳିତ ବର୍ଷ ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷାରେ ୧୩୧୧ ଛାତ୍ରଛାତ୍ରୀ ଫେଲ୍ ହୋଇଥିଲେ । ଏମାନଙ୍କ ସମେତ ୮୧୯୫ ଜଣ ଷ୍ଟେଟ୍ ଓପନ ସ୍କୁଲ ସାର୍ଟିଫିକେଟ ପରୀକ୍ଷାର୍ଥୀ ନିଜ ଭାଗ୍ୟକୁ ପୁଣି କଷିବେ । ପରୀକ୍ଷା ଫଳ ତତ୍କାଳ ଘୋଷଣା ପରେ ସେମାନଙ୍କୁ ଚଳିତ ବର୍ଷ ଯୁକ୍ତ ଆଡମିସନ ପ୍ରକ୍ରିୟାରେ ମଧ୍ୟ ସୁଯୋଗ ମିଳିବ ବୋଲି ଜଣାପଡ଼ିଛି । ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ପାଇଁ ମେ' ୨୬ ତାରିଖରୁ ଫର୍ମ ଫିଲଅପ୍ ଆରମ୍ଭ ହୋଇ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ।

## ଚାକିରିରୁ ବିଦା ହେଲେ କୋଟିପତି ଅତିରିକ୍ତ ଉପଜିଲ୍ଲାପାଳ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ବରିଷ୍ଠ ଓଡିଶା ପ୍ରଶାସନିକ ସେବା ଅଧିକାରୀ ନବରଙ୍ଗପୁରର ପୂର୍ବତନ ସହକାରୀ ଉପ- ଜିଲ୍ଲାପାଳ ପ୍ରଶାନ୍ତ କୁମାର ରାଉତଙ୍କୁ ସରକାରୀ ଚାକିରୀରୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ବିଭିନ୍ନ ଦୁର୍ନୀତିରେ ଅଭିଯୋଗରେ ଜଡିତ ଥିବା କାରଣରୁ ମୁଖ୍ୟମନ୍ତ୍ରୀ ଏହି ପଦକ୍ଷେପ ନେଇଛନ୍ତି । ଦୁର୍ନୀତି କ୍ଷେତ୍ରରେ ଶୂନ୍ୟ ସହିଷ୍ଣୁତା ନୀତି ଅବଲମ୍ବନ କରି ମୁଖ୍ୟମନ୍ତ୍ରୀ ସବୁବେଳେ ଏ କ୍ଷେତ୍ରରେ କଡା ପଦକ୍ଷେପ ନେଇଆସିଛନ୍ତି । ସୂଚନାଯୋଗ୍ୟ ଯେ



ଶ୍ରୀ ରାଉତଙ୍କ ନାଁରେ ୪ଟି ଦୁର୍ନୀତି ଅଭିଯୋଗ ସହିତ ବିଭାଗୀୟ ତଦନ୍ତ ମଧ୍ୟ ଜାରି ରହିଛି । ୨ ଦିନ ପୂର୍ବେ ପ୍ରଶାନ୍ତଙ୍କୁ ଭିଜିଲାନ୍ସ ଗିରଫ କରିଥିଲା । ତାଙ୍କ ନିକଟରୁ ବିପୁଳ ଆୟ ବହିର୍ଭୂତ ସମ୍ପତି ଠାବ କରାଯାଇଥିଲା । ଆୟ ବହିର୍ଭୂତ ସମ୍ପତି ଠୁଳ ଅଭିଯୋଗରେ ଭିଜିଲାନ୍ସ ଚଢାଉ ପରେ ପ୍ରଶାନ୍ତଙ୍କ ଘରୁ ନଗଦ ୩ କୋଟି ଟଙ୍କା ସହ ୫ କୋଟିରୁ ଅଧିକ ସମ୍ପତି ମିଳିଥିଲା । ଆୟଠାରୁ ୫୦୦%ରୁ ଅଧିକ ସମ୍ପତି ଠାବ କରିଥିଲା ଭିଜିଲାନ୍ସ । କେବଳ ତାଙ୍କ ଠାରୁ ୩ କୋଟି ଟଙ୍କାରୁ ଉର୍ଦ୍ଧ ନଗଦ ଭିଜିଲାନ୍ସ ଜବତ କରିଥିଲା । ପ୍ରକାଶ ଥାଉ କି ବର୍ତମାନ ସୁଦ୍ଧା ଏହାକୁ ମିଶାଇ ୧୮୮ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଏହି ଅଧିକାରୀ ମାନଙ୍କୁ କାର୍ଯ୍ୟରୁ ବହିଷ୍କାର, ବାଧ୍ୟତାମୂଳକ ଅବସର ଦିଆଯାଇଛି ବା ସେମାନଙ୍କ ପେନ୍ସନ ସ୍ଥାୟୀ ଭାବେ ବନ୍ଦ କରାଯାଇଛି ।

## ଇଦ୍ -ଉଲ୍ -ଜୁହା ପାଇଁ ଜୁନ୍ ୨୯ ତାରିଖ ଛୁଟି ଘୋଷଣା

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଚଳିତ ଜୁନ୍ ୨୯ ତାରିଖ(ଗୁରୁବାର) ଦିନ 'ଇଦ୍-ଉଲ୍-ଜୁହା' ପର୍ବ ପଡୁଥିବାରୁ ରାଜ୍ୟ ସରକାର ଏହି ଦିନଟିକୁ ଛୁଟି ଘୋଷଣା କରିଛନ୍ତି । ପୂର୍ବରୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜୁନ୍ ୩୦ (ଶୁକ୍ରବାର) ଦିନଟିକୁ 'ଇଦ୍-ଉଲ୍-ଜୁହା' ନିମନ୍ତେ ଛୁଟି ଘୋଷଣା କରାଯାଇଥିଲା । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ପ୍ରକାଶିତ ପରିବର୍ତ୍ତିତ ବିଜ୍ଞପ୍ତି ଅନୁସାରେ ଜୁନ୍ ୩୦ ତାରିଖ ପରିବର୍ତେ ଜୁନ୍ ୨୯ ତାରିଖ (ଗୁରୁବାର) ଦିନଟିକୁ 'ଇଦ୍-ଉଲ୍-ଜୁହ' ପର୍ବ ନିମନ୍ତେ ଛୁଟି ଘୋଷଣା କରାଯାଇଛି । ଏହି ଘୋଷଣା ଅନୁଯାୟୀ ଜୁନ୍ ୨୯ ତାରିଖ ଦିନ ରାଜ୍ୟ ସରକାରଙ୍କ ସମସ୍ତ କାର୍ଯ୍ୟାଳୟ, ରାଜ୍ୟରେ କାର୍ଯ୍ୟରତ ସମସ୍ତ ବ୍ୟାଙ୍କ ଓ ବ୍ୟାଙ୍କିଂ ପ୍ରତିଷ୍ଠାନ ଏବଂ ରାଜସ୍ୱ ଓ ମାଜିଷ୍ଟ୍ରିଆଲ୍ କୋର୍ଟ (ଏକ୍‌ଜିକୁଟିଭ୍) ବନ୍ଦ ରହିବ ।

## ରାଜଧାନୀରୁ ମହିଳାଙ୍କ ମୃତ ଦେହ ଉଦ୍ଧାର

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ରାଜଧାନୀର କଟକ ରୋଡ୍ ଚିନ୍ତାମଣିଶ୍ୱର ଜେନା କଲୋନିରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି । ମହିଳାଜଣକ ବେକରେ ଶାଢ଼ି ଲଗାଇ ମହିଳା ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ମିଳିଥିବା ସୂଚନା ଅନୁସାରେ ମୃତ ମହିଳାଙ୍କ ନାମ ଜେ.କେ ମିଲନ୍ । ସେ ବେକରେ ଶାଢ଼ି ଲଗାଇ ଆତ୍ମହତ୍ୟା କରିଥିବା ସନ୍ଦେହ କରାଯାଉଛି । ମୃତ ମହିଳାଙ୍କ ବୟସ ପାଖାପାଖି ୪୦ ବର୍ଷ ବୋଲି କୁହାଯାଉଛି । ଆତ୍ମହତ୍ୟା କରିବା ସମୟରେ ମିଲନଙ୍କ ସ୍ୱାମୀ ମଧ୍ୟ ଘରେ ନଥିବା କୁହା ଯାଉଛି ।

# ଆଜି ଜନ୍ମବେଦିରୁ ରତ୍ନବେଦିକୁ ବାହୁଡ଼ିବେ ଶ୍ରୀଜୀଉ

ପୁରୀ, ୨୭/୦୬ (ନି.ପ୍ର): ଶରଧାବାଲିରେ ମହାପ୍ରଭୁଙ୍କ ଆଡ଼ପ ଦର୍ଶନ ମଙ୍ଗଳବାର ସନ୍ଧ୍ୟା ୫ଟାରେ ଶେଷ ହୋଇଯାଇଛି । ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସମୟ ଅନୁସାରେ ସାଧାରଣ ଭକ୍ତମାନେ ଆଜି ସକାଳ ୭ଟାରୁ ସନ୍ଧ୍ୟା ୫ଟା ଯାଏଁ ଧାଡ଼ିରେ ରହି ଆଡ଼ପ ଦର୍ଶନ କରିଛନ୍ତି । ପବିତ୍ର ନବମୀ ତିଥିରେ ସନ୍ଧ୍ୟା ଦର୍ଶନ ଶେଷ ହେଲା ପରେ ଶ୍ରୀଜିଉମାନଙ୍କର ବାହୁଡା ଯାତ୍ରା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଆଡ଼ପ ଅବଢ଼ା ରାତି ୧୨ ପର୍ଯ୍ୟନ୍ତ ଉପଲବ୍ଧ ହେବ । ଭକ୍ତମାନେ ନାକଚଣା ଦ୍ୱାରଦେଇ ଆନନ୍ଦ ବଜାରରୁ ଆଡ଼ପ ଅବଢ଼ା



ଆଣିପାରିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି । ମହାପ୍ରଭୁ ଆସନ୍ତାକାଲି (ବୁଧବାର) ବଡ଼ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କୁ ନେଇ ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ । ଏଥି ପାଇଁ ଶ୍ରୀକ୍ଷେତ୍ରରେ ପୁଣି ଥରେ ଭକ୍ତମାନଙ୍କର ଚଳଚଞ୍ଚଳ ଦେଖାଯାଇଛି । ବାହୁଡ଼ାଯାତ୍ରାରେ ମଧ୍ୟ ଲକ୍ଷାଧିକ ଭକ୍ତ ଏକତ୍ର ହେବେ । ପ୍ରବଳ ଜନଗହଳିକୁ ନଜରରେ ରଖି ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି । ଭକ୍ତମାନେ କିପରି ସୁରୁଖୁରୁରେ ମହାବାହୁଙ୍କ ଦର୍ଶନ କରିବା ସହ ରଥ ଟାଣିପାରିବେ ସେ ନେଇ ମଧ୍ୟ ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଭକ୍ତମାନେ ଆଜି ଜନ୍ମବେଦିରେ ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ କରିଥିଲେ । ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିଥିବା ମହାପ୍ରଭୁଙ୍କ ଜନ୍ମବେଦିରେ ଏହା ଥିଲା ଶେଷ ଦର୍ଶନ । ଏଥିପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତଙ୍କ ସମାଗମ ହୋଇଥିଲା ।

## ଦିଗପହଣ୍ଡି ଦୁର୍ଘଟଣା ମାମଲାରେ ଓଏସଆରଟିସି ବସ ଚାଳକ କୋର୍ଟ ଚାଲାଣ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଦିଗପହଣ୍ଡିରେ ଗତ କାଲି ଘଟିଥିବା ମର୍ମନ୍ତୁଦ ସଡକ ଦୁର୍ଘଟଣା ମାମଲାରେ ଓଏସଆରଟିସି ବସ ଚାଳକକୁ କୋର୍ଟ ଚାଲାଣ କରାଯାଇଛି । କୋର୍ଟ ଚାଲାଣ କରାଯିବା ପୂର୍ବରୁ ଡ୍ରାଇଭର ମାନସ ପ୍ରଧାନକୁ ମେଡ଼ିକାଲ ଚେକ୍ ଅପ ପାଇଁ ଦିଗପହଣ୍ଡି ମେଡ଼ିକାଲକୁ ଅଣାଯାଇଥିଲା । ଏ ସମ୍ପର୍କରେ ପ୍ରତିକ୍ରିୟା ଦେଇ ବସର ଡ୍ରାଇଭର ମାନସ କହିଛନ୍ତି ଯେ ସେ ମଦ୍ୟପାନ କରି ନ ଥିଲେ । ତାଙ୍କ ବସକୁ ଘରୋଇ ବସ ଆଣିକି ପିଟିଛି । ୧୨:୩୦ରେ ଏଭଳି ଘଟଣା ଘଟିଲା । ସେ କହିଛନ୍ତି ଯେ ତାଙ୍କର ଆଖି ପଡିନାହିଁ । ଗାଡିରେ ଦୁଇ ଜଣ ଡ୍ରାଇଭର ରହିଥିଲୁ । ସେ ଓଏସଆରଟିସି ବସ ଦୁଇବର୍ଷ ଧରି ଚଲାଉଛନ୍ତି । ଘଟଣା ପରେ ସେ ନିଜେ ଡରରେ ଭୁବନେଶ୍ୱର ଯାଇଥିଲେ ଓ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ ।

## ଉଗ୍ରରୂପ ଦେଖାଇଲେ ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଦୀର୍ଘ ୪ ଶହ ଦିନ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେଲେ । ଶେଷରେ ଉଗ୍ରରୂପ ଦେଖାଇଲେ । ସରକାର କୌଣସି ଦାବି ନ ଶୁଣିବାରୁ ଆଜି ପୁଲିସକୁ ଚକମା ଦେଇ ବିଧାନସଭା ନିକଟ ଯାଏଁ ମାଡ଼ି ଆସିଥିଲେ ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ । ଯେଉଁଠି ପୁଲିସ ସହ ହୋଇଥିଲା ଧସ୍ତାଧସ୍ତି । ଶେଷରେ ପୁଲିସ ଆନ୍ଦୋଳନକାରୀଙ୍କୁ ଗିରଫ କରିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା । ଆଜି ଭୁବନେଶ୍ୱରରେ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆନ୍ଦୋଳନକୁ ନେଇ ପୁଲିସ ନକେଦମ ହୋଇଛି । ସୂଚନା ମୁତାବକ, ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିଲା ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘର ଆନ୍ଦୋଳନ । ତେବେ ମାସ ମାସ ଧରି ଆନ୍ଦୋଳନ ସତ୍ତ୍ୱେ ବି ତାଙ୍କ କଥା କେହି ଶୁଣୁନଥିବାରୁ ଆଜି ହଠାତ୍ ଗାନ୍ଧିମାର୍ଗରେ କରିଥିରେ ଗର୍ଜନ । ପୁଲିସର ବାରିକେଡ୍ ଭାଙ୍ଗି ବିଧାନସଭା ଆଡେ ମାଡିଚାଲିଲେ ଆନ୍ଦୋଳନକାରୀ ଅଧ୍ୟାପକ । କେହି କିଛି ବୁଝିବା ପୂର୍ବରୁ ବିଧାନସଭା ପାଖିପାଖି ପହଞ୍ଚିଗଲେ । ଡ୍ୟୁଟିରେ ଥିବା ପୁଲିସ ଯେତେ ବୁଝାଇଲେ ବି ସେମାନେ ବୁଝିବା ମୁଡ୍ରେ ନଥିଲେ । ଭାଗ୍ୟକୁ ବିଧାନସଭା ପୂର୍ବରୁ ପିଏମଜି ପାଖରେ ଏକ ଅସ୍ଥାୟୀ ବାରିକେଡ ଥିଲା ।

▶▶ପୃଷ୍ଠା ୭

## ୟୁନିଫର୍ମ ସିଭିଲ କୋଡ୍ ସପକ୍ଷରେ କହିଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୨୭/୦୬ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୪ ନିର୍ବାଚନ ପୂର୍ବରୁ ଖୋଲାଖୋଲି ଭାବେ ୟୁନିଫର୍ମ ସିଭିଲ କୋଡ(ୟୁସିସି) ବା ଏକକ ନାଗରିକ ସଂହିତା ସପକ୍ଷରେ ମତ ରଖିଛନ୍ତି । ସମ୍ବିଧାନରେ ଏହାର ପ୍ରାବଧାନ ରହିଛି ଓ ସୁପ୍ରିମକୋର୍ଟ ମଧ୍ୟ ଏହାକୁ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଛନ୍ତି । ୟସିସିକୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରାଯାଉଛି ଓ ମୁସଲିମ ସଂପ୍ରଦାୟର ଲୋକଙ୍କୁ ଉସକା ଯାଉଛି ବୋଲି ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି । ମଧ୍ୟପ୍ରଦେଶର ଭୋପାଲରେ ବିଜେପି କର୍ମୀଙ୍କୁ ସମ୍ବୋଧନ କରି ମୋଦି କହିଛନ୍ତି, "ଆଜିକା ଦିନରେ ଲୋକଙ୍କୁ ୟୁସିସି ନାଁରେ ଉସକା ଯାଉଛି । ଦେଶ କେମିତି ଦୁଇଟି ଆଇନରେ ପରିଚାଳିତ ହେବ ? ସମ୍ବିଧାନ ମଧ୍ୟ ସମାନ ଅଧିକାର କଥା କହିଛି । ସୁପ୍ରିମକୋର୍ଟ ୟୁସିସି କାର୍ଯ୍ୟକାରୀ କରିବାକୁ କହିଛନ୍ତି । ଏହି (ବିରୋଧୀ) ଲୋକମାନେ ଉକ୍ତ ପ୍ରସଙ୍ଗକୁ

▶▶ପୃଷ୍ଠା ୭



## ବୈଦ୍ୟୁତିକ ସୁରକ୍ଷା ସପ୍ତାହ ଆରମ୍ଭ

ଜୟପୁର, ୨୭/୦୬ (ନି.ପ୍ର): ଟି.ପି . ଦକ୍ଷିଣାଂଚଳ ଓଡ଼ିଶା ବିତରଣ ଲିମିଟେଡ ଆନୁକୂଲ୍ୟରେ ଚତୁର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହ କାର୍ଯ୍ୟକ୍ରମ ଜୟପୁର ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ୨୬ଜୁନ୍ ରୁ ୨ଜୁଲାଇ ପର୍ଯ୍ୟନ୍ତ ଜୟପୁରର ପ୍ରତ୍ୟେକ ବିଦ୍ୟୁତ ବିଭାଗରେ ଅନୁଷ୍ଠିତ ହେବ। ଚତୁର୍ଥ ଜାତୀୟ ବୈଦ୍ୟୁତିକ ସୁରକ୍ଷା ସପ୍ତାହର ଆଭିମୁଖ୍ୟ ବୈଦ୍ୟୁତିକ ସୁରକ୍ଷା - ଏହା ସହ ବୁଝାମଣା ନୁହେଁ, ସଠିକ ଜ୍ଞାନ ଆବଶ୍ୟକ । ଏହି କାର୍ଯ୍ୟକ୍ରମରେ ଜୟପୁରର ଡିଜିଏମ ଶ୍ରୀ ମନ୍ମଥ ନାଥ ମିଶ୍ର, ନିର୍ବାହୀ ଯନ୍ତ୍ରୀ ଶ୍ରୀ ବରୁଣ ଚୌଧୁରୀ ଓ ଜି.ଆର. ଏଫ. ର ଅଧକ୍ଷ ଟି . ତପନ ରଶ୍ମି ସୁବୁଦ୍ଧି ଉପସ୍ଥିତ ରହି ବିଭିନ୍ନ ବୈଦ୍ୟୁତିକ ସୁରକ୍ଷା ସଚେତନତା ବାର୍ତା କର୍ମଚାରୀଙ୍କୁ ଜଣାଇ ଥିଲେ। କାର୍ଯ୍ୟକ୍ରମଟି ସୁରକ୍ଷା ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ହୋଇଥିଲା ତାଙ୍କୁ ସହଯୋଗ କରିଥିଲେ ସୌମ୍ୟ ରଞ୍ଜନ ଲେଙ୍କା ଓ ସୁଜିତ କୁମାର ସ୍ୱାଇଁ।

ଉପସ୍ଥିତ ଥିବା ଅନାନ୍ୟ ଉଚ୍ଚ ଅଧିକାରୀ ମାନେ ହେଲେ ବିଶ୍ୱଜିତ ମେଣ୍ଟୁଲି, ପରିମଳ ପଲ, ସନ୍ତୋଷ କୁମାର ମହାନ୍ତି, ରାଜେଶ କୁମାର ସାହୁ, ସନ୍ଦିପ ପଟ୍ଟନାୟକ, ରଞ୍ଜନ କୁମାର ମଲ୍ଲିକ, ରଶ୍ମି ରଞ୍ଜନ ସାହୁ, ବିଚିତ୍ର କୁମାର ବେହେରା, ରାହୁଲ ଶତପଥୀ ଆଲୋକ କୁମାର ନାୟକ ଓ ଜ୍ଞାନ ରଞ୍ଜନ ରାଉତ।

## ଜିଲ୍ଲାସ୍ତରରେ ଅନ୍ତର୍ଜାତୀୟ ନିଶା ଓ ବେଆଇନ୍ କାରବାର ନିବାରଣ ଦିବସ ପାଳିତ

ଗଞ୍ଜାମ, ୨୭/୦୬ (ନି.ପ୍ର): ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ନିଶା ଓ ବେଆଇନ୍ କାରବାର ନିବାରଣ ଦିବସ ସୋମବାର ଦିନ ପାଳିତ ହୋଇଯାଇଛି । ଜିଲ୍ଲା ସମାଜ କଲ୍ୟାଣ ଓ ଜିଲ୍ଲା ଅବକାରୀ ବିଭାଗର ମିଳିତ ସହଯୋଗକ୍ରମେ ଜିଲ୍ଲା ସ୍ତରରେ ଏହି ସଚେତନତା ଦିବସ ପାଳିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାହାରିଥିବା ସଚେତନତା ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ । ଶୋଭାଯାତ୍ରାଟି ଛତ୍ରପୁର ସହର ପରିକ୍ରମା ଶେଷ କରି ଜିଲ୍ଲା ସଂସ୍କୃତି ଭବନ ଠାରେ ପହଂଚି ଥିଲା ।ସେହି ଠାରେ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଅତିଥିଗଣ ନିଜ ବକ୍ତବ୍ୟରେ ନିଶା ସେବନ ଓ ବେଆଇନ କାରବାର ଯୋଗୁଁ କେଉଁ ସବୁ ପରିସ୍ଥିତି ଦେଖା ଦେଇଛି ଏବଂ ଏଥି ସକାଶେ ମଣିଷର କେଉଁ କ୍ଷତି ସାଧନ ହୋଇଥାଏ ତାହା ଜଣାଇଥିଲେ । ନିଶା ସେବନ ଦ୍ୱାରା ମଣିଷ ନିଜର ପରିବାରର ତଥା ସମାଜର କ୍ଷତି ସାଧନ କରିଥାଏ ।ନିଶା ସେବନ ମଣିଷର ମାନସିକ, ଶାରିରୀକ, ପାରିବାରିକ ତଥା ଦେଶ ଦଶର କ୍ଷତି ସାଧନ କରିଥିବା ବକ୍ତାଗଣ ଜଣାଇଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରାଙ୍କ ପରିଚାଳନାରେ ଅନୁଷ୍ଠିତ ସଚେତନତା ସଭା କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ କଲ୍ୟାଣୀ ଦାଶ ନିଜ ବକ୍ତବ୍ୟରେ ଜିଲ୍ଲାରେ ନିଶା ନିବାରଣ ତଥା ନିଶାସକ୍ତ ବ୍ୟକ୍ତି ମାନଙ୍କର ଥଇଥାନ, କଲ୍ୟାଣ ଓ ସୁରକ୍ଷା ନିମନ୍ତେ କେଉଁ ସବୁ କାର୍ଯ୍ୟପନ୍ଥା କରାଯାଇ ଆସୁଅଛି ତାହା ଜଣାଇ ସମାଜରେ ନିଶା କାରବାର ଦ୍ୱାରା କେଉଁସବୁ ଅସୁବିଧା ଦେଖାଯାଉଛି ତାହା ଜଣାଇଥିଲେ । ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଲୀନା କୁମାରୀ ଖେସ୍ ନିଜ ବକ୍ତବ୍ୟରେ ନିଶା ସେବନ ଦ୍ୱାରା ନିଶା ସେବନ କରୁଥିବା ବ୍ୟକ୍ତିଙ୍କ ଦ୍ୱାରା ପରିବାର, ସମ୍ପ୍ରଦାୟ ଓ ଜନ ସମାଜରେ କିଭଳି ପ୍ରଭାବ ପଡୁଛି ତାହା ଜଣାଇ ନିଶା ଦ୍ରବ୍ୟଠାରୁ ନିଜକୁ ଦୂରରେ ରଖି ସୁସ୍ଥ ମଣିଷ ପରି ବଂଚିବାକୁ କହିଥିଲେ । କାଲିର ଭବିଷ୍ୟତ ଯୁବପିଢୀଙ୍କୁ ସଜାଗ ରହିବାକୁ ପ୍ରବର୍ତାଇ ଥିଲେ । ବି. ବାଳକୃଷ୍ଣ ନିଶାର ପ୍ରଭାବ ଓ ନିରାକରଣ ଆବଶ୍ୟକତା ଉପରେ ମତବ୍ୟକ୍ତ କରିଥିଲେ । ରାଜଯୋଗିନୀ ବିଜୟ ଲକ୍ଷ୍ମୀ ନିଶା ସେବନ ଠାରୁ ଦୂରରେ ରହିବା ସକାଶେ ଈଶ୍ୱର ବିଶ୍ୱାସୀ ହେବାକୁ କହିଥିଲେ । ଅବକାରୀ ଅଧୀକ୍ଷକ ଦେବୀ ପ୍ରସାଦ ଦାଶ ନିଶା ଦ୍ରବ୍ୟର ଚୋରା ଚାଲାଣ ରୋକିବା ଦିଗରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ପର୍କରେ ଅବଗତ କରାଇ ଧନ୍ୟବାଦ ଉପସ୍ଥାପନ କରିଥିଲେ । ୟୁରୋକିଡସ୍ ଇଂରାଜୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଚେତନତାମୂଳକ ଏକାଙ୍କିକା ପ୍ରଦର୍ଶିତ ହୋଇଥିଲା ଏବଂ ପରେ ଦାସକାଠିଆ ପରିବେଷଣ ମାଧ୍ୟମରେ ସଚେତନତା ବାର୍ତା ପ୍ରଦାନ କରାଯାଇଥିଲା । ଜିଲ୍ଲା ସ୍ତରର ବିଭିନ୍ନ ବିଦ୍ୟାଳୟର ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ଜିଲ୍ଲା ଅବକାରୀ ବିଭାଗୀୟ କର୍ମକର୍ତା, ଅଧିକାରୀ ଏବଂ ସମାଜ କଲ୍ୟାଣ ବିଭାଗର କର୍ମକର୍ତା ଅଧିକାରୀଗଣ ଶୋଭାଯାତ୍ରା ଓ ସଭାକାର୍ଯ୍ୟରେ ଉପସ୍ଥିତ ଥିଲେ ।

## ଟାଟା ପାୱାର ଅଫିସ୍ ଘେରାଉ କରି ତାଲା ପକାଇଲା ବିଜେପି

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଅଘୋଷିତ ବିଦ୍ୟୁତ୍ କାଟ,ବିଲ୍ ରେ ଚଂଚକତା ଓ ହରିଲୁଟ ପ୍ରତିବାଦରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ପକ୍ଷରୁ ପାୱାର ହାଉସ୍ ଛକ ନିକଟ ଟାଟା ପାୱାର ଅଫିସ୍ ଘେରାଉ କରି ତାଲା ପକାଯାଇଛି।ବିଜେପି ଅଭିଯୋଗ କରିଛି ଯେ ଟାଟା ପାୱାର ଲୋକଙ୍କ ଠାରୁ ୩୦ ଦିନ ବଦଳରେ ୪୦ ଦିନର ଦେୟ ଆଦାୟ କରୁଛି। ଏହା ଭିତରେ ଏକ ବଡ଼ ଦୁର୍ନୀତି ଓ ହରିଲୁଟ ହେଉଛି। ଭାରତୀୟ ଜନତା ପାର୍ଟି ସେଥିପାଇଁ ଆଜି ରାଜରାସ୍ତାକୁ ଓହ୍ଲାଇଛି ଓ ଟାଟା ପାୱାର କମ୍ପାନୀ ଅଫିସ୍ ରେ ତାଲା ପକାଇଛି। ଯେଉଁ ପର୍ଯ୍ୟନ୍ତ ଟାଟା ପାୱାର କମ୍ପାନୀ ଓଡ଼ିଶା ବାସୀଙ୍କ ସହ ପ୍ରତାରଣା କରୁଥିବ ଓ ଗରିବ ଲୋକଙ୍କ ଝାଳ ବୁହା ପଇସାକୁ ଲୁଟୁଥିବ ନିଶ୍ଚିନ୍ତ ଭାବେ ଭାରତୀୟ ଜନତା ପାର୍ଟି ବାରମ୍ବାର ରାଜରାସ୍ତାକୁ ଓହ୍ଲାଇବ ଓ ଏହି ଲଢେଇ ଜାରି ରଖିବ ବୋଲି ଜିଲ୍ଲା ସଭାପତି ବାବୁ ସିଂ କହିଛନ୍ତି। ବିଜୁଳି ଭିତିଭୂମିର ବିକାଶ ପାଇଁ ଗତ ୧୦ ବର୍ଷରେ ୨୦ହଜାର କୋଟି ଟଙ୍କା ଖର୍ଚ୍ଚ କରିଥିବା ରାଜ୍ୟ ସରକାର କହୁଥିବା ବେଳେ ବିତରଣ ଦାୟୀତ୍ୱରେ ଥିବା ଟାଟ ପାୱାର କମ୍ପାନୀ କହୁଛି ୫୦୦୦କୋଟି ଟଙ୍କାର ଭିତିଭୂମି ଅଛି । ତେବେ ୧୫ହଜାର କୋଟି ଟଙ୍କାରୁ ଅଧିକ ଦୁର୍ନୀତି ହୋଇଛି । ଦୁର୍ନୀତି କରିଛି କିଏ ? ଓଡିଶାର ବିଜୁଳି ଦୁର୍ନୀତି ଘଟଣା ଚଳିତ ଦଶନ୍ଧୀର ବଡ ଦୁର୍ନୀତି । ବିଜୁ ଜନତା ଦଳ ସରକାରର ଶକ୍ତିମନ୍ତ୍ରୀ ଦାୟିତ୍ୱରେ ଥିବା ସମସ୍ତ ମନ୍ତ୍ରୀମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯାଉ । କେନ୍ଦ୍ରୀୟ ସଂସ୍ଥା ଦ୍ୱାରା ଏହାର ତଦନ୍ତ ହେଉ। ଆଜିର କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂଗଠନିକ ଜିଲ୍ଲା ବିଜେପି ର ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ, ଦିଲ୍ଲୀପ ବେହେରା, ଜିଲ୍ଲା ଉପ ସଭାପତି ରାଜେନ୍ଦ୍ର ଦାସ,ରାଜ୍ୟ ଯୁବ ମୋର୍ଚ୍ଚା ସମ୍ପାଦକ ମନୋଜ ପଣ୍ଡିମକବାଟ ପ୍ରମୁଖ ଯୋଗଦେଇଥିଲେ।

## ବଲାଙ୍ଗୀରର ସୁନାମଧନ୍ୟ ଆଇନଜୀବୀ ମାର୍କଣ୍ଡ ମିଶ୍ର ପରଲୋକ

ବଲାଙ୍ଗୀର, ୨୭/୦୬ (ନି.ପ୍ର): ଝାଡ଼ଖଣ୍ଡ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ ସଂଜୟ ମିଶ୍ରଙ୍କ ପିତା ଟିକ୍ରାପଡ଼ା ନିବାସୀ ବଲାଙ୍ଗୀର ସହରରେ ବେଶ୍ ଜଣାଶୁଣା ବରିଷ୍ଠ ଓକିଲ ଶ୍ରୀଯୁକ୍ତ ମାର୍କଣ୍ଡ ମିଶ୍ର ଆଉ ନାହାନ୍ତି। ଆଜି ତାଙ୍କର ୮୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଗତ ଦଶଦିନ ହେବ ଶ୍ରୀ ମିଶ୍ରଙ୍କ ଧର୍ମପତ୍ନୀ ସମସ୍ତଙ୍କୁ ଛାଡି ଆର ପାରିକୁ ଚାଲି ଯାଇଥିଲେ। ଆଜି ତାଙ୍କ ଦଶାହ କାର୍ଯ୍ୟ ରହିଥିଲା। ଦଶାହ ଦିବସରେ ହିଁ ଓକିଲ ମାର୍କଣ୍ଡ ମିଶ୍ରଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବଲାଙ୍ଗୀର ବାସୀଙ୍କୁ କ୍ଷୁବ୍ଧ କରିଦେଇଛି।

## ଅଭିଯୋଗ ପରେ ନଦୀ ବନ୍ଧରେ ବାଲି ଭାରୀଯାନ ବନ୍ଦ କଲା ପ୍ରଶାସନ

କୋରେଇ, ୨୭/୦୬ (ନି.ପ୍ର): ପାଣିକୋଇଲି ଥାନା ତଥା ମୂଳାପାଳ ପଂଚାୟତର ନଦୀ ବନ୍ଧରେ ବାଲି ଭାରୀଯାନ ଚଳାଚଳ ଯୋଗୁ ଯାତାୟତ ବାଧା ପ୍ରାପ୍ତ ହେଉଥିଲା। ଏନେଇ ସ୍ଥାନୀୟ ଅଧିବାସୀ ମାନେ ଆସି ବ୍ୟାସନଗର ତହସିଲଦାର ଓ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକଙ୍କୁ ଲିଖିତ ଅଭିଯୋଗ କରିବା ପରେ ତହସିଲ ପକ୍ଷରୁ ଜନସାଧାରଣଙ୍କ ହିତ ପାଇଁ ଏହାକୁ ବନ୍ଦ ରଖିବାକୁ ପାଣିକୋଇଲି ପୁଲିସକୁ ନିର୍ଦ୍ଦେଶ ଦେଇଥିଲେ । ପାଣିକୋଇଲି ପୁଲିସ ପକ୍ଷରୁ ନଦୀ ବନ୍ଧରେ ବାଲି ଗାଡି ଚଳାଚଳକୁ ବନ୍ଦ କରିବାରୁ ଆଜି ବାଲି ଚାଲାଣ ବନ୍ଦ ରହିଛି। ପ୍ରକାଶଯେ ୧୬ ନମ୍ବର ଜାତୀୟ ରାଜପଥ ବୈତରଣୀ ବ୍ରିଜ ନିକଟରୁ ବୈତରଣୀ ରୋଡ ରେଳ ଫାଟକ ପର୍ଯ୍ୟନ୍ତ ଉକ୍ତ ନଦୀ ବନ୍ଧଟି ଯାଇଛି। ଅଭିଯୋଗ ମୁତାବକ ଏହି ବନ୍ଧ ଉପରେ ସମ୍ପୂର୍ଣ୍ଣ ମୂଳାପାଳ ପଂଚାୟତ ସହିତ ଅମୃତିଆ, ବନ୍ଦାଳୋ, ବରୁଣ୍ଡାଇ ଆଦି ପଂଚାୟତର ଅଧିବାସୀମାନେ ନିର୍ଭର କରନ୍ତି । ବାଲି ଗାଡି ଚଳାଚଳ ଯୋଗୁ ନଦୀ ବନ୍ଧ ଦୁର୍ବଳ ହୋଇଛି। ବର୍ଷା ଦିନ ଆସିବା ପୂର୍ବରୁ ତାର ମରାମତି ମଧ୍ୟ କରାଯାଇ ନାହିଁ। ଭାରୀଯାନ ଚଳାଚଳ ଯୋଗୁ ବନ୍ଧରେ ପିଚୁ ମଧ୍ୟ ନାହିଁ। ବର୍ତମାନ ବର୍ଷା ଆରମ୍ଭ ହୋଇଛି । ଫଳରେ ରାସ୍ତାଟି ଖାଲଖମା ଓ ପାଣି କାଦୁଅରେ ଭର୍ତି ହୋଇଛି । ଯାହା ଫଳରେ ଯାତାୟତରେ ବାଧା ଦେଖାଦେଇଛି । ଏହି ଅସୁବିଧାକୁ ଦ୍ୱିଗୁଣିତ କରିଛି ଭାରୀଯାନରେ ବାଲି ଉଠାଣ । ଭାରୀଯାନ ଯାତାୟତ ଯୋଗୁ ବନ୍ଧ ରାସ୍ତାରେ ଯିବା ଆସିବା ଅସୁବିଧା ହେଉଛି। କାଦୁଅ ଛିଟାରେ ବିଦ୍ୟାଳୟ ଓ ମହାବିଦ୍ୟାଳୟକୁ ଛାତ୍ର/ଛାତ୍ରୀ ମାନେ ଯାତାୟତ କରିପାରୁ ନାହାନ୍ତି । ଏମିତିକି ଆମ୍ବୁଲାନ୍ସ ବା ଜନନୀ ସୁରକ୍ଷା ଗାଡି ଯାତାୟତରେ ବାଧାପ୍ରାପ୍ତ ହେଉଛି । ଅଭିଯୋଗ ପରେ ପ୍ରଶାସନ ପକ୍ଷରୁ ବାଲି ଚାଲାଣ ବନ୍ଦ କରାଯାଇଛି । ପ୍ରଶାସନର ତ୍ୱରୀତ ପଦକ୍ଷେପକୁ ପଂଚାୟତ ବାସୀ ସ୍ୱାଗତ କରିଛନ୍ତି।

## ୧୬ ରାଜ୍ୟ ପାଇଁ ୫୬,୪୧୫ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର

ନୂଆଦିଲ୍ଲୀ, ୨୬ ଜୁନ (ହି.ସ.) ଭାରତ ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ଅଧୀନ ବ୍ୟୟ ବିଭାଗ ଦ୍ୱାରା ଚଳିତ ଆର୍ଥିକ ବର୍ଷରେ ଦେଶର ୧୬ ରାଜ୍ୟ ପାଇଁ ୫୬,୪୧୫ କୋଟି ଟଙ୍କାର ପୁଞ୍ଜି ବିନିଯୋଗ ପ୍ରସ୍ତାବକୁ ମଞ୍ଜୁର କରାଯାଇଛି । 'ପୁଞ୍ଜି ନିବେଶ ପାଇଁ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଜନା-୨୦୨୩-୨୪' ଅଧୀନରେ ଏହି ଅନୁମୋଦନ ମିଳିଛି । ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ଜଳ ଯୋଗାଣ, ବିଦ୍ୟୁତ ଶକତି, ସଡ଼କ, ସେତୁ ଏବଂ ରେଳ ଆଦି ସମେତ ବିଭିନ୍ନ କ୍ଷେତ୍ରରେ ପୁଞ୍ଜି ନିବେଶ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ଜଳ ଜୀବନ ମିଶନ ଏବଂ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ରାଜ୍ୟ ଭାଗ ପୂରଣ କରିବା ପାଇଁ ମଧ ଏହି ଯୋଜନାରେ ପାଣ୍ଠି ଯୋଗାଇ ଦିଆଯାଇଛି । ଫଳରେ ଏସବୁ ଯୋଜନା ସହ ଜଡ଼ିତ ପ୍ରକଳ୍ପଗୁଡ଼ିକର କାମ ତ୍ୱରାନ୍ୱିତ ହୋଇପାରିବ । ପୁଞ୍ଜି ବ୍ୟୟର ଉଚ୍ଚ ବହୁଗୁଣିତ ପ୍ରଭାବକୁ ଦୃଷ୍ଟିରେ ରଖି ଏବଂ ରାଜ୍ୟମାନଙ୍କ ଦ୍ୱାରା ପୁଞ୍ଜି ବ୍ୟୟକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ୨୦୨୩-୨୪ ସାଧାରଣ ବଜେଟ୍‌ରେ 'ପୁଞ୍ଜି ନିବେଶ ପାଇଁ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଜନା-୨୦୨୩-୨୪'ର ଘୋଷଣା କରାଯାଇଥିଲା। ଏହି ଯୋଜନା ଅଧୀନରେ, ରାଜ୍ୟ ସରକାରଙ୍କୁ ୫୦ ବର୍ଷର ସୁଧମୁକ୍ତ ଋଣ ଆକାରରେ ରାଜ୍ୟମାନଙ୍କୁ ସ୍ୱତନ୍ତ୍ର ସହାୟତା ଯୋଗାଇ ଦିଆଯାଉଛି ।୨୦୨୩-୨୪ ଆର୍ଥିକ ବର୍ଷରେ ସର୍ବମୋଟ୍ ୧.୩ ଲକ୍ଷ କୋଟି ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଏହି ଯୋଜନାର ଆଠଟି ଭାଗ ରହିଛି, ପ୍ରଥମ ଭାଗରେ ୧ ଲକ୍ଷ କୋଟି ଟଙ୍କାର ସର୍ବାଧିକ ଅର୍ଥ ଆବଂଟନ କରାଯାଇଛି । ଏହି ପରିମାଣ ପଂଚଦଶ ଅର୍ଥ ଆୟୋଗଙ୍କ ବରାଦ ଅନୁଯାୟୀ, କେନ୍ଦ୍ରୀୟ ଟିକସ ଓ ଶୁଳ୍କ ଭାଗ ଆକାରରେ ରାଜ୍ୟମାନଙ୍କୁ ଆବଂଟନ କରାଯାଇଛି । ଯୋଜନାର ଅନ୍ୟ ଭାଗଟି ସଂସ୍କାର ସହ ଜଡ଼ିତ କିମ୍ବା କ୍ଷେତ୍ର ନିର୍ଦ୍ଧାରିତ ପ୍ରକଳ୍ପ ପାଇଁ ଉଦ୍ଦିଷ୍ଟ। ଯୋଜନାର ଦ୍ୱିତୀୟ ଭାଗରେ, ୩ହଜାର କୋଟି ଟଙ୍କା ରାଜ୍ୟମାନଙ୍କୁ ପ୍ରୋତ୍ସାହନ ଆକାରରେ ଦିଆଯିବା ପାଇଁ ବ୍ୟବସ୍ଥା କରାଯାଇଛି । ରାଜ୍ୟ ସରକାରୀ ଗାଡ଼ି ଓ ଆମ୍ବୁଲାନ୍ସ ସ୍କ୍ରାପିଂ, ପୁରୁଣା ଗାଡ଼ି ଉପରେ ଦେୟତା ଛାଡ଼, ପୁରୁଣା ଗାଡ଼ି ସ୍କ୍ରାପିଂ ପାଇଁ ବ୍ୟକ୍ତିବିଶେଷମାନଙ୍କୁ ଟିକସ ରିହାତି ଯୋଗାଇ ଦେବା ଏବଂ ସ୍ୱୟଂକ୍ରିୟ ଯାନ ପରୀକ୍ଷା ସୁବିଧା ପ୍ରତିଷ୍ଠା ପାଇଁ ଏହି ଭାଗରେ ଆର୍ଥିକ ପ୍ରୋତ୍ସାହନ ଦେବାର ବ୍ୟବସ୍ଥା ରହିଛି । ଯୋଜନାର ଭାଗ-୩ ଓ ୪କୁ ସହରାଂଚଳ ଯୋଜନା ପ୍ରସ୍ତୁତି ଓ ସହରାଂଚଳ ଅର୍ଥ ଯୋଗାଣରେ ସଂସ୍କାର ପାଇଁ ଆର୍ଥିକ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ରଖାଯାଇଛି ।

## ପୋକ୍ସୋ ଆଇନ ବିଷୟରେ ସଚେତନତା କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୭/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଏକ ଆଇନ ସଚେତନତା ଶିବିର ଜେଜେ (ସିପିସି) ଆକ୍ଟ ଓ ପୋକ୍ସୋ ଆଇନ ବିଷୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ସ୍କୁଲର ଛାତ୍ରଛାତ୍ରୀ ମାନଙ୍କୁ ନେଇ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କୁ ସଚେତନ କରାଇବା ସହିତ ପିଲାମାନେ କିପରି ଅପରାଧ ଠାରୁ ଦୂରେଇ ରହି ଭଲ ମଣିଷ ହୋଇ ପାରିବେ ତାହା ଉପରେ ଆଲୋଚନା କରାଯାଇ ଥିଲା। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଶ୍ରୀମତୀ ସୁମିତ୍ରା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷ ନିରଞ୍ଜନ ବେହେରାଙ୍କ ସମେତ ପ୍ରତିଭା ସାମଲ, ସଂଜୟ କୁମାର ମଥାନ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଶିବିର ପରିଚାଳନା ରେ ସହଯୋଗ କରିଥିଲେ।

## ମୁକ୍ତ ବିଚାର ମଂଚର ୫୦ତମ ଆଲୋଚନାଚକ୍ର

ନୂଆପଡ଼ା, ୨୭/୦୬ (ନି.ପ୍ର): ମୁକ୍ତ ବିଚାର ମଂଚ ଖଡ଼ିଆଳର ୫୦ ତମ ଆଲୋଚନାଚକ୍ର ଖଡ଼ିଆଳ ସ୍ଥିତ ମିଳିତ ପ୍ରାଥମିକ ଶିକ୍ଷକ ଭବନରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ବିଚାର ମଂଚର ବରିଷ୍ଠ ସଦସ୍ୟ ଡଃ ଫଣିନ୍ଦମ ଦେଓଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଡଃ ସୁଶାନ୍ତ କୁମାର ବିଶି ସ୍ୱାଗତ ସମ୍ଭାଷଣ ଓ ପରିଚୟ ପ୍ରଦାନ କରିଥିଲେ । ବିଚାର ମଂଚର ଶୀର୍ଷକ ବିହୀନ ଏହି ଆଲୋଚନା ଚକ୍ରରେ ଉପସ୍ଥିତ ସଦସ୍ୟ ବୃନ୍ଦ ଖଡ଼ିଆଳ ଅଂଚଳରେ ମୁକ୍ତ ବିଚାର ମଂଚର ଧାରାବାହିକ ବୌଦ୍ଧିକ ଆନ୍ଦୋଳନ ସମ୍ପର୍କରେ ମତାମତ ପ୍ରଦାନ କରିଥିଲେ । ପ୍ରାକ୍ତନ ଆୟକର କମିଶନର ଶ୍ରୀକାନ୍ତ ଚଟର୍ଜୀଙ୍କ ଚିନ୍ତା ଓ ଚେତନାରୁ ୨୦୧୭ ମସିହା ନଭେମ୍ବରରେ ଜନ୍ମ ନେଇଥିବା ଏହି ବୌଦ୍ଧିକ ଅନୁଷ୍ଠାନଟି ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବୀ, ଗବେଷକ ଓ ଛାତ୍ରଛାତ୍ରୀ ମାନଙ୍କ ପାଇଁ ପ୍ରଜ୍ଞାର ଏକ ଆଲୋକ ସ୍ତମ୍ଭ ସାଜିଛି ।୫୦ ତମ ସଂସ୍କରଣରେ ଉପନୀତ ହେବା ପ୍ରକୃତରେ ଗୌରବର ବିଷୟ ବୋଲି ଅତିଥି ମାନେ ପ୍ରଶଂସା କରିଥିଲେ । ଏ ଅବସରରେ ବିଚାର ମଂଚର ପୁନର୍ଗଠନ ହୋଇ ମିଯୋଗ ରଞ୍ଜନ ପାତ୍ର ଓ ଡଃ ଧୀରଜ ତାୟଲଙ୍କୁ ଦାୟିତ୍ୱ ହସ୍ତାନ୍ତର କରାଗଲା । ବରିଷ୍ଠ ସଦସ୍ୟ ବୃନ୍ଦ ମୁକ୍ତ ବିଚାର ମଂଚର ଦୀର୍ଘ ଜୀବନ କାମନା କରିଥିଲେ । ଏହି ସମାରୋହରେ ବିଚାର ମଂଚର ଅଧକ୍ଷ ଶ୍ରୀକାନ୍ତ ଚଟର୍ଜୀ, ପ୍ରାଧ୍ୟାପକ ଅଶ୍ୱନୀ ପାଢ଼ୀ, ପ୍ରାଧ୍ୟାପକ ଲୋହିତାକ୍ଷ ଯୋଷୀ, ପ୍ରାଧ୍ୟାପକ ସାମୁଏଲ ଦାନୀ, ଡଃ ସୁଶାନ୍ତ କୁମାର ବିଶି, ବଜରଙ୍ଗ ଲାଲ ଅଗ୍ରୱାଲ, ଡଃ ପଦ୍ମଲୋଚନ ବର୍ମା, ସନାତନ ମହାନ୍ତି, ଡଃ ତରୁଣ ପ୍ରଧାନ, ସଞ୍ଜିବ କୁମାର ପାଢ଼ୀ, ଅଧ୍ୟାପକ ରୁଦ୍ର ମାଧବ ବାରିକ, ଅଧ୍ୟାପକ ବିଜୟ ଦେ, ସତୀଶ ପଟ୍ଟନାୟକ, ଅଧ୍ୟାପକ ଅବନୀ ଖମାରୀ, କିଶୋର ବାଗ, ଆଦିତ୍ୟ ନାରାୟଣ ପଣ୍ଡା, ଇଂ ଅବକାଶ ପଣ୍ଡା, ଅଧ୍ୟାପିକା ମିନା ସା, ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପକ ସୁରେନ୍ଦ୍ର ପ୍ରଧାନୀ, ପ୍ରକାଶ ଠାକୁର, କାର୍ତିକ ବାଗ, ଯୁଧିଷ୍ଠିର ମେହେର, ରାମଚନ୍ଦ୍ର ବେହେରା, ଭାନୁଚନ୍ଦ୍ର ସୁନାନୀ, ଆଦିତ୍ୟ ନାରାୟଣ ସିଂହ ପ୍ରମୁଖ ସହଯୋଗ କରିଥିଲେ । ମିଯୋଗ ରଞ୍ଜନ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବୁଲା ଗାଈ ଗୋରୁଙ୍କ ପାଇଁ ମୁଖ୍ୟ ରାସ୍ତା ଅବରୋଧ: ଅନ୍ୟତ୍ର ସ୍ଥାନାନ୍ତର ପାଇଁ ଦାବି

କେନ୍ଦ୍ରାପଡ଼ା, ୨୭/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସହିତ ସହରର ବିଭିନ୍ନ ସ୍ଥାନରେ ବୁଲା ଗାଈ ଗୋରୁ, କୁକୁର, ଷଣ୍ଢ, ଛେଳି,ମେଣ୍ଢାଙ୍କ ଦୌରାତ୍ମ୍ୟ ଦିନକୁ ଦିନ ବଢିବାରେ ଲାଗିଛି । ଏହି ପଶୁମାନଙ୍କର ମାଲିକ ମାନେ ରାସ୍ତାରେ ଗାଈ ଗୋରୁଙ୍କୁ ଛାଡିବା ଫଳରେ ଦୈନିକ ଦୁର୍ଘଟଣା ଘଟି ପଥଚାରୀ ମାନେ ଗୁରୁତର ଭାବେ ଆହତ ହେବା ସହ ଜିଲ୍ଲାର କେତେକ ସ୍ଥାନରେ ମୃତ୍ୟୁ ବରଣ କରିଥିବା ଜଣାପଡିଛି । ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ପୌରସଂସ୍ଥା ତରଫରୁ ପଶୁମାନଙ୍କୁ ନେବାପାଇଁ ଏକ ଯାନ ଆସିଛି । ଏହି ଯାନ ଭିତରେ ଗାଈଗୋରୁଙ୍କୁ ନେଇ ଏକ ନିଛାଟିଆ ସ୍ଥାନରେ ଛାଡୁଛନ୍ତି । ପଶୁମାନଙ୍କୁ ନେବାପାଇଁ ନିଯୁକ୍ତି ପାଇଥିବା କର୍ମଚାରୀ ମାନେ ଗାଈକୁ ନେବା ସମୟରେ ଗାଈ ମାଲିକ ମାନଙ୍କୁ ଫୋନ ମାଧ୍ୟମରେ ଜଣାଇ ଦେଉଥିବାରୁ ମାଲିକ ମାନେ ଛଡା ଯାଇଥିବା ସ୍ଥାନରୁ ଗାଈକୁ ଆନି ପୁନର୍ବାର ପୁଣି ରାସ୍ତା ଉପରେ ଛାଡୁଛନ୍ତି । ମୁଖ୍ୟ ରାସ୍ତାରେ ଦମକଳ, ଆମ୍ବୁଲାନ୍ସ, ସ୍କୁଲ ଛାତ୍ରଛାତ୍ରୀଙ୍କ ଗାଡି ରାସ୍ତା ଅବରୋଧ ଦ୍ୱାରା ଘଂଟା ଘଂଟା ଧରି ଛିଡାହୋଇ ରହୁଛି । ତୁରନ୍ତ ଏହି ଗାଈ ଗୋରୁ ମାନଙ୍କ ମାଲିକଙ୍କ ପ୍ରତି କଠୋର କାର୍ଯ୍ୟାନୁଷ୍ଠାନ ନେବା ସହ ରାସ୍ତାରେ ବୁଲୁଥିବା ଗାଈ ଗୋରୁମାନଙ୍କୁ ଜିଲ୍ଲା ବାହାରେ ତଥା ଜଙ୍ଗଲରେ ଛାଡିବା ପାଇଁ ସାଧାରଣରେ ଦାବି ହେଉଛି ।

## ନାବାଳିକା ଉଦ୍ଧାର ସହ ଅପହର୍ତା ଅଟକ

କୋରେଇ, ୨୭/୦୬ (ନି.ପ୍ର): ପାଣିକୋଇଲି ପୁଲିସ ୫ ମାସ ପରେ ଜୈନିକ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅପହର୍ତାଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି । ପ୍ରକାଶଯେ ଗତ ୨୦୨୩ ଜାନୁଆରୀ ୨୬ ତାରିଖ ଶଙ୍ଖଚିଲା ଫାଣ୍ଡି ତଥା ଖମଣ ପଂଚାୟତ ଠାକୁର ପାଟଣା ଗ୍ରାମର ବାସୁଦେବ ମଳିକଙ୍କ ନାବାଳିକା କନ୍ୟା ରଙ୍ଗ(ଛଦ୍ମନାମ) (୧୬)ଶଙ୍ଖଚିଲା ହାଇସ୍କୁଲକୁ ପାଠ ପଢିବାକୁ ଯାଇ ଆଉ ଘରକୁ ଫେରିନଥିଲା । ବହୁ ଖୋଜା ଖୋଜି ପରେ ତାର କୌଣସି ସନ୍ଧାନ ମିଳିନଥିଲା । ଏନେଇ ତାର ମା କୁନ୍ତଳା ମଳିକ ଶଙ୍ଖଚିଲା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ । କାଦଡିହ କାଳିଆପାଳ ଗ୍ରାମର ଟୁନା ଯେନା ତାକୁ ନେଇଥିବା ନେଇ ଶଙ୍ଖଚିଲାର ଦୁଇଟି ଦୋକାନରୁ ସିସିଟିଭିରୁ ଜଣାପଡିଥିଲା । ଟୁନାର ଭଉଣୀ ଘର ବାସୁଦେବଙ୍କ ଘର ନିକଟରେ ହୋଇଥିବା ବେଳେ ଟୁନା ସବୁବେଳ ଯାତାୟତ କରେ ଯାହା ଫଳରେ ସିସିଟିଭି ଫୁଟେଜରୁ ତାକୁ ଚିହ୍ନି ହୋଇଥିଲା।

## ବିପର୍ଯ୍ୟୟ ଏବଂ ମହାମାରୀ ପରିଚାଳନା ପାଇଁ ସମସ୍ତ ସରକାରୀ କର୍ମଚାରୀଙ୍କୁ ଦିଆଯିବ ତାଲିମ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଗତ ୨୯ ମଇ, ୨୦୨୧ରେ ରାଜ୍ୟ ମନ୍ତ୍ରୀ ପରିଷଦର ଏକ ଐତିହାସିକ ନିଷ୍ପତି କ୍ରମେ ରାଜ୍ୟର ମୁଖ୍ୟ ଶାସନ ସଚିବଙ୍କ ଠାରୁ ଆରମ୍ଭ କରି ଗ୍ରୁପ୍-ଡି ପର୍ଯ୍ୟନ୍ତ ସମସ୍ତ କର୍ମଚାରୀଙ୍କୁ ବିପର୍ଯ୍ୟୟ ଏବଂ ମହାମାରୀ ପରିଚାଳନା ସମ୍ବନ୍ଧୀୟ ତାଲିମ୍ ଦିଆଯିବ। ଏହି ନିଷ୍ପତି ଅନୁପାଳନପୂର୍ବକ ବିପର୍ଯ୍ୟୟ ଏବଂ ମହାମାରୀ ପରିଚାଳନା ନିମନ୍ତେ ଉକ୍ତ ବିଷୟ ସମ୍ବନ୍ଧୀୟ ପାଠ୍ୟକ୍ରମ ବିକଶିତ କରାଯାଉଛି। ଗ୍ରୁପ୍-ଡି ସ୍ତରର ସମସ୍ତ କର୍ମଚାରୀଙ୍କ ପାଇଁ ଯେଉଁ ପାଠ୍ୟକ୍ରମ ନିର୍ଦ୍ଧାରିତ ହେବ, ତାହା କ୍ରମାଗତ ଭାବେ ବୃଦ୍ଧି ହୋଇ ଗ୍ରୁପ୍-ଏ ସ୍ତରର କର୍ମଚାରୀମାନେ ମଧ ସମସ୍ତ ପାଠ୍ୟକ୍ରମକୁ ସଂପୂର୍ଣ୍ଣ କରିବେ। ଏହାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁର ଓ ଉଚ୍ଚଶିକ୍ଷା ବିଭାଗର ସହଭାଗିତାରେ ଏକ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି । ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଏସ୍ଆରସି ସତ୍ୟବ୍ରତ ସାହୁ, ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ, ସୂଚନା ଓ ଲୋକସଂପର୍କ ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ, ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ, ସମ୍ବଲପୁରର କୁଳପତି ପ୍ରଫେସର ଅର୍କ କୁମାର ଦାସମହାପାତ୍ରଙ୍କ ଉପସ୍ଥିତିରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା । ଓସ୍‌ଡମା ପକ୍ଷରୁ ପରିଚାଳନା ନିର୍ଦ୍ଦେଶକ ଡ. ଜ୍ଞାନ ଦାସ, ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସଚିବ ବୀରେନ୍ଦ୍ର କୋରକରା ଏବଂ ଓଡ଼ିଶା ରାଜ୍ୟ ମୁକ୍ତ ବିଦ୍ୟାଳୟ, ସମ୍ବଲପୁରଙ୍କ ପକ୍ଷରୁ ରେଜିଷ୍ଟ୍ରାର ପ୍ରଫେସର ମାନସ ରଞ୍ଜନ ପୂଜାରୀ ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ । ତାଲିମ୍, ଦକ୍ଷତା ବୃଦ୍ଧି ଏବଂ ପାଠ୍ୟକ୍ରମ ପ୍ରସ୍ତୁତ କରିବାରେ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ବୈଷୟିକ ସହାୟତା ପ୍ରଦାନ କରିବ । ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ବିଭିନ୍ନ ବିଭାଗ ସ୍ତରୀୟ ସରକାରୀ କର୍ମଚାରୀମାନଙ୍କର ଦକ୍ଷତା ବୃଦ୍ଧି କରିବା ଏହି ମିଳିତ ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ । ନିର୍ଦ୍ଦେଶାବଳୀ ଅନୁଯାୟୀ ଏହି ପାଠ୍ୟକ୍ରମକୁ ମୁକ୍ତ ଏବଂ ଦୂର ଶିକ୍ଷା ନିମନ୍ତେ ଶିକ୍ଷଣ ପରିଚାଳନା ବ୍ୟବସ୍ଥା ପ୍ଲାଟଫର୍ମରେ ଅନ୍-ଲାଇନ୍ ରେ ମାଧ୍ୟମରେ ଏହି ଚାରିଗୋଟିର ଡିଜାଇନ୍ ଏବଂ ବିକାଶ କରାଯାଇଛି । ଏଥି ସହ ଶିକ୍ଷାର୍ଥୀମାନଙ୍କର ଡାଟାବେସ୍ ବିକାଶ, ସେମାନଙ୍କର ଅଗ୍ରଗତିକୁ ନିରୀକ୍ଷଣ କରିବା ଏବଂ ଅନଲାଇନ୍ ପାଠ୍ୟକ୍ରମର ସମାପ୍ତି ପରେ ପ୍ରମାଣପତ୍ର ପ୍ରଦାନ ନିମନ୍ତେ ଏକ ୱେବ୍ ଆଧାରିତ ଆପ୍ଲିକେଶନ ବିକଶିତ କରାଯାଇଛି ।

## ଭୁବନେଶ୍ୱରରେ ଓଡ଼ିଶା ଗୁଣବତ୍ତା ସଂକଳ୍ପର ଶୁଭାରମ୍ଭ

ଭୁବନେଶ୍ୱର, ୨୭/୦୬ (ନି.ପ୍ର): ଓଡ଼ିଶା ସରକାର ଓ ଭାରତୀୟ ଗୁଣବତା ପରିଷଦର ମିଳିତ ସହଭାଗିତାରେ ଆଜି ଭୁବନେଶ୍ୱର ଠାରେ ଓଡ଼ିଶା ଗୁଣବତା ସଂକଳ୍ପ ଅଭିଯାନର ଶୁଭାରମ୍ଭ କରାଯାଇଛି । ଏଥିରେ ଆସୋଚାମ୍, ଫିକ୍କି, ଇଇପିସି, ଓଏସଏମଇ, ପିଏଚଡିସିସିଆଇ, ସିପେଟ୍, ଏଫଏଚଆରଏଆଇ ଭଳି ଉଦ୍ୟୋଗ ସଂଘ ସହଯୋଗୀ ଭାବେ ସାମିଲ ହୋଇଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା ଏହି ସଂକଳ୍ପକୁ ଉଦଘାଟନ କରିଥିବା ବେଳେ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ ଏହି ଅବସରରେ ଉପସ୍ଥିତ ରହିଥିଲେ । ବହୁସଂଖ୍ୟକ ନୀତିନିର୍ମାତା, ଉଦ୍ୟୋଗ ଜଗତର ନେତୃବର୍ଗ, ଅଭ୍ୟାସକର୍ତା ଏବଂ ଶିକ୍ଷା ଜଗତର ସଦସ୍ୟମାନେ ଓଡ଼ିଶାର ବିଭିନ୍ନ କ୍ଷେତ୍ରରେ ଏକ ଗୁଣବତାର ପରିବେଶ ପରିତନ୍ତ୍ରକୁ ପ୍ରଶସ୍ତ କରିବା ଲାଗି ଆଲୋଚନା କରିଥିଲେ, ଯାହାଫଳରେ ଏକ ପ୍ରଗତିଶୀଳ ଓ ସଶକ୍ତ ଓଡ଼ିଶାର ବିଚାର ଉପରେ ଆଲୋକପାତ କରାଯାଇପାରିବ । ଭାରତୀୟ ଗୁଣବତା ପରିଷଦ (କ୍ୟୁସିଆଇ) ଅଧକ୍ଷ ଜକ୍ଷୟ ଶାହା କହିଛନ୍ତି, ''ଓଡ଼ିଶା ନିଜର ପ୍ରଚୁର ପ୍ରାକୃତିକ ସମ୍ପଦ, ପ୍ରତିଭାଶାଳୀ ଓ ପରିଶ୍ରମୀ କାର୍ଯ୍ୟବଳ ଓ ଏକ ସକ୍ଷମ ପ୍ରଶାସନ ସହିତ ଭାରତର ବିକାଶ ଗାଥାରେ ଏକ ଅଗ୍ରଣୀ ରାଜ୍ୟ ମଧ୍ୟରୁ ଅନ୍ୟତମ ହେବା ଲାଗି ପ୍ରସ୍ତୁତ ରହିଛି । ଓଡ଼ିଶା କ୍ରୀଡ଼ା କ୍ଷେତ୍ରରେ ଯଥେଷ୍ଟ ପ୍ରଗତି କରୁଛି । ଆଜି ଆମେ ଏଠାରେ ତୃଣମୂଳ ସ୍ତରରେ ସମ୍ପର୍କ ସ୍ଥାପନ କରିବା ଏବଂ ଭାରତର ପ୍ରତ୍ୟେକ ଭାଗରେ ପ୍ରତ୍ୟେକ ନାଗରିକଙ୍କ ଡିଏନଏରେ ଗୁଣବତାର ବିଚାରକୁ ସାମିଲ କରିବା ଲାଗି ଏକାଠି ହୋଇଛୁ ।'' ଏହି କାର୍ଯ୍ୟକ୍ରମ ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ ବାର୍ତା ଦେଇଥିଲେ । ସେ ମାନବ ଗତିବିଧିର ପ୍ରତ୍ୟେକ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ରୂପରେ ଗୁଣବତାର ଭୂମିକା ଉପରେ ଜୋର ଦେଇଥିଲେ । ସେ କହିଥିଲେ, ଓଡ଼ିଶାର ପ୍ରଗତିଶୀଳ ଫାଇଭ୍ ଟି ପ୍ରୟାସ ସାର୍ବଜନୀନ ସେବା ବିତରଣ, ଐତିହ୍ୟ ପର୍ଯ୍ୟଟନ, ସ୍ୱାସ୍ଥ୍ୟ ସେବା, ଶିକ୍ଷା ଓ କୌଶଳ, ପାନୀୟ ଜଳ ଆଦି ଭଳି କ୍ଷେତ୍ରରେ ଗୁଣବତା ଆଣିବା ଦିଗରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି । ମାପି ହେଉଥିବା ଏବଂ ଅନୁଧ୍ୟାନ କରାଯାଇପାରୁଥିବା ଏକ ମାପଦଣ୍ଡ ଭାବେ ଗୁଣବତା ଯେଉଁ ଭୂମିକା ନିର୍ବାହ କରିଥାଏ ତାହାର ଲାଭ ଉଠାଇବାରେ ଆମେ ସକ୍ଷମ ହେବା ଉଚିତ୍ । ଆମେ ସମସ୍ତେ ମିଶି ଏକ ନୂତନ ଓ ସଶକ୍ତ ଓଡ଼ିଶା ଗଠନ କରିପାରିବା । ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଗୁଣବତା ବିଷୟରେ ମତବ୍ୟକ୍ତ କରି କହିଥିଲେ ଯେ ଗୁଣବତା ଏକ ନିରନ୍ତର ପ୍ରକ୍ରିୟା ଏବଂ ଏହାର ଅନ୍ତ ନାହିଁ । ରାଜ୍ୟରେ ଆଥଲେଟିକ୍ ଚାମ୍ପିଅନସିପ୍ ଆୟୋଜନ କରିବା ଲାଗି ମାତ୍ର ୯୮ ଦିନ ମଧ୍ୟରେ କଳିଙ୍ଗ ଷ୍ଟାଡିୟମର ନବୀକରଣ କରାଯାଇପାରିଥିଲା । ଆମେ ୧୫ ମାସ ମଧ୍ୟରେ ରାଉରକେଲାରେ ସର୍ବବୃହତ ହକି ଷ୍ଟାଡିୟମ ନିର୍ମାଣ କରିବାରେ ଚଳିତ ବର୍ଷ ଆମେ ସଫଳ ହୋଇଛୁ । ରାଜ୍ୟରେ କ୍ରମାଗତ ଦୁଇଟି ହକି ବିଶ୍ୱକପର ସଫଳ ଆୟୋଜନ କରାଯାଇଛି । ଅତି କମ୍ ସମୟ ମଧ୍ୟରେ ନିର୍ମାଣ କରାଯାଇଥିବା ଗୁଣବତା ପୂର୍ଣ୍ଣ ପ୍ରକଳ୍ପ କାରଣରୁ ଏହା ସମ୍ଭବ ହୋଇପାରିଛି ଯେଉଁଥିରେ ପ୍ରାରମ୍ଭରୁ ଗୁଣବତା ପ୍ରତି ଗୁରୁତ୍ୱାରୋପ କରାଯାଇଛି । ଆପଣମାନେ ଦେଖୁଥିବେ ରଥଯାତ୍ରାରେ ଆମେ ୧୫ ଲକ୍ଷ ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛୁ । ଓଡ଼ିଶାରେ ଆମେ ଭିତିଭୂମି ଉପରେ ସର୍ବାଧିକ ବଜେଟ୍ ଖର୍ଚ୍ଚ କରୁଛୁ, ତେଣୁ ଆମ ପାଖରେ ଗୁଣବତା ସୁନିଶ୍ଚିତ କରିବା ଲାଗି ଇଚ୍ଛାଶକ୍ତି ଓ ସମ୍ବଳ ରହିଛି । ଓଡ଼ିଶାର ମୂଲ୍ୟ ବ୍ୟବସ୍ଥାରେ ଗୁଣବତା ଏକ ପ୍ରମୁଖ ଏବଂ ମୂଳ ଉପାଦାନ ହୋଇ ରହିଛି ବୋଲି ମୁଖ୍ୟ ଶାସନ ସଚିବ କହିଥିଲେ । ଓଡ଼ିଶାରେ ହେଉଥିବା ଦ୍ରୁତ ପରିବର୍ତନ ସମ୍ପର୍କରେ ଉନ୍ନୟନ କମିଶନର ଶ୍ରୀମତୀ ଅନୁ ଗର୍ଗ କହିଥିଲେ ଯେ, ପୂର୍ବରୁ ୫-୧୦ଟି ଜଳ ସେଚନ ପ୍ରକଳ୍ପ କାମ ହାତକୁ ନିଆଯାଉଥିବା ଏବେ ପ୍ରାୟ ୪୦-୫୦ ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି ।

# ହାଡ ମଜବୁତ କରିବା ସହ ଓଜନ କମାଏ ନାସପାତି, ଜାଣନ୍ତୁ ଏହାର ଅନ୍ୟ ଫାଇଦା



ମୌସୁମୀ ଫଳ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ନାସପାତି ମଧ୍ୟ ଏକ ଋତୁକାଳୀନ ଫଳ। ଏହାକୁ ପିୟର୍ସ ମଧ୍ୟ କୁହାଯାଏ। ନାସପାତି ଖାଇବା ଦ୍ୱାରା ଶରୀରକୁ ଅନେକ ଲାଭ ମିଳିଥାଏ। ଏଥିରେ ଭିଟାମିନ୍ ସି, ଭିଟାମିନ୍ ବି-କମ୍ପ୍ଲେକ୍ସ, କେ, ମିନେରାଲ୍ସ, ପୋଟାସିୟମ୍, ଫୋଲେଟ୍, ଫାଇବର, କପର, ମାଙ୍ଗାନିଜ୍ ଏବଂ ମ୍ୟାଗ୍ନେସିୟମ୍ ରହିଛି। ନାସପାତିରେ କ୍ୟାଲୋରୀ ପରିମାଣ ବହୁତ କମ୍, ଯାହା ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ଏଥିରେ ପ୍ରଚୁର ପରିମାଣରେ ଫାଇବର ଥାଏ, ଯାହା ହଜମ ଶକ୍ତି ବଢ଼ାଇଥାଏ।

ନାସପାତିରେ ଆଉ କଣ କଣ ଲାଭ ଅଛି ଆସନ୍ତୁ ଜାଣିବା...

ପ୍ରତିରୋଧକ ଶକ୍ତି ବଢାଏ – ନାସପାତିରେ ଭିଟାମିନ୍ ସି ଏବଂ ଅନେକ ପୋଷକ ତତ୍ତ୍ୱ ଥାଏ, ଯାହା ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରିଥାଏ।

ହାଡ ମଜବୁତ କରେ – ନାସପାତି କ୍ୟାଲସିୟମର ଏକ ଉତ୍ତମ ଉତ୍ସ। ହାଡକୁ ଶକ୍ତିଶାଳୀ କରିବାରେ କ୍ୟାଲସିୟମ ସାହାଯ୍ୟ କରେ। ହାଡର ଦୁର୍ବଳତାକୁ ରୋକିବା ପାଇଁ ନାସପାତି ଖାଇବା ଉଚିତ୍।

ଆୟରନ – ନାସପାତିରେ ବହୁ ପରିମାଣରେ ଆଇରନ୍ ରହିଛି। ଯେଉଁମାନଙ୍କର ହେମୋଗ୍ଲୋବିନ ମାତ୍ରା କମ୍ ସେମାନେ ନାସପାତି ଖାଇବା ଉଚିତ୍। ଏହା ରକ୍ତହୀନତାର ଅଭାବ ପୂରଣ କରିବାରେ ସାହାଯ୍ୟ କରିଥାଏ।

ପାଚନ ତନ୍ତ୍ର – ନାସପାତି ଖାଇବା ଦ୍ୱାରା ହଜମ ପ୍ରକ୍ରିୟାରେ ଉନ୍ନତି ହୋଇଥାଏ। ଯେଉଁମାନଙ୍କର ପାଚନ ସମସ୍ୟା ରହିଛି ସେମାନେ ନାସପାତି ଖାଇବା ଉଚିତ। ଏହା ହିତକର ହୋଇଥାଏ।

ଥକାପଣ – ଥକ୍କାପଣ, ଶରୀରରେ ଦୁର୍ବଳତା ଅନୁଭବ କରୁଥିବା ବ୍ୟକ୍ତି ନାସପାତି ଖାଇବା ଉଚିତ୍। ନାସପାତିରୁ ମିଳୁଥିବା ପୁଷ୍ଟିକର ଶକ୍ତି ବୃଦ୍ଧିରେ ସହାୟକ ହୁଏ। ଏହା ଚର୍ମକୁ ସୁସ୍ଥ ରଖିବାରେ ମଧ୍ୟ ସାହାଯ୍ୟ କରିଥାଏ।

ଓଜନ ହ୍ରାସ – ନାସପାତି ଓଜନ ହ୍ରାସ କରିବାରେ ସାହାଯ୍ୟ କରିଥାଏ। ନାସପାତିରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ରହିଥାଏ। ସେଥିପାଇଁ ନିଜ ଆହାରରେ ନାସପାତି ନିଶ୍ଚୟ ସାମିଲ କରନ୍ତୁ।





# ଏହି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ।

୧. ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।

୨. ପୋଷଣ ଅଭାବରୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ କାରଣରୁ ମଧ୍ୟ ଡାର୍କସର୍କଲ୍ ସମସ୍ୟା ଦେଖାଦେଇଥାଏ।

୩. ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ। ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ।

୪. ଆଲର୍ଜି ବା ଔଷଧ ଯୋଗୁଁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ।



୫. ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ।


ବିଜ୍ଞପ୍ତି

ବାହାନଗା ବଜାର (ବାଲେଶ୍ୱର)ର

ଦୁଃଖଦ ରେଳ ଦୁର୍ଘଟଣାରେ ମୃତକଙ୍କ ସମ୍ପର୍କୀୟ/ଆତ୍ମୀୟଙ୍କ ନିମନ୍ତେ

ଏତଦ୍ୱାରା 02.06.2023ରେ ବାହାନଗା ବଜାର, ଜିଲ୍ଲା-ବାଲେଶ୍ୱର (ଓଡ଼ିଶା)ରେ 12841 ଶାଲିମାର-ଏମ୍‌ଜିଆର ଚେନ୍ନାଇ ସେଣ୍ଟ୍ରାଲ କରମଣ୍ଡଳ ଏକ୍ସପ୍ରେସ୍ ଏବଂ 12864 ଏସ୍‌ଏମ୍‌ଭିବି-ହାଓଡ଼ା ଏକ୍ସପ୍ରେସ୍ ମଧ୍ୟରେ ସଂଘଟିତ ମର୍ମନ୍ତୁଦ ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ସମ୍ପର୍କୀୟ/ଆତ୍ମୀୟମାନଙ୍କୁ ଅଚିହ୍ନା ମୃତକଙ୍କ ସହ ସମ୍ପର୍କ ସିଦ୍ଧ କରିବା ନିମନ୍ତେ ନିଜର ଡିଏନ୍‌ଏ ନମୁନା ପ୍ରଦାନ କରିବାକୁ ଭାରତୀୟ ରେଳ ଅନୁରୋଧ ଜଣାଉଛି।

ସ୍ଥାନ

ଆକାଡେମିକ ବ୍ଲକ (କମିଟି ରୁମ),

AIIMS, ଭୁବନେଶ୍ୱର

ଦୟାକରି ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସହ ଯୋଗାଯୋଗ କରନ୍ତୁ:

139

ଭାରତୀୟ ରେଳ ହେଲ୍‌ପ୍‌ଲାଇନ୍

ଶ୍ରୀ ଦିଗମ୍ବର ପାଢ଼ି, ସହାୟକ କାର୍ମିକ ଅଧିକାରୀ
ମୋବାଇଲ-8455887604

ଶ୍ରୀ ବିଶ୍ୱନାଥ ପାଢ଼ି, ସହାୟକ ବାଣିଜ୍ୟ ପ୍ରବନ୍ଧକ
ମୋବାଇଲ-8455885967

ଶ୍ରୀ ବି.ତପନ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885040

ଶ୍ରୀ ବିକାଶ କୁମାର, ଲୋକସମ୍ପର୍କ ଅଧିକାରୀ
ମୋବାଇଲ-8455885041

ଭୁବନେଶ୍ୱର ରେଳ ଷ୍ଟେସନଠାରେ ସହାୟତା: 0674-2534027

ପୂର୍ବ ତଟ ରେଳପଥ କଣ୍ଟ୍ରୋଲ ରୁମ୍, ଭୁବନେଶ୍ୱରଠାରେ ସହାୟତା: 8455885999

ଏବଂ ଖୋର୍ଦ୍ଧା ରୋଡ୍‌ଠାରେ ସହାୟତା: 8455887999

D-9/23

ଭାରତୀୟ ରେଳ


## ଲଙ୍ଗ୍ ସ୍ରଗ୍ ଟ୍ରେଣ୍ଡ

ଲଙ୍ଗ୍ ସ୍ରଗ୍ ଟ୍ରେଣ୍ଡରେ ରହିଛି । ଏଥନିକ୍ ଏବଂ କାଜୁଆଲ୍ ଉଭୟ ଆଉଟଫିଟ୍ ସହିତ ଲଙ୍ଗ୍ ସ୍ରଗ୍ ପିନ୍ଧିପାରିବେ । ଏଥିରେ ଏକ ଫ୍ୟୁଜନ କମ୍ବିନେସନ ମଧ୍ୟ ବନେଇ ପାରିବେ । କଲରଫୁଲ, ପ୍ଲେନ୍, ଫ୍ଲୋରାଲ ଏବଂ ଡବଲ ସାଇଡେଡ୍ ସ୍ରଗ୍ ଖୁବ୍ ଷ୍ଟାଇଲିଶ୍ ଲାଗିଥାଏ।

**ସିଜନ୍ ଅନୁସାରେ ଷ୍ଟାଇଲ ବନାନ୍ତୁ:**

ଏବେ ବଲିଉଡ୍ ଅଭିନେତ୍ରୀମାନେ ବଡିକନ୍ ଡ୍ରେସ୍, ସର୍ଟସ୍ ଏବଂ ଟୁ ପିସ୍ ଉପରେ ଲଙ୍ଗ୍ ସ୍ରଗ୍ ପିନ୍ଧିବାର ନଜର ଆସୁଛନ୍ତି । ଜିନ୍ସ, ସ୍କର୍ଟ, ମ୍ୟାକ୍ସି ଡ୍ରେସ୍, ଗାଇନ୍, କୁର୍ତ୍ତା ଏବଂ ସର୍ଟସ୍ ସହିତ ଲଙ୍ଗ୍ ସ୍ରଗ୍ ଭଲ ମାନିଥାଏ। ଏହାର ସ୍ଲିଭଲେସ୍ ଏବଂ ଫୁଲ କିମ୍ବା ଥ୍ରି ଫୋର୍ଥ ସ୍ଲିଭସ୍ ପରି ଅନେକ ଭେରାଇଟି ମିଳୁଛି । ତେବେ ହେଭି, ବୋଲ୍ଡ ଏବଂ ଲାଇଟ୍ ପ୍ରିଣ୍ଟ ଲଙ୍ଗ୍ ସ୍ରଗ୍‌କୁ ସବୁ ସିଜନ୍ ଅନୁସାରେ ଡ୍ରେସ୍ ସହିତ ଷ୍ଟାଇଲ୍ କରିପାରିବେ।

**ଦିଅନ୍ତୁ ଷ୍ଟାଇଲିଶ୍ ଟଚ୍:**

♦ ଇଣ୍ଡୋ- ୱେଷ୍ଟର୍ଣ୍ଣ ଲୁକ୍ ପାଇଁ ମ୍ୟାକ୍ସି ଡ୍ରେସ୍ ବା କୁର୍ତ୍ତା ସହିତ ଟିମ୍ ଅପ୍ କରିପାରିବେ ଲଙ୍ଗ୍ ସ୍ରଗ୍ । ଏଥିରେ ଆପଣ ପରଫେକ୍ଟ ଫ୍ୟୁଜନ୍ ଲୁକ୍ ପାଇପାରିବେ । କ୍ରପ୍ ଟପ୍ ଏବଂ ସ୍କର୍ଟ ସହିତ ପିନ୍ଧନ୍ତୁ । ପାଲାଜୋ ପିନ୍ଧୁଥିଲେ ହାଇ-ଲୋ କିମ୍ବା ଫ୍ରଣ୍ଟ ଓପନ୍ ଲଙ୍ଗ୍ ସ୍ରଗ୍ ଲେୟାରିଙ୍ଗ୍ ଭଲ ଅପସନ୍ ହେବ ।

# ନାଭିରେ ହେଙ୍ଗୁ ଲଗାଇବା ଦ୍ୱାରା ଶରୀରରୁ ଏସବୁ ଯନ୍ତ୍ରଣା ହୋଇଯାଏ ଦୂର

**ହେଙ୍ଗୁ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏହାକୁ ଖାଦ୍ୟରେ ପକାଇବା ଦ୍ୱାରା ଏହାର ସୁଗନ୍ଧ ବଢ଼ି ଯାଇଥାଏ। ତେବେ ହେଙ୍ଗୁ ବ୍ୟବହାର କରି ଆପଣ ଅନେକ ସମସ୍ୟାରୁ ମୁକ୍ତି ପାଇ ପାରିବେ।**

♦ ପେଟ ସମସ୍ୟା ଦୂର କରିବା ପାଇଁ ହେଙ୍ଗୁ ରାମବାଣ ଭଳି କାମ କରିଥାଏ। ଯଦି ଗ୍ୟାସ୍ ଏବଂ ଏସିଡିଟିର ସମସ୍ୟା ଅଛି ତେବେ ଆପଣ ହେଙ୍ଗୁ ଖାଇ ପାରିବେ। ନାଭିରେ ହେଙ୍ଗୁ ପ୍ରୟୋଗ କରିବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ।

♦ ଯଦି ଆପଣ ଦୀର୍ଘ ଦିନ ହେବ ପେଟ ଯନ୍ତ୍ରଣା ଭୋଗୁଛନ୍ତି, ତେବେ ନାଭିରେ ହେଙ୍ଗୁ ଲଗାନ୍ତୁ। ଏହାଦ୍ୱାରା ଆପଣ ପେଟ ଯନ୍ତ୍ରଣା ଜନିତ ସମସ୍ୟାରୁ ମୁକ୍ତି ପାଇ ପାରିବେ। ଏଥିପାଇଁ ପ୍ରଥମେ ଆପଣ ୧ ଚାମଚ ସୋରିଷ ତେଲ ଗରମ କରନ୍ତୁ । ଏହାପରେ ଏଥିରେ ଟିକେ ହେଙ୍ଗୁ ମିଶାଇ ନାଭିରେ ଲଗାନ୍ତୁ ଏବଂ ଏହାକୁ କିଛି ସମୟ ପାଇଁ ମାଲିସ୍ କରନ୍ତୁ । ଏହା ଆପଣଙ୍କୁ ବହୁତ ଆରାମ ଦେବ।

♦ ନାଭିରେ ହେଙ୍ଗୁ ଲଗାଇଲେ ଆପଣଙ୍କୁ ଗ୍ୟାସରୁ ଆରାମ ମିଳିଥାଏ। ଯେଉଁମାନଙ୍କ ଖଟା ଢ଼କାର ଆସିଥାଏ, ସେମାନେ ନାଭିରେ ହେଙ୍ଗୁ ପ୍ରୟୋଗ କରିବା ଦ୍ୱାରା ଏହା ଭଲ ହୋଇଯାଇଥାଏ। ଏଥିପାଇଁ କିଛି ଗରମ ପାଣିରେ ହେଙ୍ଗୁକୁ ମିଶାଇ ଭଲ ଭାବରେ ଫେଣ୍ଟନ୍ତୁ। ଏହାପରେ ଏକ ତୁଳା ନେଇ ତାହାକୁ ନାଭିରେ ଲଗାନ୍ତୁ ।

♦ ପ୍ରତିଦିନ ନାଭିରେ ହେଙ୍ଗୁ ଲଗାଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ। ଏଥିପାଇଁ ଆପଣ ହେଙ୍ଗୁରେ ଟିକେ ଅଲିଭ୍ ତେଲ ମିଶ୍ରଣ କରନ୍ତୁ ଏବଂ ତାପରେ ସେହି ପେଷ୍ଟକୁ ନାଭିରେ ଲଗାନ୍ତୁ ଏବଂ ଏହାକୁ କିଛି ସମୟ ଛାଡିଦିଅନ୍ତୁ । ଆପଣ ଦିନକୁ ଦୁଇଥର ଏହା କରି ପାରିବେ। ଏହା ଆପଣଙ୍କ ପେଟକୁ ଥଣ୍ଡା ରଖିଥାଏ।



# ଯନ୍ତ୍ରଣା କମାଏ ନିଜ ଲୋକଙ୍କ ଫଟୋ: ଫଟୋକୁ ଚାହିଁ ଆତ୍ମୀୟଙ୍କୁ ସ୍ମରଣ କଲେ ୧୫ରୁ ୨୦ ପ୍ରତିଶତ କମିଯାଇଥାଏ

ବେଳେ ବେଳେ ରକ୍ତ ପରୀକ୍ଷା ପାଇଁ ଆମ ଶରୀରରୁ ସିରିଞ୍ଜ୍‌ରେ ରକ୍ତ ଟାଣିଲା ବେଳେ ବା କୌଣସି ଜଖମକୁ ପରିଷ୍କାର କରି ସିଲାଇବା ବେଳେ ଆମକୁ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏପରିକି ସେହି ଚିନ୍ତାରେ ଅନେକ ଇଞ୍ଜେକ୍ସନ ନେବାକୁ ଲୁଚିଥାନ୍ତି। ସେହିପରି ଝୁଣ୍ଟିପଡ଼ିଲେ କି ଦେହର କେଉଁଠି ପବନ ଅଟକିଗଲେ ଆମକୁ କଷ୍ଟ ଲାଗିଥାଏ। ଏଥିରୁ ଉପଶମ ପାଇବା ପାଇଁ ଆମେ କୌଣସି ମଲମ ଲଗାଉ କିମ୍ବା ବଟିକା ଖାଇଥାଉ। ମାତ୍ର ସାମାନ୍ୟରୁ ମଧ୍ୟମ ଧରଣର ଯନ୍ତ୍ରଣା ପାଇଁ ଆମକୁ ଆଉ ପୀଡ଼ାହାରକ ବଟିକା କି ମଲମ ଖୋଜିବାକୁ ପଡ଼ିବନି। ଗବେଷକମାନେ ସେମାନଙ୍କ ଅନୁଧ୍ୟାନରୁ ସେଥିପାଇଁ ଏକ ନୂଆ କୌଶଳ ଜାଣିପାରିଛନ୍ତି। ସେମାନଙ୍କ ନିର୍ଯାସ ଅନୁଯାୟୀ, ଆମକୁ କେବେ ପୀଡ଼ା ଲାଗିଲା ବେଳେ ପାଖରେ ଯଦି ନିଜ ସନ୍ତାନ କି ଆତ୍ମୀୟସୋଦର ଅଥବା ଅନ୍ତରଙ୍ଗ ବନ୍ଧୁଙ୍କର ଫଟୋକୁ ଚାହିଁ ରହିବା, ତେବେ ମଧ୍ୟମ ଧରଣର ପୀଡ଼ା ୪୦ ପ୍ରତିଶତ କମ୍ ଜଣାପଡ଼ିବ। ଏପରିକି ଫଟୋକୁ ସେମିତି ଚାହିଁ ଆତ୍ମୀୟଙ୍କ କଥା ମନରେ ସ୍ମରଣ କଲେ ଅତ୍ୟଧିକ ଯନ୍ତ୍ରଣା ୧୫ରୁ ୨୦ ପ୍ରତିଶତ କମିଯାଇଥାଏ। ଏହାର କାରଣ ହେଲା, କଷ୍ଟ ଅନୁଭବ କରିବା ପାଇଁ ଉଦ୍ଦିଷ୍ଟ ସ୍ନାୟୁକୋଷଗୁଡ଼ିକର ସମ୍ବେଦନ ଶୀଳତା ଏପରି ଆତ୍ମୀୟଙ୍କ ଫଟୋକୁ ଚାହିଁଲା ବେଳେ କମିଯାଇଥାଏ। ସେହିପରି ଅନ୍ୟ ଏକ ଅନୁଧ୍ୟାନରୁ ଆମ ପ୍ରିୟ ବୃକ୍ଷଲତାର ଫଟୋ ଦେଖିଲେ ମଧ୍ୟ ଆମକୁ ମାନସିକ ଶାନ୍ତି ମିଳିବା ସହ ଆମର କାର୍ଯ୍ୟଦକ୍ଷତା ଯଥେଷ୍ଟ ବଢ଼ାଇଦେବ ବୋଲି ଜଣାଯାଇଛି। ଏହି ଗବେଷଣାଲବ୍ଧ ଜ୍ଞାନର ପରୀକ୍ଷା କରାଯାଇପାରେ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପରିବର୍ତ୍ତିତ ଜଳବାୟୁ...

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ସାମ୍ପ୍ରତିକ ସମୟରେ ଏକ ପ୍ରମୁଖ ଚିନ୍ତାର କାରଣ ହୋଇଥିବା ବେଳେ ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା ପ୍ରାୟ ସବୁ ସରକାରୀ ଓ ବେସରକାରୀ ସଂଗଠନ ଏହାକୁ ରୋକିବା ନିମନ୍ତେ ଜରୁରୀକାଳୀନ ଭିତ୍ତିରେ ପଦକ୍ଷେପ ନେବାକୁ ସମଗ୍ର ବିଶ୍ୱବାସୀଙ୍କୁ ଚେତାବନୀମାନ ଶୁଣାଇ ଆସୁଛନ୍ତି । ଦେଶମାନେ ମଧ୍ୟ ନିଜ ନିଜ ସ୍ତରରେ ଏହି ସମସ୍ୟାର କାରଣ ବିଶ୍ୱ ତାପାୟନକୁ ରୋକିବାକୁ ପଦକ୍ଷେପମାନ ନେବାକୁ ଆରମ୍ଭ କରିଛନ୍ତି। ତେବେ ମାନବକୃତ କାରଣଗୁଡ଼ିକ ଯୋଗୁଁ ପ୍ରତିରୋଧାତ୍ମକ ପଦକ୍ଷେପଗୁଡ଼ିକ ଯେଉଁ ବେଗରେ କାର୍ଯ୍ୟ କରିବା କଥା, ତାହା ହେଉନାହିଁ ଯେଉଁଥିପାଇଁ ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ଭଳି ଅବସ୍ଥା ସୃଷ୍ଟି ହେଉଛି । ନିକଟରେ ସମନ୍ୱିତ ପର୍ବତ ବିକାଶ ପାଇଁ ଆନ୍ତର୍ଜାତିକ କେନ୍ଦ୍ର (ଆଇସିଆଇଏମ୍ଓଡି) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟ ଉଲ୍ଲେଖ କରିଛି ଯେ ହିନ୍ଦୁକୁଶ ହିମାଳୟ ଅଞ୍ଚଳ, ଯାହା ବିଶ୍ୱ ବକ୍ଷରେ ଧ୍ରୁବୀୟ ଅଞ୍ଚଳ ବାହାରେ ସର୍ବାଧିକ ପରିମାଣର ତୁଷାର ବା ବରଫ ବହନ କରିଥାଏ, ତାହା ସମ୍ପ୍ରତି ଜଳବାୟୁ ପ୍ରଭାବଗୁଡ଼ିକ ଯୋଗୁଁ 'ଅପରିବର୍ତ୍ତନୀୟ' ପରିବର୍ତ୍ତନ ଦେଇ ଗତି କରୁଛି । ଏହାର ପରିଣତିରେ, ସାମ୍ପ୍ରତିକ ସମୟର ବିଶ୍ୱ ତାପାୟନର ସ୍ତର ବଜାୟ ରହିଲେ ୨୧୦୦ ବେଳକୁ ଏହା ନିଜର ହିମବାହ ବା ଗ୍ଲେସିୟରଗୁଡ଼ିକର ୮୦ ପ୍ରତିଶତ ହରାଇ ପାରେ । ଏହା ଏକ ଗଭୀର ଚିନ୍ତାଜନକ ବିଷୟ, କାରଣ ଏଭଳି ତଥ୍ୟରୁ ଅନୁମାନ କରାଯାଇପାରେ ଭବିଷ୍ୟତରେ କେତେକ ରାଜ୍ୟ ଓ ଦେଶର ଅବସ୍ଥା କ'ଣ ହେବ। ଗୋଟିଏ ପଟେ ଏହା ଫଳରେ ଲଦାଖ୍ ଭଳି କେତେକ ଅଞ୍ଚଳର ଏକମାତ୍ର ଜଳର ଉତ୍ସ ବନ୍ଦ ହୋଇଯିବାର ସମ୍ଭାବନା ରହିଥିବା ବେଳେ ଭାରତର ଉତ୍ତର ଏବଂ ପୂର୍ବ ଭାଗରେ ପ୍ରବାହିତ ଅଧିକାଂଶ ନଦୀ ପାଇଁ ଏହି ହିମବାହଗୁଡ଼ିକ ହେଉଛନ୍ତି ଜଳର ପ୍ରମୁଖ ଉତ୍ସ ସମୂହ । ଦୀର୍ଘକାଳୀନ ଭିତ୍ତିରେ ଏହାର ପ୍ରଭାବ ଅତ୍ୟନ୍ତ ଭୟଙ୍କର ହେବ, କାରଣ ଏହା ଉତ୍ତରାଞ୍ଚଳ ଏବଂ ପୂର୍ବାଞ୍ଚଳର ସମତଳ ଭୂମିଗୁଡ଼ିକ, ଯେଉଁଠି ଭାରତର ଖାଦ୍ୟଶସ୍ୟର ଅଧିକାଂଶ ଭାଗ ଉତ୍ପାଦନ ହୋଇଥାଏ, ସେଗୁଡ଼ିକ ମରୁଡ଼ିଗ୍ରସ୍ତ ହେବେ, ଯେହେତୁ ସେହିସବୁ ଅଞ୍ଚଳରେ ଜଳ ସଂକଟ ଦେଖାଦେବ । ସ୍ୱଳ୍ପକାଳୀନ ଭିତ୍ତିରେ ଏହା ବନ୍ୟା, ଭୂସ୍ଖଳନ, ହିମବାହ ହ୍ରଦଗୁଡ଼ିକର ଉଚ୍ଛୁଳା ସ୍ରୋତ ସୃଷ୍ଟି କରିବ, ଯେମିତି ହୋଇଥଲା ଉତ୍ତରାଖଣ୍ଡର ଚାମୋଲିରେ, ଯାହା ୨୦୦ରୁ ଅଧିକ ସଂଖ୍ୟକ ଲୋକଙ୍କ ପ୍ରାଣହାନିର କାରଣ ହୋଇଥିଲା । ତେଣୁ ଯେତେ ଶୀଘ୍ର ସମ୍ଭବ ପ୍ରଶମନକାରୀ ପଦକ୍ଷେପଗୁଡ଼ିକ ନିଆ ନ ଗଲେ ଭାରତ, ବାଂଲାଦେଶ ଏବଂ ପାକିସ୍ତାନରେ ବାସ କରୁଥିବା ବିଶ୍ୱର ମୋଟ ଜନସଂଖ୍ୟାର ୧୩ ପ୍ରତିଶତଙ୍କ ପାଇଁ ପର୍ଯ୍ୟାପ୍ତ ଖାଦ୍ୟ ଏବଂ ଜଳ ମିଳିବ ନାହିଁ । ଏହା ମଧ୍ୟ ଭୂସ୍ଖଳନ ଘଟଣାଗୁଡ଼ିକୁ ରୋକି ପାରିବ ଏବଂ ହ୍ରାସ ଘଟିଥିବା ଭୂତଳ ଜଳର ମାତ୍ରାକୁ ପୂରଣ କରିବାରେ ଅଶେଷ ସହାୟକ ହେବ । କହିବା ବାହୁଲ୍ୟ, ଆଇସିଆଇଏମ୍ଓଡି ରିପୋର୍ଟ ଉପରୋକ୍ତ ଅଞ୍ଚଳର ନଦୀଗୁଡ଼ିକ ଉପରେ ଜଳବାୟୁ ପରିବର୍ତ୍ତନର ଗଭୀର ପ୍ରଭାବଗୁଡ଼ିକ ଉପରେ ଆଲୋକପାତ କରିଛି। କ୍ରମବର୍ଦ୍ଧିଷ୍ଣୁ ତାପମାତ୍ରା, ପୂର୍ବାନୁମାନ କରି ହେଉ ନଥିବା ବୃଷ୍ଟିପାତର ଶୈଳୀ, ଏବଂ ବରଫ ଖଣ୍ଡଗୁଡ଼ିକର ତରଳିବା ନଦନଦୀରେ ଜଳ ପ୍ରବାହରେ ହ୍ରାସ ଘଟାଇବା, ବାରମ୍ବାର ମରୁଡ଼ି ପଡ଼ିବା, ଏବଂ ଅତ୍ୟଧିକ ମାତ୍ରାରେ ଖରାପ ପାଣିପାଗ ଅବସ୍ଥାର କାରଣ ସାଜିଛି । ଏହିସବୁ ପାରିବେଶିକ ପରିବର୍ତ୍ତନଗୁଡ଼ିକ ସୂକ୍ଷ୍ମ ନଦୀ ବ୍ୟବସ୍ଥାରେ ବ୍ୟାଘାତ ସୃଷ୍ଟି କରିବା ସହିତ କୃଷି, ଜଳ ବିଦ୍ୟୁତ୍ ଉତ୍ପାଦନ, ଏବଂ ଘରୋଇ ଜଳ ଯୋଗାଣ କ୍ଷେତ୍ରଗୁଡ଼ିକ ପାଇଁ କଡ଼ା ଆହ୍ୱାନମାନ ଉପସ୍ଥାପନ କରିଛି । ବନାଞ୍ଚଳ ସ୍ଥିତି ରିପୋର୍ଟ, ୨୦୨୧ ଯାହା ଦର୍ଶାଇଛି ଯେ ହିମାଳୟ ଅଞ୍ଚଳର ରାଜ୍ୟଗୁଡ଼ିକ ବିଗତ ଦୁଇ ବର୍ଷ ମଧ୍ୟରେ ୧,୦୭୨ ବର୍ଗ କିଲୋମିଟର ଜଙ୍ଗଲ ଆଚ୍ଛାଦନ ହରାଇଛନ୍ତି, ତେଣୁ ଗଭୀର ଚିନ୍ତାଜନକ କହିଲେ ଅତ୍ୟୁକ୍ତି ହେବନାହିଁ । ଚଳିତ ବର୍ଷ ବିଶ୍ୱ ପରିବେଶ ଦିବସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମସ୍ତଙ୍କୁ ଆଶ୍ୱାସନାମୂଳକ ବାଣୀ ଶୁଣାଇ ଥିଲେ ଯେ ଜଳବାୟୁ ପରିବର୍ତ୍ତନକୁ ମୁକାବିଲା କରିବା ନିମନ୍ତେ ଭାରତ ଏକ 'ଅତ୍ୟନ୍ତ ସ୍ପଷ୍ଟ ନକ୍ସା' ଅନୁସାରେ ଆଗଉଛି । ତେବେ ପ୍ରଧାନମନ୍ତ୍ରୀଙ୍କ ଏହି ଆଶ୍ୱାସନାର ସୂକ୍ଷ୍ମ ନକ୍ସାକୁ କେନ୍ଦ୍ର ଖଣି ମନ୍ତ୍ରଣାଳୟର ଅନୁରୋଧ ପରିପ୍ରେକ୍ଷୀରେ ବିଚାର କରାଯାଇପାରେ, ଯାହା ନିକଟରେ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟକୁ ଅନୁରୋଧ କରିଛି ଖଣିଜନିତ କାର୍ଯ୍ୟକଳାପଗୁଡ଼ିକୁ ବଜାୟ ରଖୁବା ନିମନ୍ତେ ଆବଶ୍ୟକ ଜଙ୍ଗଲ ଅନୁମୋଦନକୁ ଅଣଦେଖା କରିବା ପାଇଁ। ଜଳବାୟୁ ପରିବର୍ତ୍ତନ ପ୍ରସଙ୍ଗ ଉଠିବା ମାତ୍ରେ ଭାରତ ଦାବି କରୁଛି ଯେ ଏହା ବିକଶିତ ବିଶ୍ୱଠାରୁ ଅଧିକ ଉତ୍ତରଦାୟିତ୍ୱ ଦାବି କରୁଥିବା ବିକାଶଶୀଳ ବିଶ୍ୱ ପାଇଁ ନେତୃତ୍ୱ ନେଉଛି। କିନ୍ତୁ ଦୀପ ତଳ ଅନ୍ଧାର ଭଳି ଭାରତର ନିଜ ପାଦ ତଳର ମାଟି ଦୋହଲିବାକୁ ଆରମ୍ଭ କଲାଣି । ସମୟ ଉପଗତ ହୋଇଛି, ଏ ବାବଦରେ, ବିଶେଷକରି ହିମାଳୟ ଅଂଚଳର ଜଙ୍ଗଲଗୁଡ଼ିକର ସୁରକ୍ଷା ଓ ନୂତନ ବନୀକରଣ ପାଇଁ ଭାରତ ତୁରନ୍ତ ପଦକ୍ଷେପ ନେବା ଉଚିତ । ନିଜର ଘରୋଇ ପରିସ୍ଥାନିକ ବ୍ୟବସ୍ଥାକୁ ସୁରକ୍ଷିତ ରଖୁବା ନିମନ୍ତେ ଭାରତ ଏକ ଦୃଢ଼ ଢାଞ୍ଚା ପ୍ରସ୍ତୁତ କରିବା ନିତାନ୍ତ ଆବଶ୍ୟକ ଯାହା ସହିତ ଜଳବାୟୁ ପରିବର୍ତ୍ତନକୁ ରୋକିବା ନିମନ୍ତେ ଏହାର ବିଶ୍ୱସ୍ତରୀୟ ପ୍ରତିବଦ୍ଧତା ସାମିଲ ହେବା ଉଚିତ ।

# ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ ସାକାର କରିବ ଭାରତର ଜି-୨୦ ଅଧ୍ୟକ୍ଷତାର ମୂଳ ଲକ୍ଷ୍ୟ



## ନେତାଜୀ ତାପସ କୁମାର ସାହୁ

ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ତାଙ୍କର ମହିମା ଅବର୍ଣ୍ଣନୀୟ । ଯୁଗ ସହ ତାଳ ଦେଇ ମାନବ ସମାଜ ପରିବର୍ତ୍ତନର ଧାରାରେ ଗତି କରୁଥିବା ବେଳେ ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱ କିନ୍ତୁ ସ୍ଥିର ହୋଇ ରହିଛି, ଯାହାକି ସମଗ୍ର ବିଶ୍ୱକୁ ଦିଗ୍ ଦର୍ଶନ ଦେଉଛି । ସାମ୍ପ୍ରତିକ ସମୟରେ ଭାରତ ବିଶ୍ୱର ୨୦ଟି ଅର୍ଥନୈତିକ କ୍ଷେତ୍ରରେ ସଶକ୍ତ ରାଷ୍ଟ୍ରମାନଙ୍କୁ ନେଇ ଗଠିତ ଜି ୨୦ର ନେତୃତ୍ୱ ନେଉଛି, ଯାହାର ଧ୍ୟେୟ ବାକ୍ୟ ରହିଛି 'ବସୁଧୈବ କୁଟୁମ୍ବକମ୍' - ଅର୍ଥାତ୍ ଏକ ପୃଥିବୀ, ଏକ ପରିବାର ଓ ଏକ ଭବିଷ୍ୟତ । ଏକ ପକ୍ଷେ ସମଗ୍ର ବିଶ୍ୱରେ ନିଜର ପତିଆରା ବୃଦ୍ଧି କରିବା ଲାଗି ଅନେକ ଦେଶ ହିଂସା ପନ୍ଥାକୁ ଆପଣାଇ ଥିବା ବେଳେ ଭାରତ ଅହିଂସା ପଥରେ ପଥିକ ହୋଇ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି । ଗୀତ ଗୋବିନ୍ଦ ରଚୟିତା ଜୟଦେବଙ୍କ 'ଦଶାବତାର' କାବ୍ୟରେ ନବମ ଅବତାରରେ ବୁଦ୍ଧଙ୍କୁ ବର୍ଣ୍ଣନା କରାଯାଇଛି, ଯିଏ ଅହିଂସାର ବାର୍ତ୍ତା ସମଗ୍ର ବିଶ୍ୱକୁ ପ୍ରଦାନ କରିଥିଲେ।

'କେଶବ ଧୃତ ବୁଦ୍ଧ ଶରୀର,
ଜୟ ଜଗଦୀଶ ହରେ'

ଜଗନ୍ନାଥ ସଂସ୍କୃତି କେବେବି ବଳ ପ୍ରୟୋଗ କିମ୍ବା ଅତ୍ୟାଚାର କରି ସାମ୍ରାଜ୍ୟ ବିସ୍ତାର କରିବାର ବାର୍ତ୍ତା ବହନ କରେ ନାହିଁ । ସଦ୍ ଭାବନା, ଶ୍ରଦ୍ଧା, ବିଶ୍ୱାସ ତଥା ସହଯୋଗ ଦ୍ୱାରା ବ୍ୟକ୍ତି ହୃଦୟ ରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କିପରି କରାଯାଏ ତାହା ହିଁ ମୂଳ ତତ୍ତ୍ୱ। ଯେଉଁଥିପାଇଁ ପୃଥିବୀର ଅନେକ ରାଷ୍ଟ୍ରରୁ ଲୋକେ ରଥଯାତ୍ରା ସମୟରେ ପୁରୀ ଛୁଟି ଆସୁଥିବା ବେଳେ ଦେଶ ବିଦେଶରେ ଜଗନ୍ନାଥଙ୍କ ମନ୍ଦିର ସ୍ଥାପନା ବିଶ୍ୱ ଭାତୃତ୍ୱର ବାର୍ତ୍ତା ପ୍ରଦାନ କରିଥାଏ ।

ସେହିପରି ଜଳବାୟୁ ପରିବର୍ତ୍ତନ ଓ ବିଶ୍ୱ ତାପ ମାତ୍ରା ବୃଦ୍ଧି ହେଉ ଅବା ଅମ୍ଳଜାନ ଅଭାବ ଯୋଗୁଁ ଉପୁଜିଥିବା ସଙ୍କଟ ଏବେ ମୁଣ୍ଡବିନ୍ଧାର କାରଣ ପାଲଟିଛି । ଯଦି ଆମେ ଶ୍ରୀମନ୍ଦିର ପରିସରରେ ଦେଖିବା ତେବେ ବିଶାଳ କଳ୍ପବଟ ବୃକ୍ଷ ଏହାର କାୟା ବିସ୍ତାର କରି ରହିଛି । ସେହିପରି କୋଇଲି ବୈକୁଣ୍ଠରେ ଥିବା ଅଶ୍ୱତ୍ଥ ବୃକ୍ଷ ତଥା ଛୋଟ ବଡ ଗୁଳ୍ମ ରାଜି ଏହି ବାର୍ତ୍ତା ପ୍ରଦାନ କରେ ବିଶ୍ୱକୁ ସବୁଜିମାରେ ଆଚ୍ଛାଦିତ କରିବା ସହ ବୃକ୍ଷ ହିଁ ମାନବ ସଭ୍ୟତାର ସୁରକ୍ଷା କରି ପାରିବ । ଏଥି ସହିତ ଉଭୟ ଅଶ୍ୱତ୍ଥ ଓ ବରଗଛ ହିଁ ସବୁଠୁ ଅଧିକ ଅମ୍ଳଜାନ ପ୍ରଦାନ କରିଥାନ୍ତି ।

ବିଭିନ୍ନ ପର୍ବ ପର୍ବାଣୀରେ ଶ୍ରୀଜିଉଙ୍କ ଚଳନ୍ତି ପ୍ରତିମା ବାହାରକୁ ଆସି ଭକ୍ତମାନଙ୍କୁ ଦର୍ଶନ ଦେଉଥିବା ବେଳେ ରଥ ଯାତ୍ରାଠୁ ନିଳାଦ୍ରୀ ବିଜେ ପର୍ଯ୍ୟନ୍ତ ଚତୁର୍ଦ୍ଧାମୂର୍ତ୍ତି ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ଦର୍ଶନ ଦେଇଥାନ୍ତି । ବିନା ନିମନ୍ତ୍ରଣରେ ସମଗ୍ର ବିଶ୍ୱର କୋଣ ଅନୁକୋଣରୁ ଭକ୍ତମାନେ ଛୁଟି ଆସନ୍ତି ଦର୍ଶନ ପାଇଁ । ସେହିପରି ଆନନ୍ଦ ବଜାରରେ ଭକ୍ତ ମାନେ ମହାପ୍ରସାଦ ସେବନ ମଧ୍ୟ ଐକ୍ୟତାର ସନ୍ଦେଶ ଦେଇଥାଏ। ଜଗନ୍ନାଥ ସଂସ୍କୃତି ଭକ୍ତ ସାଲବେଗ, ଦାସିଆ ବାଉରୀ, ଜୟଦେବଙ୍କଠାରୁ ଆରମ୍ଭ କରି ପଞ୍ଚସଖା ବଳରାମ ଦାସ, ଜଗନ୍ନାଥ ଦାସ, ଅଚ୍ୟୁତାନନ୍ଦ ଦାସ, ଶିଶୁ ଅନନ୍ତ ଦାସ ଓ ଯଶୋବନ୍ତ ଦାସଙ୍କୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି । ଭକ୍ତ ସାଲବେଗ ନିଜ ରଚନା 'ଏକା ତୋ ଭକତ ଜୀବନ'ରେ ଲେଖିଛନ୍ତି -

'ବାପା ମୋ ମୋଗଲ ପୁଅ ମାଆ
ମୋ ବ୍ରାହ୍ମଣୀ
ଏ କୂଳେ ଜନ୍ମିଲି ହିନ୍ଦୁ ନ ଖାଏ
ମୋ ପାଣି ।'

ଯାହା ସୂଚାଇ ଥାଏ ଅଣ ହିନ୍ଦୁମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ବାରଣ, କାରଣ ଅନେକ ସମୟରେ ସେମାନଙ୍କ ଆକ୍ରମଣ ଯୋଗୁଁ ଶ୍ରୀମନ୍ଦିରର କାରୁକାର୍ଯ୍ୟ ନଷ୍ଟ ହେବା ସହ ବର୍ଷ ବର୍ଷ ଧରି ଶ୍ରୀଜିଉ ମାନେ ବିଭିନ୍ନ ସ୍ଥାନରେ ପାତାଳୀ ହୋଇଛନ୍ତି । ଏହା ସତ୍ତ୍ୱେ ମଧ୍ୟ ଶ୍ରୀଜଗନ୍ନାଥ ସାଲବେଗଙ୍କୁ ଆପଣାଇ ଥିଲେ ଏବଂ ଆଜିବି ତାଙ୍କ ରଚିତ ଭଜନ ଜଣାଣ ଶ୍ରୀମନ୍ଦିରରେ ଗାନ ହୁଏ । କାରଣ ସେ ଭକ୍ତର ଭଗବାନ । ସେହିପରି ସମାଜରେ ପ୍ରଚଳିତ ଜାତି ଭେଦ ପ୍ରଥାକୁ ଦୂର କରିବା ପାଇଁ ବଳରାମ ଦାସଙ୍କ ରଚିତ 'ଲକ୍ଷ୍ମୀ ପୁରାଣ' ଆଜିବି ଘରେ ଘରେ ପାଠ କରାଯାଉଛି । ଏହି ପରି ଅନେକ ସମାଜ ସୁଧାରକ ବିଷୟକୁ ତତ୍କାଳୀନ ଜଗନ୍ନାଥ ଭକ୍ତ ମାନେ ନିଜର ଲେଖନୀ ଦ୍ୱାରା ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱକୁ ଖୁବ୍ ସୁନ୍ଦର ଭାବେ ରଚନା କରିଛନ୍ତି ।

ବର୍ତ୍ତମାନ ସୁଷମ ଖାଦ୍ୟ ଅଭାବ ତଥା ପ୍ରତିଟି କ୍ଷେତ୍ରରେ ଅନିୟମିତତା ଯୋଗୁଁ ବିପର୍ଯ୍ୟସ୍ତ ଜୀବନଚର୍ଯ୍ୟା ଉତ୍ପନ୍ନ ହୋଇ ରୋଗରେ ଜନସାଧାରଣ ଆକ୍ରାନ୍ତ ହେଉଛନ୍ତି । ତେବେ ଶ୍ରୀମନ୍ଦିରରେ ପ୍ରତିଦିନ ଏକ ନିର୍ଦ୍ଧାରିତ ସମୟ ବିଭିନ୍ନ ନୀତିକାନ୍ତି ଅନୁଷ୍ଠିତ ହେବା ସହ ଭୋଗ ମଣ୍ଡପ ସମ୍ପାଦନ ସନ୍ତୁଳିତ ଜୀବନ ପରିଚାଳନାର ବାର୍ତ୍ତା ପ୍ରଦାନ କରିଥାଏ । ସେହିପରି ଆନନ୍ଦ ବଜାରରେ ଉପଲବ୍ଧ ମହାପ୍ରସାଦ, ଶୁଖିଲି ଭୋଗ, ବିଭିନ୍ନ ପିଠା, ମିଠା, ଫଳ ମୂଳ ଏବଂ ରାତ୍ର ପହଡ଼ ସମୟରେ ଲାଗି ହେଉଥିବା ଦହି ପଖାଳ ଏକ ସୁଷମଖାଦ୍ୟର ବିବରଣୀ ପ୍ରଦାନ କରିଥାଏ ।

ଓଡିଶାର କଳା, ସଂସ୍କୃତି ଓ ଭାସ୍କର୍ଯ୍ୟର ଉତ୍ତମ ବିନିଯୋଗ ପୂର୍ବକ ମନ୍ଦିରର ଗାତ୍ରରେ ଖୋଦିତ ମୂର୍ତ୍ତି ଗୁଡ଼ିକ ମାନବ ଜୀବନର ସୁପରିଚାଳନା କିପରି କରାଯାଇ ପାରିବ ତାହା ସ୍ପଷ୍ଟ ରୂପେ ଚିତ୍ରଣ କରାଯାଇଛି । ଭାରତର ବିଶ୍ୱକୁ ଅନନ୍ୟ ଶ୍ରେଷ୍ଠ ଦାନ ହେଉଛି ଯୋଗ, ଯାହାକି ବ୍ୟକ୍ତିକୁ ଶାରିରୀକ ଓ ମାନସିକ ସ୍ତରରେ ସୁସ୍ଥ ପ୍ରଦାନ କରିଥାଏ । ଜାତିସଂଘରେ ଯେତେବେଳେ ଯୋଗ ଦିବସ ପାଇଁ ପ୍ରସ୍ତାବ ରଖାଯାଇଥିଲା, ଅକୁଣ୍ଠିତ ଭାବେ ବିଶ୍ୱର ଅନେକ ଦେଶ ସମର୍ଥନ କରିବା ସହ ପ୍ରତିବର୍ଷ ଜୁନ ୨୧ ତାରିଖକୁ ଆନ୍ତର୍ଜାତିକ ଯୋଗ ଦିବସ ରୂପେ ପାଳନ କରାଯାଉଛି । ତେବେ ଏହି ଯୋଗ ଓ ବିଭିନ୍ନ ମୁଦ୍ରା ଦ୍ୱାଦଶ ଶତାବ୍ଦୀରେ ନିର୍ମିତ ଶ୍ରୀମନ୍ଦିରର ବିଭିନ୍ନ ସ୍ଥାନରେ ଖୋଦିତ ହୋଇଛି ।

ଶେଷରେ ଏତିକି କୁହାଯାଇପାରେ ବିଶ୍ୱର ପ୍ରତିଟି ଅସୁବିଧାର ସମାଧାନ ସୂତ୍ର ଶ୍ରୀଜଗନ୍ନାଥଙ୍କ ତତ୍ତ୍ୱରେ ଅଛି । ଶ୍ରୀମନ୍ଦିର ହେଉ ଅବା ରଥର ଆକାର ହେଉଛି ଏକ ମନୁଷ୍ୟ ସଦୃଶ । ପ୍ରତିଟି ରୀତିନୀତି ହେଉ ଅବା ପର୍ବ ପର୍ବାଣୀ ବୈଜ୍ଞାନିକ ଓ ସାମାଜିକ ସିଦ୍ଧାନ୍ତ ଉପରେ ପର୍ଯ୍ୟବେସିତ । ତେଣୁ ବିଶ୍ୱର ଅଗ୍ରଣୀ ରାଷ୍ଟ୍ରମାନେ ଯଦି ଜଗନ୍ନାଥଙ୍କ ତତ୍ତ୍ୱକୁ ଅନୁସରଣ କରିବେ ଯାହାକି ସମସ୍ତଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିବାର ବାର୍ତ୍ତା ବହନ କରେ, ତେବେ ଆମ ପୃଥିବୀ ଖୁବ୍ ସୁନ୍ଦର ହୋଇପାରିବ ।


ପୂର୍ବତନ ଅଧ୍ୟାପକ, ଉଦ୍ଭିଦ ବିଜ୍ଞାନ ବିଭାଗ, ଡଃ ଯଦୁନାଥ ଡିଗ୍ରୀ କଲେଜ, ବାଲେଶ୍ୱର
ମୋ: ୮୨୬୦୩୫୬୧୧୩


# ଜଗନ୍ନାଥଙ୍କୁ ଅର୍ଜିଟିଏ



## କିଶୋର ଚନ୍ଦ୍ର ଜେନା

ଭୁବନେଶ୍ୱରର ଜଣେ ଅଧିବକ୍ତା ତାଙ୍କର ମହକିଲଙ୍କ ତରଫରୁ ବିଶ୍ୱବ୍ରହ୍ମାଣ୍ଡର ବିଚାରପତି ଶ୍ରୀଜଗନ୍ନାଥଙ୍କ ନିକଟରେ ଗୋଟିଏ ପିଟିସନ ବା ଅର୍ଜି ଫାଇଲ କରିଛନ୍ତି ୨୦-୬-୨୩ (ଆଷାଢ଼ ଶୁକ୍ଳ ଦ୍ୱିତୀୟ ତିଥି ବିଶ୍ୱପ୍ରସିଦ୍ଧ ରଥଯାତ୍ରା ଦିନ । ପିଟିସନ୍‌ରେ ନିମ୍ନଲିଖିତ ବିଷୟ ଉପରେ ବିଚାର ପାଇଁ ଅନୁରୋଧ କରିଛନ୍ତି । କାରଣ ଆମର ନ୍ୟାୟିକ ବ୍ୟବସ୍ଥାରେ ଗୋଟିଏ କେସ୍ ପାଇଁ ଗୋଟିଏ ପିଟିସନ୍ ଦାଖଲ କରିବା କଥା । କିନ୍ତୁ ଆଇନଜୀବୀ କେତେଗୁଡ଼ିଏ କେସ୍‌କୁ ନେଇ ଗୋଟିଏ ପିଟିସନ୍‌ରେ ଉଲ୍ଲେଖ କରିଛନ୍ତି । ବିଶ୍ୱବ୍ରହ୍ମାଣ୍ଡ ବିଚାରାଳୟ ଦିବ୍ୟ ଓ ସର୍ବୋତ୍କୃଷ୍ଟ । ସେଠାରେ ବିଚାର ବ୍ୟବସ୍ଥା ସୁବ୍ୟବସ୍ଥିତ ଓ କେତୋଟି ମାତ୍ର ଦଣ୍ଡ ଭିତରେ ଫଳାଫଳ ଘୋଷିତ ହୋଇଥାଏ । ପ୍ରତ୍ୟେକ ଜିଲ୍ଲା ପାଇଁ ଆମର ଯେମିତି ଜିଲ୍ଲା ଦୌରାଜଜ୍‌ମାନେ ଅଛନ୍ତି, ସେହିପରି ପ୍ରତ୍ୟେକ ଦେଶ ପାଇଁ ସେଠାରେ ଜଣେ ଜଣେ ଦେବତାଗଣ ଜିଲ୍ଲାଜଜ, ମୁଖ୍ୟ ବିଚାରପତି ଭାବେ ବିଚାରପତି ଆସନରେ ଅଧିଷ୍ଠିତ ଅଛନ୍ତି । ବିଚାର ପାଇଁ ପିଟିସନ୍‌ର ମୁଖ୍ୟ ଦାବି ହେଲା....

॥ ଏକ ॥

ମୁଁ ଜାଣେ ତୁମ୍ଭେ ପ୍ରତ୍ୟେକ ପ୍ରାଣର ପ୍ରାଣ ସ୍ପନ୍ଦନ, ତୁମ୍ଭେ ବୃକ୍ଷ ଏବଂ ବୃକ୍ଷର ମଧ୍ୟ ଫଳ । କବିର କାବ୍ୟ, କଥାକାରର କାହାଣୀ, ପୁଣି ଶିଳ୍ପୀର ଭାସ୍କର୍ଯ୍ୟର ପରିପାଟିରେ ତୁମ୍ଭର ବିଭୁତି ପ୍ରକାଶିତ । ସୃଷ୍ଟିର ଜୀବନ ଧାରାରେ ତୁମ୍ଭେ ହିଁ ବିଶ୍ୱପ୍ରାଣ। ପ୍ରତ୍ୟେକ ଅଣୁ ପରମାଣୁରେ ତୁମ୍ଭର ଉପସ୍ଥିତି । ତୁମେ ତ ମୁଖ୍ୟ ବିଚାରପତିର ଚେତନା ନିୟନ୍ତକ ।

ବୀଣାର ଝଂକୃତ ସ୍ୱର । ତୁମ୍ଭେ ଆବହମାନ ଝରଣାର କୁଳୁକୁଳୁ ନାଦ।

ବେଦ ପୁରାଣରେ ଉଦ୍‌ଘୋଷିତ ହୋଇଆସୁଛି ଯେ,

'ରଥେତୁ ବାମନଂ ଦୃଷ୍ଟ୍ୱା
ପୁନର୍ଜନ୍ମଂ ଚ ନ ବିଦ୍ୟତେ'

ଏହାର ଅର୍ଥ ହେଲା ରଥରେ ବାମନଙ୍କୁ ବା ଜଗନ୍ନାଥଙ୍କୁ ଦର୍ଶନ କଲେ ଆଉ ମଣିଷର ପୁନର୍ଜନ୍ମ ହେବନାହିଁ । ମୋ ମନରେ ସମୟ ସମୟରେ ପ୍ରଶ୍ନ ଉଦ୍ରେକ ହୁଏ ଯେ ଜଣେ ସରକାରୀ କର୍ମଚାରୀ ଅନ୍ୟାୟରେ ରାଜ୍ୟ ଖଜଣା ଲୁଟ୍ କରିବ, ଅସତ୍ ଉପାୟରେ କୋଟି କୋଟି ସରକାରୀ ଟଙ୍କା ଲୁଟ୍ କରିବ । ନାରୀଙ୍କୁ ନିର୍ଯ୍ୟାତନା ଦେବ, ହତ୍ୟା କରିବ । ତାପରେ ସେ ଯାଇ ଆପଣଙ୍କ ବାମନ ରୂପ ଦର୍ଶନ କରି ଆସିଲେ ତେବେ କ'ଣ ତା'ର ଆଉ ପୁର୍ନଜନ୍ମ ହେବନାହିଁ ?

ଆମେ ଜାଣିଛୁ ଯେ କର୍ମଯୋଗୀ ହିଁ ଶ୍ରେଷ୍ଠ ଯୋଗୀ । ଅର୍ଥାତ୍ ଭଗବାନ କୃଷ୍ଣ, ଅର୍ଜୁନଙ୍କୁ ଗୀତାରେ କହିଛନ୍ତି-

'ଗୃହେବବସ୍ଥିତୋ ରାଜନ୍
କ୍ରିୟା କୁର୍ବନ ଗୃହୋଚିତାଃ
ବାସଦେବାର୍ପଣଂ
ସାକ୍ଷାଦପାସୀତ ମୁହାମୁନୀନ
ଗୃହେଷ୍ଠାଦିଗତାଂ ଚାପି
ପୁଂସା କୁଶଳକର୍ମଣାମ୍
ମଦ୍ୱାତାୟାତୟାମାନାଂ
ନିବିଶାୟ ଗୃହାମତାଃ'

ଏହାର ଅର୍ଥ ହେଲା ଯିଏ ଗୃହସ୍ଥ ହୋଇ ମନକୁ ମୋର ଚରଣାବିନ୍ଦରେ ଲଗେଇ କର୍ମ କରେ, ସେହି ଗୃହସ୍ଥ ବିଦେହର - ରାଜା ଜନକଙ୍କ ପରି ହିଁ ସୁଖୀ ରହେ ଏବଂ ସେ ଗୃହସ୍ଥ ହୋଇ ମଧ୍ୟ ଗୃହଠାରୁ ପୃଥକ ରହେ ତଥା ମୋର ଦିବ୍ୟାନନ୍ଦକୁ ମଧ୍ୟ ପ୍ରାପ୍ତି କରେ। ଆମ ଓଡ଼ିଆ ଭାଗବତରେ ମଧ୍ୟ ସବୁଠାରୁ ସହଜ ଉପାୟରେ କୁହାଯାଇଛି ଏହି କର୍ମଯୋଗ ଉପରେ-

'ଗୃହରେ ରହିଣ ପାର୍ଥ
ବିହିତ କର୍ମ କରି
ବିହିତ କର୍ମକୁ ପାର୍ଥ
କେହି ନୁହେଁ ସରି ।'

ତେବେ ମଣିଷ ପାଇଁ ଚର୍ତୁବର୍ଗ ଫଳ ପ୍ରାପ୍ତି ବିଷୟରେ ଗୀତାରେ ଆପଣଙ୍କ ଶ୍ରୀମୁଖରୁ ବର୍ଣ୍ଣିତ ଧାରାରେ କୌଣସି ଫଳ ନାହିଁ ! ଭକ୍ତି, କର୍ମ ଓ ଜ୍ଞାନ ମାର୍ଗ ମଧ୍ୟ ମଣିଷ ପାଇଁ ପ୍ରଜୁଜ୍ୟ ନୁହଁ । ମାନବ ଅପକର୍ମରେ ଲିପ୍ତରହି ମଧ୍ୟ ଆପଣଙ୍କୁ ରଥରେ ଦର୍ଶନ କରି ମୋକ୍ଷପ୍ରାପ୍ତି ହୋଇପାରିବକି ?

ତେଣୁ ଜଣେ ଏହାଠାରୁ ଭଲ ଉପାୟ ଆଉ କିଛି ସଂସାରରେ ନାହିଁ ଏବଂ ସେ ସିଧା ସିଧା ବୈକୁଣ୍ଠବାସୀ ହୋଇଯିବ । ଏହା କମ୍ ପରିଶ୍ରମରେ ଭଲ ଫଳ ! ତେଣୁ ଏଠାରେ ଭଗବାନଙ୍କ ଦ୍ୱାରା ନିଯୁକ୍ତ ନ୍ୟାୟାଧୀସମାନେ ଯଥା- ଜଗନ୍ନାଥ ଚେତନାଧାରୀ, ବିଶେଷଜ୍ଞଙ୍କ ମତରେ ଏଠାରେ ଏହାର ଅର୍ଥକୁ ବୁଝାଇବାକୁ ଯାଇ କହିଛନ୍ତି ଯେ ମୋ କୋର୍ଟର ଦ୍ୱାରରେ ସମସ୍ତେ ସମାନ । ତେଣୁ ମୋର ଫର୍ମୁଲାରେ ଯେଉଁ ମଣିଷ ଆସିବ ମୁଁ ତାକୁ ସେହିପରି ଫଳ ଦେବି । ସେ କହୁଛନ୍ତି ଯେ ରଥରେ ବାମନ ରୂପ ବାରମ୍ବାର ଦେଖିଲେ ମନରେ ମୋହ ବଶ ହୁଏ ଓ ମୋହନତା ଉଦୟ ହୁଏ । ଏହି ମୋହନତା ମନରେ ବସା ବାନ୍ଧି (ମୋହନତାର ଅର୍ଥକୁ ତାଙ୍କର ଦର୍ଶନତତ୍ତ୍ୱ) ମୋହନତାକୁ ଲାଭ କରେ। ତେଣୁ ଲେଖକ ଏହିଠାରେ ମୋହନତା ପ୍ରାପ୍ତି ସମ୍ବନ୍ଧରେ ଦୁଇପଦ ଲେଖିଲେ:

ମୋହ ରୂପକ ଦର୍ଶନ,
ମନରେ ଭରେ କ୍ଷଣିକ ସ୍ପନ୍ଦନ
ମୋହ ହୋଇଲେ ମନରୁ ବିରତି,
ଦର୍ଶନ ଦିଅନ୍ତି
ହୃଦେ ମୋହନମୁରତି
ମନରେ ଭରେ ଅସରନ୍ତି ଶକ୍ତି,
ମୋହନତା ଆସେ ଦେଇ
ମୋହକୁ ବିରତି ।
ମନରେ ନାଚେ
ସେ ମୋହନର ଦୃଶ୍ୟ,
ମୋହ ହୋଇଲେ ମନରୁ ଅଦୃଶ୍ୟ
ମୋହନତାରେ
ମିଳେ ପରମ ଆନନ୍ଦ,
ସଚ୍ଚିଦାନନ୍ଦ ବିରାଜିଲେ
ହୃଦୟର ସ୍କନ୍ଧ ।

ବାରମ୍ବାର ସଚ୍ଚିଦାନନ୍ଦ ଜଗନ୍ନାଥଙ୍କର ବାମନ ରୂପ ଦର୍ଶନରେ, ମୋହ ରୂପକ କାଳ ବୈଶାଖୀ ମନରୁ ଅଦୃଶ୍ୟ ହେବ ମୋହନ ରୂପ ବଂଶୀଧାରୀ କୃଷ୍ଣଙ୍କର ଦର୍ଶନ ମିଳିବା ଥୟ ।

ତା'ପରେ ତାଙ୍କ ରାୟରେ ପୂର୍ଣ୍ଣଚ୍ଛେଦ ଆଣିଲେ ଭାଗବତରୁ ଗୋଟିଏ ପଦ ଉଦ୍ଧୃତ କରି.....

'କର୍ମ କରିଣ ଫଳ ପାଇ
ପ୍ରାଣୀ ତା ଅବଶ୍ୟ ଭୁଞ୍ଜଇ ।'

॥ ଦୁଇ ॥

ଦ୍ୱିତୀୟ ପିଟିସନ୍‌ଟିର ବିଷୟ ହେଲା ତୁମ୍ଭେ କାହାର ପ୍ରଭୁ ? ତୁମ୍ଭେ କ'ଣ ରାଜଶ୍ରୀ ଇନ୍ଦ୍ରଦ୍ୟୁମ୍ନ ନା ମହାରାଣୀ ଶ୍ରୀ ଗୁଣ୍ଡିଚା । ବ୍ରାହ୍ମଣ ବିଦ୍ୟାପତି, ଦେବର୍ଷି ନାରଦ, ପାଣ୍ଡବ ମାନଙ୍କର, ଅକ୍ରୁର, ବିଦୂର, ସଖା ସୁଦାମା, ଶଙ୍କରାଚାର୍ଯ୍ୟ, ଶ୍ରୀଚୈତନ୍ୟ (ଭକ୍ତି ଧର୍ମାବଲମ୍ବୀ), ଶିଖ ଧର୍ମଗୁରୁ ନାନକ, ମହାତ୍ମା କବୀର, ଗଣପତି, ଉପାସକ ଗଣପତି ଭଟ୍ଟ, ରାମଭକ୍ତ ସନ୍ଥ ତୁଳସୀ ଦାସ ଏବଂ ପଞ୍ଚସଖାଙ୍କର ବନ୍ଧୁଭାବେ ବନ୍ଧୁ ମହାନ୍ତିଙ୍କର ! ଭକ୍ତ ଦାସିଆର ! ଯବନ ଭକ୍ତ ସାଲବେଗଙ୍କର ନା ଭଜନ ସମ୍ରାଟ ଭିକାରୀ ବଳ ନା ବାଣୀକଣ୍ଠ ନିମାଇଁ ହରିଚନ୍ଦନଙ୍କର । ଏମାନେ ସମସ୍ତେ ତାଙ୍କ ନିଜ ନିଜର ଶ୍ରଦ୍ଧା, ଭକ୍ତିର, ଚିନ୍ତା ଚେତନା, ମନନ ଭଜନରେ ତୋତେ ନିଜର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ତୁମ୍ଭର ଭାବଦର୍ଶନ, ଚିନ୍ତା ଚେତନାର ଲୀନ ହୋଇଯାଇଅଛନ୍ତି । ତୁମ୍ଭର ଏହି ରାୟ ବି ସମସ୍ତଙ୍କ ପାଇଁ ପ୍ରଣିଧାନ୍ୟଯୋଗ୍ୟ । ଆପଣ ନିଜକୁ ଏବଂ ଅନେକ ରୂପରେ ଦର୍ଶନ ଦେଇଛନ୍ତି ଏବଂ ଏମାନେ ସମସ୍ତେ ନଦୀ ପରି ସାଗରରେ ବିଲୀନ ହୋଇ ସକଳ ଦାର୍ଶନିକ ଚିନ୍ତା-ଚେତନା ଭାବଭକ୍ତିର ସମ୍ମିଶ୍ରଣ ଘଟାଇ ସର୍ବଧର୍ମ ସମନ୍ୱୟର ମହାସୁମଦ୍ର ସୃଷ୍ଟି କରି ଅଛନ୍ତି।

॥ ତିନି ॥

ଦ୍ୱାରକା ପୁରାଣର କାହାଣୀ, ନିଜ ବଂଶ ଯଦୁବଂଶର ଧ୍ୱଂସଲୀଳା, ନିଜ ସଖା ଅର୍ଜୁନଙ୍କ ଗାଣ୍ଡିବର କଳାହରଣ, ବୃନ୍ଦାବନର ରାଧିକାଙ୍କ ପ୍ରତି ଅନ୍ୟାୟ, ନିଜର ପାଳିତା ପିତା ନନ୍ଦରାଜା ଓ ଯଶୋଦାଙ୍କଠାରୁ ବିଦାୟ ଆଦି କାହାଣୀ। (ଅବଶିଷ୍ଟାଂଶ ପୃଷ୍ଠା-୭ରେ




## ଆଡପ ଦର୍ଶନ

### ସୁନନ୍ଦା ମହାନ୍ତି

ଆଡପ ଦର୍ଶନ ଶେଷ ଦିନ
ନବମୀ ଦର୍ଶନ କହି
ବେଗି ବେଗି ଚାଲ ସଙ୍ଗାତ
କଳାଶ୍ରୀମୁଖକୁ ଦେଖିବା ସହୀ
ପାପ ଯିବ ଧୋଇ ପୁଣ୍ୟ ସବୁ ନେଇ
ଯିବା ସିନା ସ୍ୱର୍ଗଦ୍ୱାର
ମାଣକ ପୁରିଲା ଶେରକ ପୁରିଲା
ବେଳ ହେଲାଣି ଉଛୁର
ରଥ ପଥ ଜଗନ୍ନାଥ ଦର୍ଶନେ
ପାପ ସବୁ ଧୋଇ ଯାଇ
ଆଡ଼ପ ମଣ୍ଡପେ ଦର୍ଶନ ମିଳିଲେ
ପୁଣ୍ୟର ସୌଭାଗ୍ୟ କହି
ହେରା ପଞ୍ଚମୀରେ ଲକ୍ଷ୍ମୀ ମହାମାଇ
ଭାଙ୍ଗିଲେ ରଥର କାଷ୍ଠ
ଦର୍ଶାଇ ଦେଲେ ଦାମ୍ପତ୍ୟ ଜୀବନ
ପ୍ରେମ ବିନା ହୁଏ ନଷ୍ଟ
ଛଅ ଦିନ ରଥ ଦକ୍ଷିଣାୟନ ସିଂହଦ୍ୱାର
ଆଡକୁ ବିଜେ ଓ ସାଜ
ଆରକ୍ଷୀ ବାହିନୀ ମନୋରଥ
ଜଗନ୍ନାଥ
ପୂରଣ କରନ୍ତି ଆଜ
ଭକତଙ୍କ ଭକ୍ତି ଶ୍ରଦ୍ଧା ମାଉସୀମାଙ୍କ
ସୁଆଦିଆ ପୋଡପିଠା
ଛାଡ଼ି ନନ୍ଦିଘୋଷ ଦର୍ପଦଳନ
ତାଳଧ୍ୱଜେ
ଫେରିବେ ଚତୁର୍ଦ୍ଧା ପିନ୍ଧନ୍ତି ମଠା
ନବମୀ ଦର୍ଶନେ ଦର୍ଶନାର୍ଥୀ ଆନନ୍ଦେ
ଅଭଡ଼ା ମୁଠିଏ ଖାଇ
ବାହୁଡ଼ାରେ ରଥ ଟାଣିବା ପାଇଁକି
ଖଞ୍ଜଣୀ ବାଜେ ଝାଇଁକି ଝାଇଁ ।


+ ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭


## ନୀଳ ମାଧବ

### ସୁଜାତା ମହାପାତ୍ର

ଗଜପତି ନା ବିଦ୍ୟାପତି ନା ବିଶ୍ୱାବସୁ
କିଏ ତୋର ପ୍ରିୟ କହ ତ ?

ଇଚ୍ଛାମତେ କେବେ ତୁ ଥାପି ହେଉ
ଶିଳ୍ପୀ ହାତର କମକୁଟୀ କରା
ଗୁମଟରେ, ପୁଣି କେବେ ଅଜଣା
ପଥର ଗୁମ୍ଫାରେ !

କାହା ମୁଠି ସୋରିଷରେ ତୁ
ଆଙ୍କିହେଉ
ତୋ ଯାଏଁ ରାସ୍ତାଟିଏ ହୋଇ,
ଆଉ କାହା ପାଇଁ ଅଟକିଯାଉ
ଖରାଖିଆ ମଝି ଦାଣ୍ଡରେ,

ହେଲେ ଯେତେ ଯେତେ
ଖୋଜୁଛି ମୁଁ,
ତୁ ସାଜୁଛୁ ଆହୁରି ଅପହଞ୍ଚ !
ଖୋଜିକି ପାଇବି ତୋତେ
ତୋ ବିଶ୍ୱରୂପରେ ?

ଈଶ୍ୱର ନୁହେଁ, ପ୍ରେମିକଟେ ଭଳି
ଭଲ ପାଏ ତୋତେ ।

ତୁ କି ବୁଝିଛୁ ?
ପ୍ରବଳ ଅନୁରାଗକୁ ମୋର,
ନିତି ରାତିରେ ଗୀତ ଗୋବିନ୍ଦର
ପହଡ଼ ସଜାଡୁଥିବା ତୋ
ଦେବଦାସୀକୁ ମୋର ଈର୍ଷା,
ତୋ ଛାତିରେ ପ୍ରେମ ଭୋଗୁଥିବା
ତୋ ପ୍ରିୟ ତୁଳସୀ ଓ ଦୟଣାକୁ
ମୋର ଈର୍ଷା,

ଈର୍ଷା ,
ତତଲା ଖିରି ପରସିଥିବା ସେ ହାତକୁ,
ତୋ' ପ୍ରିୟ ମାଣିକ ଗଉଡୁଣୀର
ଭାଗ୍ୟକୁ !

ମୋର ଏ ପ୍ରଚଣ୍ଡ ଈର୍ଷା ଭୋଗୁଥିବା
ବେଳେ,
ତୋ ରଙ୍ଗ ଅଧରର ମୁରୁକି ହସ,
କେବେ ହେଁ ପଲକ ପଡୁନଥିବା
ତୋ ଆଖି ହଳକଙ୍କର ସେ
ରସିକ ଚାହାଣୀ,
ମତ୍ତ ହସ୍ତୀ ସମ ତୋର ସେ
ମୋହନୀଆ ବେଶ !
ତୋ ଦେହରେ ଲୀନ ହେବା ପାଇଁ
ଅଲଂଘ୍ୟ ନିମନ୍ତ୍ରଣ ତୋର

କଣ ଭଲ ଲାଗେ ?

ମୁଁ ଲାଜରେ ଜଡ଼ସଡ଼ ହେଉଥିବା
ବେଳେ,
ତୋ ଅବାହୁ ବାହୁ ମାନଙ୍କର
ଆଲିଙ୍ଗନର ଉଚ୍ଚାଟ !
କଣ ଭଲ ଲାଗେ ?

ସତ କହ !

ମୁଁ ଯେବେ ଉନ୍ମାଦିନି ସମ ବାରମ୍ବାର
ଧାଇଁ ଆସୁଥାଏ ତୋ ଯାଏଁ, ଆଉ
ଢେଉ ଭଳି ପିଟି ହୋଇ ତୋ
ଦେହରେ
ବାରମ୍ବାର ଫେରୁଥାଏ ପୁଣିଥରେ
ତୋତେ
ଦେଖିବାର ସଂଗୁପ୍ତ ଇଚ୍ଛାଟିଏ
ହୋଇ !

ତୋତେ କଣ ଭଲ ଲାଗେ ?

ସତ କହ,
ତୋ ଗୁମୁଟର ପାରାଙ୍କୁ ସାକ୍ଷୀ ରଖି !

ତୋ ବେଢ଼ାରେ ହଜାଇ ଦେଇଥିବା
ମୋର ସେ ଟିକି ହୃଦୟଟିକୁ
ତୁ କଣ ଆଜିବି ସାଇତି ରଖିଛୁ
ତୋ ଟାହିଆର ଫୁଲ ଭଳି ?

ସତ କହ !


+ ଶିବାନୀ ଏଂକ୍ଲେଭ
ବମୀଖାଲ କେନାଲ ରୋଡ଼
ଭୁବନେଶ୍ୱର, ୭୫୧୦୧୦
ମୋ : ୯୪୩୭୩୬୦୯୬୪


## ପ୍ରକୃତିର ଚରିତ

### ଅଧ୍ୟାପିକା ମହାପାତ୍ର ସବିତା ହୋତା

ଚକ୍ରବାଳ କୋଳେ ଉଙ୍କି ମାରି ଧୀରେ
କିରଣ ବିଛାଏ ରବି
ସାଗରର ମନ୍ଦ ଲହରୀ ସ୍ୱର୍ଣ୍ଣିମ
ଆହା କି ସୁନ୍ଦର ଛବି !

ମାଟି ବୁକୁ ସିକ୍ତ କାକର ଟୋପାରେ
ଭିଜାଏ ବି' ବର୍ଷାଧାର
ନରମ ଘାସର ବୃକ୍ଷର ଘନତା
ଆଣେ ଖରା ବାରି ସମୀର ।

ନିଦାଘ ସମୟ ଦାରୁଣ ହୋଇଲେ
ମେଘ ଢଙ୍କାଇ ଗଗନ
ପସନ୍ଦ ସେ ଜୀବ ତରୁଲତା କୁଳ
ହୁଏ ନଦୀ, ଜଳପୂର୍ଣ୍ଣ ।

ତୁହାଇ ତୁହାଇ ବରଷା ଆଣଇ
ଶିଶିର ଭିଜା ଯାମିନୀ
ତୋଫା କିରଣରେ ସ୍ୱଚ୍ଛ ଜଳେ
ହସୁଥାନ୍ତି ପଦ୍ମ କୁମୁଦିନୀ ।

ଶୀତ ବାଆ ବହେ ବସୁଧା ଉପରେ
ଭୂମଣ୍ଡଳେ ସତେଜତା
ବସନ୍ତ ରାଜାଟି ଫୁଲ ଫଳ ଦେଇ
ଆଣେ ଋତୁ ମାଦକତା ।

ରୌଦ୍ରତାପ ବାଣ୍ଟେ ଫଳରେ ଫଳରେ
ରସ ଆଉ ମଧୁରତା
ବରଷା କରଇ ପଲ୍ଲବିତ ତୁର
ଦୂର କରି ମଳିନତା ।

ଶୀତ ଭିଜା ଦିନରାତି ଭରିଦିଏ
ସଭିଙ୍କ ପ୍ରାଣରେ ଉର୍ଜା
ଧରଣୀଟି ହସେ ପ୍ରକୃତିର ରାସେ
ଚଉଦିଗେ ସାଜସଜ୍ଜା ।

ଦେଖି ସରେ ନାହିଁ ଅପରୂପ ଚିତ୍ର
ଆଙ୍କିଛି ବିଶ୍ୱବିଧାତା
ଋତୁ ଖଞ୍ଜିଅଛି ପ୍ରାଣୀଙ୍କୁ ଢାଙ୍କିଛି
ଗଢ଼ିଛି ପ୍ରକୃତି ମାତା ।

ଏକକୁ ଆରେକ ଯୋଡ଼ି ହୋଇଛନ୍ତି
ଉଣା ହେଲେ ନାହିଁ ଗତି
ଅଇଶ୍ୱର୍ଯ୍ୟମୟ ଜୀବନ କଳ୍ପନା
ସବୁ ପ୍ରକୃତିର କୃତି ।

ରଖି ପାରୁଛି କି' ଉଦାର ଚିତ୍ତରେ
ଭୁବନାମଣ୍ଡଳ ମାନ
ବାଟବଣା ହୋଇ ତାରା ଛୁଇଁବାର
ଚେଷ୍ଟାହୁଏ ଅକାରଣ ।

ସାମ୍ୟତାର ମନ୍ତ୍ର ଶିଖାଏ କରାଏ
ବିଚାରଧାରା ମାର୍ଜିତ
ପ୍ରକୃତିର ଆଶୀର୍ବାଦ ଠାରୁ କେହି
କେବେ ନ ରହୁ ବଞ୍ଚିତ ।


+ ଡି-୨୬, ଆକାଶ ନିଳୟ
ପ୍ରଭାତ ଭିଲ୍ଲା, ପଟିଆ, ଭୁବନେଶ୍ୱର



ବେଡ୍‌ସୋର୍ ଭୋଗିଥାନ୍ତି ।

ଖାଦ୍ୟାଭାବ, ମନ୍ଦ ପୁଷ୍ଟି, ରକ୍ତହୀନତା ଆଦି ରୋଗରେ ରୋଗୀ ନିଜର ଚଳତ୍‌ଶକ୍ତି ହରାଇବସେ ଓ ବିଛଣାରେ ଏପଟ ସେପଟ ହୋଇପାରେ ନାହିଁ । ଫଳରେ ଖୁବ୍ ସହଜରେ ସେ ବେଡ୍‌ସୋରରେ ଶିକାର ହୁଏ । ଅତି କ୍ଷୀଣକାୟ ଲୋକମାନଙ୍କର ଅସ୍ଥି ଓ ଚର୍ମ ମଧ୍ୟରେ ଅତି ଅଳ୍ପ ପରିମାଣରେ ଚର୍ବି ରହିଥାଏ, ଯାହା ଫଳରେ ଚାପ ପଡୁଥିବା ଅଞ୍ଚଳଗୁଡ଼ିକରେ ଅଧିକ ଚାପ ପଡ଼ି ବେଡ୍‌ସୋର୍ ସୃଷ୍ଟି ହୋଇଥାଏ ।

ତେବେ ଅନେକ ରୋଗୀଙ୍କ କ୍ଷେତ୍ରରେ ଦେଖାଯାଇଥାଏ କି ସବୁ ଘା' ବେଡ୍‌ସୋର୍ ହୋଇନଥାଏ । ଭୁଲ ଭାବରେ ବା ଅପ୍ରଶିକ୍ଷିତ ଭେଷକ ତତ୍ତ୍ୱାବଧାରକମାନଙ୍କଠାରୁ ଯନ୍ତ୍ରଣା ନିବାରକ, ଆଣ୍ଟିବାୟୋଟିକ୍ ଇଂଜେକ୍‌ସନ୍ ନେବା ଦ୍ୱାରା ମଧ୍ୟ କ୍ଷତଟି ପରବର୍ତ୍ତୀ ସମୟରେ ଭୟଙ୍କର ଘା'ର ରୂପ ନେଇ ତାହା ଅପରେସନ୍ ବା ସ୍ଥଳବିଶେଷରେ ପ୍ଲାଷ୍ଟିକ୍ ସର୍ଜରୀର ସହାୟତା ନେବାକୁ ପଡ଼ିଥାଏ । ଯାହାକି ବହୁ ବ୍ୟୟବହୁଳ ଓ ସମୟସାପକ୍ଷ । ଜଣକରର ନିର୍ଦ୍ଦିଷ୍ଟ ଚିକିତ୍ସା ବା ନିଦାନ ବ୍ୟବସ୍ଥା ପାଇଁ ଭେଷକ ଚିକିତ୍ସକ ବା ଶଲ୍ୟ ବିଶେଷଜ୍ଞ ନିର୍ଦ୍ଧାରିତ ଭାବରେ ରୋଗୀ ପାଇଁ ସ୍ୱାସ୍ଥ୍ୟପଯୋଗୀ ଚିକିତ୍ସା ବ୍ୟବସ୍ଥା କରିଥାନ୍ତି । ତଥାପି ସଚେତନତାର ଅଭାବ, ଅପରିଷ୍କାର ତ୍ୱଚା ବା ଶରୀର ପାଇଁ ବେଡ୍‌ସୋର୍ ପରି ବା ସେହିପରି ଦୀର୍ଘକାଳୀନ ଘା'ର ଚିକିତ୍ସା ଭିନ୍ନ ଭିନ୍ନ ଡ୍ରେସିଂ ଓ ଘା'ରେ ପାଣିସେକ ଦ୍ୱାରା ମଧ୍ୟ ରୋଗୀ ଦ୍ରୁତ ଆରୋଗ୍ୟ ଲାଭ କରୁଛନ୍ତି ।

ପାରାଲିସିସ୍ କିମ୍ବା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ସମସ୍ତ ସ୍ପର୍ଶ ଶକ୍ତି ବା ଅନୁଭବ ଶକ୍ତି ହରାଇ ଦେଇଥାଏ, ସେ ଏହି ପୀଡ଼ାକୁ ଅନୁଭବ କରିପାରେ ନାହିଁ କିମ୍ବା ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା' ଦେହରେ ବେଡ୍‌ସୋର୍ ହୋଇଥାଏ ।

# ଅଜାଗା ଘା'

ସାଧାରଣତଃ ଓଡ଼ିଆରେ ଗୋଟିଏ ଲୋକପ୍ରିୟ ଆପ୍ତବାକ୍ୟ ରହିଛି- 'ଅଜାଗା ଘା' କାହାକୁ ଦେଖିହୁଏ ନାହିଁ କି ଦେଖାଇ ହୁଏ ନାହିଁ ।' ଅର୍ଥାତ୍ ଶରୀରର ଅଭ୍ୟନ୍ତର ତଥା ଗୋପନୀୟ ସ୍ଥାନରେ ଯନ୍ତ୍ରଣାସିକ୍ତ ଘା', ସ୍ୱାଭାବିକ ଭାବରେ ଦେଖିହୋଇ ନଥାଏ କି ଲଜ୍ଜାବଶତଃ ଜଣେ କାହାକୁ ଦେଖାଇ ମଧ୍ୟ ପାରିନଥାଏ । ତେବେ ସମ୍ପ୍ରତି ଚିକିତ୍ସା ପଦ୍ଧତିର ବ୍ୟାପକତା ଓ ସ୍ୱାସ୍ଥ୍ୟ ପ୍ରଯୁକ୍ତିରେ ବିସ୍ମୟାତୀତ ଭାବରେ ବିଭିନ୍ନ ଅତ୍ୟାଧୁନିକ ସର୍ଜରୀ ପଦ୍ଧତି ବା ଔଷଧ ବ୍ୟବହାରରେ ଅଜାଗା ଗା' ଆଉ ସେପରି ଭୟଙ୍କର ହୋଇ ରହିନାହିଁ ।

ଅଚଳ ଅବସ୍ଥାରେ ଜଣେ ଲୋକ ବିଛଣାରେ ଶୋଇ ରହିଲେ ଦେହର ଯେଉଁ ସ୍ଥାନ ବିଛଣାର ସଂସ୍ପର୍ଶରେ ଆସୁଥାଏ, ସାଧାରଣତଃ ସେହିଠାରେ ହିଁ ବେଡ୍‌ସୋର ହୋଇଥାଏ । ଏହି ସ୍ଥାନଗୁଡ଼ିକ ଭିତରେ ଦୁଇ ଗୋଇଠି, ପିଚା, ଦୁଇ କହୁଣି, ମେରୁ ହାଡ଼ର ନିମ୍ନଭାଗ ବା ତ୍ରିକାସ୍ଥି ଅଞ୍ଚଳ, କାନ୍ଧଫଳକ ଆଦି ପ୍ରଧାନ । ଦେହର ଓଜନ ସାଧାରଣତଃ ଏହିସବୁ କେନ୍ଦ୍ର ଦେଇ ବିଛଣାକୁ ବା ଭୂମିକୁ ଗତି କରିଥାଏ ଓ ସେଇଥିପାଇଁ ଏହିସବୁ ଅଞ୍ଚଳର ଅଧିକ ଚାପ ପଡ଼ି ବେଡ୍‌ସୋର୍ ହୋଇଥାଏ ।

ଏହି ଅଞ୍ଚଳଗୁଡ଼ିକରେ ଦେହର ଓଜନର ଚାପ ଏତେ ଅଧିକ ପରିମାଣର ପଡ଼େ ଯେ, ଏଠାରେ ଥିବା ରକ୍ତନଳୀଗୁଡ଼ିକ ଚାପି ହୋଇ ସଂକୁଚିତ ଓ ରକ୍ତଶୂନ୍ୟ ହୋଇଯାନ୍ତି । ଫଳରେ ସେହିସବୁ ଅଞ୍ଚଳକୁ ଆଉ ରକ୍ତ ପ୍ରବାହିତ ହୋଇପାରେ ନାହିଁ । ଏହାଦ୍ୱାରା ସେହିସବୁ ଅଞ୍ଚଳର ତନ୍ତୁଗୁଡ଼ିକ ଆବଶ୍ୟକ ପୁଷ୍ଟି ପାଇ ପାରନ୍ତି ନାହିଁ ଓ ମୃତ ହୋଇଯାନ୍ତି । ତନ୍ତୁ ମୃତ ହୋଇଗଲେ କ୍ଷତ ବା ଘା' ସୃଷ୍ଟି ହୁଏ । ଏହି କ୍ଷତକୁ ହିଁ ବେଡ୍‌ସୋର୍ କୁହାଯାଏ ।



ବିଛଣାରେ ଶୋଇଥିବା ବେଳେ ଏହିସବୁ ଅଞ୍ଚଳରେ ଦେହର ଚାପ ପଡ଼ିଲେ ଜଣେ ସାଧାରଣ ସୁସ୍ଥ ଲୋକ ତାହା ସଜରେ ଅନୁଭବ କରିପାରେ । ଏହା ଯୋଗୁଁ ତାକୁ ସାମାନ୍ୟ ପୀଡ଼ା ହୁଏ ଓ ତାହା ଜାଣି ପାରି ସେ ନିଜର ଅବସ୍ଥିତି ବଦଳାଇ ଦେଇ କଡ଼ ଲେଉଟାଇ ଶୁଏ । କିନ୍ତୁ ପାରାଲିସିସ୍ କିମ୍ବା ଦୀର୍ଘମିଆଦୀ ରୋଗ ଭୋଗୁଥିବା ଜଣେ ରୋଗୀ, ଯେ କି ନିଜର ଅବସ୍ଥିତିକୁ ପରିବର୍ତ୍ତନ କରିପାରେ ନାହିଁ । ଫଳରେ ଦୀର୍ଘ ସମୟର ଚାପ ହେତୁ ତା' ଦେହରେ ବେଡ୍‌ସୋର୍ ହୋଇଥାଏ ।

ଅତି ବୃଦ୍ଧ ଲୋକମାନେ ନିଜ ଦେହର ପୀଡ଼ା ସାମାନ୍ୟ ପରିମାଣରେ ଅନୁଭବ କରିପାରୁଥିଲେ ମଧ୍ୟ ନିଜର ଅବସ୍ଥାନ ପରିବର୍ତ୍ତନ କରିବା ପାଇଁ ଶକ୍ତିହୀନ ହୋଇପଡ଼ିଥାନ୍ତି । ଫଳରେ ଗୋଟିଏ ଅବସ୍ଥାରେ ଶୋଇ ରହି ସେମାନେ



## ସତର୍କତା :

- ବେଡସୋର୍ ବା ସେହିପରି ଯନ୍ତ୍ରଣାଦାୟକ ଘା' ପାଇଁ ଭୟଭୀତ ହୁଅନ୍ତୁ ନାହିଁ ।
- ଗୁଣିଗାରେଡି, ହୁକୁମ୍ ବା ଦେଶୀୟ ଚିକିତ୍ସା ଅପେକ୍ଷା ତୁରନ୍ତ ସର୍ଜରୀ ବିଶେଷଜ୍ଞଙ୍କ ସାହାଯ୍ୟ ନିଅନ୍ତୁ ।
- ରୋଗୀ ନିଜର ବିଛଣାପତ୍ର ପରିଷ୍କାର ରଖନ୍ତୁ, ସ୍ନାନ ନ କରୁଥିଲେ ଚିକିତ୍ସକଙ୍କ ପରାମର୍ଶାନୁଯାୟୀ
- ଦେହର ସବୁ ଆଡ଼େ ଉଷୁମ ପାଣିରେ ଡେଟଲ୍ ବା ସାଭଇଲ୍ ପାଣିରେ ପୋଛି ଦିଅନ୍ତୁ । ଦେହରେ ସ୍ୱାସ୍ଥ୍ୟାନୁମୋଦିତ ପାଉଡର ବ୍ୟବହାର କରିପାରନ୍ତି ।
- ଘା' ସଫା ବା ସଂସ୍ପର୍ଶରେ ଆସୁଥିବା ବର୍ଜ୍ୟବସ୍ତୁ ଗଜ୍ ଇତ୍ୟାଦି ଘରଠାରୁ ଯଥେଷ୍ଟ ଦୂରରରେ ପୋଡ଼ି ଦିଅନ୍ତୁ ।
- ରୋଗୀଙ୍କ ସଂସ୍ପର୍ଶରେ ଆସୁଥିବା ଚିକିତ୍ସକ ବା ଡ୍ରେସର୍‌ଙ୍କ ସମେତ ସମସ୍ତେ ଗ୍ଲୋଭ୍‌ସ ବ୍ୟବହାର କରିବା କଥା କିମ୍ବା ହାଇଜେନିକ୍ ସାବୁନ୍‌ରେ ହାତ ସଫା ରଖନ୍ତୁ ।
- ଦୀର୍ଘ ଦିନ ଘା' ଶୁଖିବା ମଧୁମେହର ବି ଅନ୍ୟତମ ଲକ୍ଷଣ । ରକ୍ତ ଅପରିଷ୍କାରର ଭୟ ରହିଛି । ରକ୍ତ ପରୀକ୍ଷା ଏ କ୍ଷେତ୍ରରେ ଜରୁରୀ ।
- କ୍ଷତର ଅଭ୍ୟନ୍ତରରେ ଗଜ୍ ବା ତୁଳା ସଦାସର୍ବଦା ଧୂଳି ଓ ପବନଠାରୁ ଦୂରେରଇ ରହିବା ଅତ୍ୟନ୍ତ ଜରୁରୀ । ଷ୍ଟେରିଲାଇଜ୍‌ଡ ଜିନିଷ ବ୍ୟବହାର କରନ୍ତୁ ।
- ଏହା ପାଇଁ ବିଚଳିତ, ଚିନ୍ତିତ ନ ହୋଇ ବରଂ ଭଲ ଭାବରେ ଡ୍ରେସିଂ ହୋଇ ଚିକିତ୍ସକଙ୍କ ପରାମର୍ଶ ଅନୁଯାୟୀ ନିଜ ଦାୟିତ୍ୱ ଓ କର୍ମରେ ବ୍ୟସ୍ତ ରୁହନ୍ତୁ ।
- ସଦା ସର୍ବଦା ଈଶ୍ୱର ଚିନ୍ତନରେ ନିମଗ୍ନ ରହି ନିଜେ ଜଣେ ରୋଗୀ ଏ ଚିନ୍ତା ଆଦୌ ମନ ଭିତରକୁ ଆଣନ୍ତୁ ନାହିଁ, ଦେଖିବେ ଆପଣ ଜାଣିନଥିବେ କିନ୍ତୁ ଘା' ବା କ୍ଷତ ଜମା ନଥିବ ।

## ଭୁଲି ଯାଆନ୍ତୁ ଔଷଧ

ପ୍ରତିଦିନ ରାତିରେ ୫ଟି ପିସ୍ତା ବାଦାମକୁ ଭିଜାଇ, ସକାଳେ ଏହାକୁ ଖାଇ ଆପଣ ପିଅନ୍ତୁ । ଦେଖିବେ ଲୋ ବ୍ଲଡ ପ୍ରେସରରୁ ଆରାମ ମିଳିବା ସହ ସ୍ମରଣ ଶକ୍ତିକୁ ବି ପ୍ରଖର ହେବ ।

ଗଣ୍ଠି ଯନ୍ତ୍ରଣାରୁ ବ୍ୟସ୍ତ ଅଛନ୍ତି, ତା ହେଲେ ଅମୃତଭଣ୍ଡାର କୋମଳ ପତ୍ରକୁ ବାଟି ଯନ୍ତ୍ରଣା ହେଉଥିବା ସ୍ଥାନରେ ଲଗାନ୍ତୁ ଆରାମ ମିଳିବ ।

ତୁଳସୀ ମଞ୍ଜିକୁ ବଡ଼ ଦାନା ମୁକ୍ତ ଚିନି ଓ କ୍ଷୀର ସହିତ ମିଶାଇ ପିଇଲେ ମୂତ୍ରାଶୟରେ ଅଟକି ଥିବା ଷ୍ଟୋନ ଦୂର ହୋଇଥାଏ ।

ପ୍ରତିଦିନ ସକାଳୁ ଖାଲି ପେଟରେ ଅଧା ଚାମଚ ମେଥି ଚୂର୍ଣ୍ଣକୁ ନଖ ଉଷୁମ ପାଣିରେ ମିଶାଇ ସେବନ କଲେ ଗଣ୍ଠି ଯନ୍ତ୍ରଣାରୁ ଉପଶମ ମିଳିବ ।



## ଦିନ ବେଳା ଶୁଅନ୍ତୁ ନାହିଁ

ଗବେଷକଗଣ ବିଭିନ୍ନ ବର୍ଗର ଓ ପ୍ରାନ୍ତର ୩ଲକ୍ଷ ବ୍ୟକ୍ତିଙ୍କୁ ନେଇ ୨ବର୍ଷ ଗବେଷଣା କରିବା ପରେ ଏକ ଜରୁରୀ ତଥ୍ୟ ପ୍ରକାଶ କରିଛନ୍ତି । ସେମାନଙ୍କ ତଥ୍ୟରୁ ପ୍ରକାଶିତ ଯେ ଦିନବେଳା ଲୋକେ ଶୋଇବା ସ୍ୱାସ୍ଥ୍ୟ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ । ଯଦିଓ ବୟସ୍କ ଲୋକଙ୍କୁ ଥକାପଣ ଲାଗୁଛି କିମ୍ବା ନିଦ ଦିନେବେଳା ଅଧିକ ଲାଗୁଛି, ତେବେ ସେମାନେ ପୁସ୍ତକ ପଢ଼ିବା ଉଚିତ ନଚେତ ଅନ୍ୟ କୌଣସି କାମରେ ନିଜକୁ ବ୍ୟସ୍ତ ରଖିବା ଆବଶ୍ୟକ । କାରଣ ଦିନବେଳା ଶୋଉଥିବା ବ୍ୟକ୍ତିଙ୍କୁ ମଧୁମେହ ଆକ୍ରାନ୍ତ ହେବାର ସମ୍ଭାବନା ସର୍ବାଧିକ ।

## ଅନ୍ୟ ଚର୍ବି ଜାତୀୟ ଖାଦ୍ୟଠାରୁ ଅଧିକ ସ୍ୱାସ୍ଥ୍ୟକର ଗାଈଘିଅ, ରଖେ ନିରୋଗ ଓ ଦୀର୍ଘାୟୁ

ଆମ ସଂସ୍କୃତିରେ ଗୋଘୃତ ବା ଗାଈଘିଅର ଏକ ବିଶେଷ ଭୂମିକା ରହିଛି। ପୂଜା, ହୋମ ଆଦି ମାଙ୍ଗଳିକ କାର୍ଯ୍ୟରେ ଏହାର ବ୍ୟବହାର ସମ୍ବନ୍ଧରେ ଆମ୍ଭେମାନେ ଅଳ୍ପେ ବହୁତେ ଅବଗତ। ସ୍ୱାସ୍ଥ୍ୟରକ୍ଷା ଓ ଚିକିତ୍ସା ଦୃଷ୍ଟିରୁ ମଧ୍ୟ ଏହାର ବିଶେଷ ଭୂମିକା ରହିଛି। ଆୟୁର୍ବେଦ ମତରେ, ଗୋଘୃତ ହେଉଛି ସମସ୍ତ ପ୍ରକାରର ସ୍ନେହ ବା ଚର୍ବିଜାତୀୟ ଖାଦ୍ୟ ମଧ୍ୟରେ ଶ୍ରେଷ୍ଠ। ଏଥିରେ ଅଧିକ ପରିମାଣରେ ପରିପୃକ୍ତ ସ୍ନେହସାର ବା ଚର୍ବି ରହିଥିଲେ ମଧ୍ୟ, ଏଥିରେ ଥିବା ବସା ଅମ୍ଳ ବା 'ଫ୍ୟାଟି ଏସିଡ୍'ର ସ୍ୱଳ୍ପ ଶୃଙ୍ଖଳ ଏବଂ ଅତ୍ୟାବଶ୍ୟକ ବସାଅମ୍ଳ ବା 'ଏସେନ୍‌ସିଆଲ ଫ୍ୟାଟି ଏସିଡ୍'ର ଉପସ୍ଥିତି ଯୋଗୁଁ, ଏହା ଅନ୍ୟାନ୍ୟ ସ୍ନେହସାର ବା ଚର୍ବି ଜାତୀୟ ଖାଦ୍ୟଠାରୁ ଅଧିକ ସ୍ୱାସ୍ଥ୍ୟକର। ସେଥିପାଇଁ, ଅତି ପ୍ରାଚୀନକାଳରୁ, ସ୍ୱାସ୍ଥ୍ୟରକ୍ଷାକୁ ଲକ୍ଷ୍ୟରେ ରଖି ଆମ ଦୈନନ୍ଦିନ ଆହାରରେ ଗୋଘୃତର ପ୍ରୟୋଗ କରାଯାଇଛି। ଆୟୁର୍ବେଦ ମତରେ, ଗୋଘୃତ ନିତ୍ୟ ସେବନ କରିବା ଦ୍ୱାରା ଆମର ଧାରଣଶକ୍ତି, ସ୍ମୃତିଶକ୍ତି, ମେଧା, ଅଗ୍ନି, ବଳ, ଓଜନ ଓ ଆୟୁ ବୃଦ୍ଧି ହୋଇଥାଏ। ଏହା ଆମର ଶୁକ୍ରଧାତୁ, ସ୍ୱର ତଥା ନେତ୍ର ପାଇଁ ହିତକାରୀ। ଏହା ବାତ ଓ ପିତ୍ତର ବିକାର, ଉନ୍ମାଦ, ଅପସ୍ମାର ଓ ଜ୍ୱର ଜନିତ ପ୍ରଦାହକୁ ମଧ୍ୟ ନଷ୍ଟ କରିଥାଏ। ଶରୀରର ଓଜ ଓ ତେଜ ଏହାଦ୍ୱାରା ବୃଦ୍ଧି ହୋଇଥାଏ। ମୁଖଗହ୍ୱରରେ ଘା' ହେଲେ ଏବଂ ଶୀତ ଋତୁରେ ଓଠ ଓ ପାଦତଳ ଫାଟିଲେ, ଗୋଘୃତ ଲଗାଇବା ଦ୍ୱାରା ଉପଶମ ମିଳିଥାଏ। ନିୟମିତ ଗୋଦୁଗ୍ଧ ଓ ଗୋଘୃତକୁ ଏକତ୍ର ସେବନ କଲେ ଏହା ବାର୍ଦ୍ଧକ୍ୟକୁ ବିଳମ୍ବିତ କରିଥାଏ। ଗୋଘୃତ ସାଧାରଣତଃ ପ୍ରାତଃଭୋଜନ ପୂର୍ବରୁ କିମ୍ବା ପ୍ରାତଃଭୋଜନ ସହିତ ସେବନୀୟ। ଏହାର ମାତ୍ରା- ଅଗ୍ନିର ବଳ ତଥା କୋଷ୍ଠ ଅନୁଯାୟୀ ନିର୍ଦ୍ଧାରିତ ହୋଇଥାଏ। ତେବେ ଏହାକୁ ଆମେ ସାଧାରଣତଃ ଅଧଚାମଚ ମାତ୍ରାରେ ସେବନ କରିପାରିବା। ଗୋଘୃତ ସେବନ ପରେ ଉଷୁମପାଣି ପିଇବା ବିଧେୟ।



## ଛତୁରେ ରହିଛି ଔଷଧୀୟ ଗୁଣ

### ଡ଼ିପ୍ରେସନ ଦୂର୍ କରିବା ସହ ମନୋବଳକୁ କରେ ଦୃଢ଼



ଅନେକ ଲୋକ ଛତୁ ଖାଇବାକୁ ପସନ୍ଦ କରନ୍ତି । ଏହା କେବଳ ସ୍ୱାଦରେ ଭଲ ନୁହେଁ, ବରଂ ଏହା ଉଦାସୀନତା, ଚିନ୍ତା ଓ ମନୋବଳ ପରିବର୍ତ୍ତନ ଭଳି ମାନସିକ ସମସ୍ୟାକୁ ମଧ୍ୟ ଚିକିତ୍ସା କରିପାରିବ। ଏହି ଯାଦୁକାରୀ ଛତୁରେ ହାଲୁସିନୋଜେନିକ୍ ନାମକ ଏକ ପଦାର୍ଥ ରହିଥାଏ ଯାହା ଆମ ମସ୍ତିଷ୍କକୁ ହାଇପରକନେକ୍ଟେଡ୍ ମସ୍ତିଷ୍କ କରିବା ପାଇଁ କାମ କରେ। ନିକଟରେ ହୋଇଥିବା ଏକ କ୍ଲିନିକାଲ୍ ପରୀକ୍ଷା ଅନୁଯାୟୀ, ଛତୁରେ ମିଳିଥିବା ହାଲୁସିନୋଜେନିକ୍ ପଦାର୍ଥ ଆମ ମସ୍ତିଷ୍କକୁ ସ୍ଥାପିତ ଗଉଇ ସୁଇଚ୍ ସହିତ ବଦଳାଇପାରେ। ମନରେ ଏକ ନକାରାତ୍ମକ ଚିନ୍ତାଧାରା ଆସିବା ମାତ୍ରେ, ଏହି ସୁଇଚ୍ ସକ୍ରିୟ ହୋଇ ମନରେ ଆସୁଥିବା ଖରାପ ଚିନ୍ତାଧାରାର ପ୍ରବାହକୁ ବନ୍ଦ କରିବା କାର୍ଯ୍ୟ ଆରମ୍ଭ କରେ।

ଏହି ଅଧ୍ୟୟନ କିଛି ଦିନ ପୂର୍ବରୁ ନେଚର ଚିକିତ୍ସାରେ ପ୍ରକାଶିତ ହୋଇଥିଲା। ଏଥିରେ, କ୍ଲିନିକାଲ୍ ପରୀକ୍ଷଣର ଧାଡ଼ିରେ, ଏହା କୁହାଯାଇଥିଲା ଯେ ଆମକୁ ଡିପ୍ରେସନ୍, ଚିନ୍ତା ଓ ମନୋବୃତ୍ତିର ସମସ୍ୟାରୁ ରକ୍ଷା କରିବା ପାଇଁ psilocybin ଭଳି ସାଇକେଡେଲିକ୍ ପଦାର୍ଥ କିପରି କାମ କରେ। ଏହାର ପ୍ରଭାବ ବୁଝିବା ପାଇଁ ବିଶେଷଜ୍ଞଙ୍କ ଦ୍ୱାରା ବରୋଗୀଙ୍କୁ କ୍ଲିନିକାଲ୍ ପରୀକ୍ଷଣରେ ଅନ୍ତର୍ଭୁକ୍ତ କରାଯାଇଥିଲା। ଏଥିରେ ଉଭୟ ସୁସ୍ଥ ଏବଂ ଅସ୍ୱାସ୍ଥ୍ୟକର ବ୍ୟକ୍ତି ଅନ୍ତର୍ଭୁକ୍ତ ଥିଲେ।

ଏହି କ୍ଲିନିକାଲ୍ ଟ୍ରାଏଲରେ, ବିଶେଷଜ୍ଞମାନେ ଦେଖିଲେ ଯେ ଛତୁରେଥିବା ସିଲୋସିବିନ୍ ନେବା ପରେ, ଅଂଶଗ୍ରହଣକାରୀଙ୍କ ମସ୍ତିଷ୍କର ତାର ଅଧିକ ସକ୍ରିୟ ହୋଇଗଲା। ସୁସ୍ଥ ପଦାର୍ଥର ମସ୍ତିଷ୍କ ଏହି ପଦାର୍ଥ ସହିତ ହାଇପରାକ୍ଟିଭ୍ ହୋଇଗଲା। ଯେଉଁମାନେ ଉଦାସୀନତା, ଚିନ୍ତା କିମ୍ବା ମନୋବଳ ପରିବର୍ତ୍ତନରେ ପୀଡିତ ଥିଲେ ସେମାନେ ଆରାମ ପାଇଲେ। ନକାରାତ୍ମକ ଚିନ୍ତାଧାରା କିମ୍ବା ଖରାପ ଚିନ୍ତାଧାରା ହଠାତ୍ ତାଙ୍କ ମନରେ ଅଟକି ଗଲା। ଏହି ବିଷୟରେ, ମେଡିସିନ୍ ?ର ୟୁସି ସାନ ଡିଏଗୋରେ ସାଇକ୍ରେଟକ ବିଭାଗର ଡ଼ା. ହେଭା ଆର୍ଟିନ୍ କହିଛନ୍ତି ଯେ କ୍ଲିନିକାଲ୍ ପରୀକ୍ଷଣରେ ପ୍ରକାଶ ପାଇଥିବା ତଥ୍ୟ ଏହା ସ୍ପଷ୍ଟ କରେ ଯେ ଛତୁ ଉଦାସୀନତା କିମ୍ବା ମୁଡ୍ ସୁଇଙ୍ଗ୍ ଭଳି ସମସ୍ୟାର ଚିକିତ୍ସା କରିପାରିବ। ତଥାପି, ଏହା ଏପର୍ଯ୍ୟନ୍ତ ଅଧିକ ଅଧ୍ୟୟନ ଆବଶ୍ୟକ କରେ।

## ଘରେ୍ ଝଟାପଟ ପ୍ରସ୍ତୁତ କରନ୍ତୁ ଚିକେନ ପିଆଜ କଷା

**ଆବଶ୍ୟକ ସାମଗ୍ରୀ:** ଚିକେନ, କଟା ପିଆଜ, ହଳଦୀ ଗୁଣ୍ଡ, ଲୁଣ, ଲଙ୍କାଗୁଣ୍ଡ, କଟା ଟମାଟୋ, ତେଲ, ଗରମ ମସଲା ଓ କଞ୍ଚା ଲଙ୍କା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ବଜାରରୁ କିଛି ଚିକେନ ଆଣନ୍ତୁ। ତାକୁ ଭଲ ଭାବେ ଧୋଇ ଏକ ପାତ୍ରରେ ରଖନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ସେଥିରେ କଟା ପିଆଜ ପକାନ୍ତୁ। ପିଆଜ ଭଲଭାବରେ ଭାଜି ହେବା ପରେ କଟା କଞ୍ଚା ଲଙ୍କା ଓ ଚିକେନ ପକାଇ କଷନ୍ତୁ। ଏହାପରେ ହଳଦୀ ଗୁଣ୍ଡ, ସ୍ୱାଦ ଅନୁସାରେ ଲୁଣ, ଲଙ୍କାଗୁଣ୍ଡ, କଟା ଟମାଟୋ ପକାଇ ଭଲ ଭାବେ ଗୋଳାନ୍ତୁ। ଚିକେନ ଭଲ ଭାବରେ କଷି ହୋଇଗଲା ପରେ ସେଥିରେ ଅଳ୍ପ ପାଣି ଦେଇ ତାକୁ ଘୋଡ଼ାଇ ଦିଅନ୍ତୁ। ଚିକେନରୁ ପାଣି ମରିଗଲା ପରେ ଗରମ ମସଲା ପକାଇ ତାକୁ ଓଲ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ଚିକେନ ପିଆଜ କଷା।



# ଦେଶର ସମସ୍ତ ରାଜ୍ୟର ନଦୀ ମୃତ୍ୟୁ ପଥରେ: ପ୍ରତିକାର କରାନଗଲେ ଦୁର୍ଭିକ୍ଷ ସୁନିଶ୍ଚିତ



ଭୁବନେଶ୍ୱର , ୨୭/୦୬ (ନି.ପ୍ର): ଦେଶର ସମସ୍ତ ରାଜ୍ୟର ନଦୀଜଳ ପ୍ରବାହ ଅଣମୌସୁମୀ ଋତୁରେ ୯୦% ହ୍ରାସ ପାଇଛି। ଗଙ୍ଗା ଆଦିର ସ୍ରୋତ ୮୦% ହ୍ରାସ ହୋଇଯାଇଛି। ପ୍ରାୟ ସମସ୍ତ ନଦୀଘାଟରେ ଏଥିପାଇଁ ନୌକା ଚାଲୁନାହିଁ। ନଦୀକୂଳ ମାନଙ୍କରେ ଲକ୍ଷ ଲକ୍ଷ ମତ୍ସ୍ୟଜୀବୀ ଜୀବିକା ହରାଇଛନ୍ତି। ଏମିତି ସତର୍କ କରାଇଛନ୍ତି ପୂର୍ବତନ ବିଧାୟକ ବିଭୁଧେନ୍ଦ୍ର ପ୍ରତାପ ଦାସ। କେବଳ ସେତିକି ନୁହେଁ, ଓଡ଼ିଶା ସଂପର୍କରେ ଚିତ୍ର ରଖି ଶ୍ରୀ ଦାସ ଚେତାବନୀ ଦେଇଛନ୍ତି ଯେ, ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେଇ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନ ନେଲେ ଭାରତରେ ଜଳ ଓ ଖାଦ୍ୟାଭାବଜନିତ ଦୁର୍ଭିକ୍ଷ ସୁନିଶ୍ଚିତ। ଶ୍ରୀ ଦାସ କହିଛନ୍ତି, ହିମାଳୟ ପର୍ବତ ଉପରରୁ ପାଇନ ଗଛ ଧ୍ୱଂସ ପାଉଛି। ଏଣୁ ଶୀଘ୍ର ବରଫ ତରଳି ଯାଉଥିବାରୁ ଗଙ୍ଗାନଦୀ ଜଳ ପ୍ରବାହ ହ୍ରାସ ପାଇଛି। ଏହାବ୍ୟତୀତ ଆମ ରାଜ୍ୟ ସମେତ ଅନ୍ୟାନ୍ୟ ରାଜ୍ୟରେ ଜଙ୍ଗଲ ଧ୍ୱଂସ କାରଣରୁ ଓ ଉଚ୍ଚ ଅଟ୍ଟାଳିକା ଦ୍ୱାରା ଭୂତଳ ଜଳ ବ୍ୟବହାର ବୃଦ୍ଧି ତଥା ପୋଖରୀକୁ ପୋତାଯାଇ ଘର ନିର୍ମାଣ ଯୋଗୁଁ ଭୂତଳ ଜଳ ସ୍ତର ହ୍ରାସ ପାଇଛି। ଓଡ଼ିଶାରେ ଗଭୀର ନଳକୂପ ଦ୍ୱାରା ଉଠାଜଳ ସେଚନ ଯୋଗୁଁ ଭୂତଳ ଜଳ ସ୍ତର ସଂଘାତିକ ଭାବେ ତଳକୁ ଚାଲିଗଲାଣି। ଏଥିପାଇଁ ଉପକୂଳ ଜିଲ୍ଲାମାନଙ୍କର ଲୁଣିଜଳ ଉପରକୁ ଉଠିଆସିଛି। ପୁରୀ ବଳିଆପଣ୍ଡା ଏହାର ଉଦାହରଣ। ସେପଟେ ସରକାର ୨୦୨୪ ସୁଦ୍ଧା ସମସ୍ତ ଗ୍ରାମକୁ ପାଇପ ଜଳ ଯୋଗାଣ ପାଇଁ ଯୋଜନା ଆରମ୍ଭ କରିଛନ୍ତି। ନଦୀଜଳ ଭଣ୍ଡାରଗୁଡ଼ିକରେ ଆବଶ୍ୟକତା ଅନୁସାରେ ପାଣି ରହିବ ନାହିଁ। ଏଣୁ ସରକାର ସମସ୍ତ ଗ୍ରାମକୁ ଜଳ ଯୋଗାଇ ପାରିବେ ତ? ଶ୍ରୀ ଦାସ ଏହି ଅବସରରେ ୧୦ ଦଫା ପ୍ରସ୍ତାବ ଦେଇଛନ୍ତି। ଶ୍ରୀ ଦାସ ଏଥିରେ କହିଛନ୍ତି ଯେ, କାଠ ବ୍ୟବହାର କମାଇବାଠାରୁ ଆରମ୍ଭ କରି ନିୟମ ଭଙ୍ଗକାରୀଙ୍କୁ କଠୋର ଅର୍ଥଦଣ୍ଡ ଦିଆଯିବା ଦରକାର। ସେହିଭଳି ପର୍ବତ ଉପରେ ସଫଳ ବୃକ୍ଷ ରୋପଣ ନିମନ୍ତେ ଜାପାନ ପଦ୍ଧତିରେ ଉଡାଜାହାଜ ଜରିଆରେ ମଞ୍ଜି ନିକ୍ଷେପଣ, ସ୍କୁଲ-କଲେଜ ଶିକ୍ଷାରେ ବୃକ୍ଷରୋପଣ ଓ ପରିବେଶ ବିଷୟରେ ବାଧ୍ୟତାମୂଳକ ଶିକ୍ଷା ପ୍ରଦାନ ଆବଶ୍ୟକ। ସବୁ ନଦୀକୂଳରେ ୨୦୦/୩୦୦ ମିଟର ବ୍ୟବଧାନରେ ଛୋଟ ବ୍ୟାରେଜ ନିର୍ମାଣ କରାଯାଉ। ଏହାବ୍ୟତୀତ କୂଳମାନଙ୍କରେ ଏନ୍ଆରଜିଏସ୍ ଅର୍ଥରେ ରିଚାର୍ଜିଙ୍ଗ କୂପ ଖନନ, ଗ୍ରାମ-ସହରରେ ଥିବା ସମସ୍ତ ପୋଖରୀ ଓ ଜଳାଶୟଗୁଡିକର ପୁନରୁଦ୍ଧାର କରାଯିବା ଏବଂ ଜଳଭଣ୍ଡାରରୁ ଶିଳ୍ପ ଜଳ ନେବା ନେଇ ନୀତି କରାଯିବା ଲାଗି ସେ ପ୍ରସ୍ତାବ ଦେଇଛନ୍ତି।

# ତେଲ ବ୍ରିଜ ଉଭୟ ପଟ ରାସ୍ତାର ବାଲି ସଫା କଲେ ସ୍ୱେଚ୍ଛାସେବୀ : ଦ୍ୱିତୀୟ ଦିନରେ ସାମିଲ ହେଲେ ଦୁଇ ଜଣ ଟ୍ରାକ୍ଟର ମାଲିକ ଓ ସହଯୋଗୀ

ସୁବର୍ଣ୍ଣପୁର, ୨୭/୦୬ (ନି.ପ୍ର): ସୋନପୁର ମନମୁଣ୍ଡା ତେଲ ବ୍ରିଜରେ ଦୀର୍ଘମାସରୁ ଜମି ଥିବା ବାଲି ସବୁକୁ ସଫା କଲେ ସ୍ୱଚ୍ଛ ଭାରତ ସଂଗଠନ ସୋନପୁର ମନମୁଣ୍ଡାର ସ୍ୱେଚ୍ଛାସେବୀ। ବ୍ରିଜରେ ଜମି ଥିବା ପ୍ରଥମ ବର୍ଷା ପାଣି, ବାଲି, ଖାଲ ନାଳ ଓ ଲୁହକ୍ଷ ଛଡ଼ ଯୋଗୁଁ ପ୍ରତ୍ୟହଃ ଯିବା ଆସିବା କରୁଥିବା ହଜାର ହଜାର ଗାଡି ଚାଳକ ଓ ଯାତ୍ରୀ ଅସୁରକ୍ଷିତ ମନେକରୁଥିବା ଅଭିଯୋଗ ହୋଇଥିବାରୁ ଓ ଛୋଟ ବଡ଼ ଦୁର୍ଘଟଣା ମଧ ଘଟୁଥିବାରୁ ପ୍ରତିବର୍ଷ ଏ ସ୍ୱେଚ୍ଛାସେବୀମାନେ ଲୋକଙ୍କୁ ଏକାଠି କରି ଏ ମହା ଅଭିଯାନକୁ ସପ୍ତାହେ ବ୍ୟାପି ଚାଲୁ ରଖନ୍ତି । ୧୯୭୩ ମସିହାରେ ଓଡିଶାର ରାଜ୍ୟପାଳ ବିଡି ଜଟ୍ଟୀଙ୍କ ଦ୍ୱାରା ଶୁଭାରମ୍ଭ ହୋଇ ବାଲାଙ୍ଗୀର ସୋନପୁରରୁ ବୌଦ୍ଧ ଜିଲ୍ଲା ଓ ରାଜଧାନୀ ଭୁବନେଶ୍ୱର କୁ ସଂଯୋଗ କରୁଥିବା ଏହି ପୁରାତନ ତେଲ ବ୍ରିଜ ଦୀର୍ଘ ଦିନ ରୁ ରୁଗ୍ଣ ଓ ଜରାଜୀର୍ଣ୍ଣ ଅବସ୍ଥା ରେ ରହିଛି କ୍ଷ କିନ୍ତୁ ଏହାର ଯତ୍ନ ଓ ରକ୍ଷଣା ବେକ୍ଷଣ ଦିଗରେ ଏନ ଏଚ ବିଭାଗ ଓ ରାଜ୍ୟ ପ୍ରଶାସନର ଅଣଦେଖା ଯୋଗୁଁ ଆଜି ଆଉ ଏକ ଦ୍ୱିତୀୟ ନୂତନ ପୋଲର ଆବଶ୍ୟକ ଜରୁରୀ ହୋଇ ପଡିଛି । ଯଦି ପବ୍ଲିକ କିମ୍ବା ସାମ୍ବାଦିକଙ୍କ କେବେ କିଛି ଅଭିଯୋଗ ହୁଏ ତାହେଲେ କେବେ କେବେ ରଙ୍ଗ ଓ ସିମେଂଟ ପିଟୁ ଟିକିଏ ବୋଳିଦେଇ ଏନଏଚ ବିଭାଗ ଚତୁରତାର ସହ ନିଜ କୁ ଦୋଷ ମୁକ୍ତ ଭାବେ। ଆଜିର ଏହି ବାଲି ସଫେଇ ଅଭିଯାନରେ ଜିଲ୍ଲା ଟ୍ରାକ୍ଟର ମାଲିକ ବୈକୁଣ୍ଠ ଶତପଥୀ, ଭଗବାନ ଭୁକ୍ତକ୍ଷଙ୍କ ସହିତ ତାଙ୍କ କିଛି ଲେବର ମଧ ସାମିଲ ହୋଇ ତାଙ୍କ ମହାନତା ଦେଖାଇଛନ୍ତି । ସ୍ୱଚ୍ଛ ଭାରତ ସଂଗଠନର ଉଦ୍ୟୋକ୍ତା ସୟଦ ଅଲିମୁଲ ଇସଲାମ, ଗରିବ ଲୋଇ, ପୋଲିସ ଆର ଆଇ ପ୍ରଦ୍ୟୁମ୍ନ ପଟେଲ, ପ୍ରହଲ୍ଲାଦ ମିଶ୍ର, ଇନ୍ଦୁମତୀ ପୁରୋହିତ, ମନୋରଞ୍ଜନ ତ୍ରିପାଠୀ, ମନୋଜ ପଣ୍ଡା, ନାରାୟଣ ରଥ, ଲଡୁ କିଶୋର ମଲ୍ଲିକ, ସୁଶାନ୍ତ ସାହୁ, ଜୟନ୍ତ ବେହେରା, ସିମାଂଚଳ ହୋତା, ଡା. ସରୋଜ ପଟେଲ, ରୋମୁ ତିୱାର, ବିକ୍ରମ ବାବୁ, ମିଲୁ ବାବୁ, ବାବୁଲା ସାହୁ ପ୍ରମୁଖ ଅନେକ ସଭ୍ୟ ଯୋଗ ଦେଇ ଆଜି ଏ ଅଭିଯାନକୁ ଦ୍ୱିତୀୟ ଦିନରେ ପହଂଚାଇଛନ୍ତି। ପ୍ରକାଶ ଥାଉ କି ଯେ ୨୦୧୪ ମସିହାରୁ ଏହି ସଂଗଠନ ତେଲ ବ୍ରିଜର ରକ୍ଷଣା ବେକ୍ଷଣ ପାଇଁ ବାଲି ସଫେଇ ଓ ଉଭୟ ପଟର ଖାଲ ପୋତିବା ସହିତ ସୁପ୍ତହୋଇ ରହିଥିବା ବୌଦ୍ଧ ବାଲାଙ୍ଗୀର ଏନ ଏଚ ବିଭାଗକୁ ଜାଗ୍ରତ କରିଆସୁଥିବା ଅନେକ ନଜିର ଅଛି।

# ପୋଲିସ ପ୍ରଶାସନର ଇଦ-ଉଲ-ଜୁହା ପାଇଁ ଆଲୋଚନା

କେନ୍ଦ୍ରାପଡ଼ା, ୨୭/୦୬ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଏବଂ ସହରରେ ବସବାସ କରୁଥିବା ସଂଖ୍ୟାଲଘୁ(ମୁସଲମାନ) ସଂପ୍ରଦାୟ ମାନଙ୍କର ପର୍ବ ଇଦ-ଉଲ-ଜୁହା ଆସନ୍ତା ଗୁରୁବାର ପାଳନ ହେବାକୁ ଥିବାରୁ ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଏସ୍‌ଡିପିଓଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସନ୍ଦିପ ସମ୍ପଦ ମଡକରଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଏସ୍‌ଡିପିଓ ଜୟନ୍ତ ମହାପାତ୍ର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, ଟାଉନ ଥାନା ଅଧିକାରୀ ତପନ କୁମାର ନାୟକ, ପୌର ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ଆସନ୍ତା ୨୯ ତାରିଖ ହେବାକୁ ଥିବା ଏହି ପର୍ବ ଉପଲକ୍ଷେ ପୌରସଂସ୍ଥା ତରଫରୁ ଗ୍ରାମ ଗୁଡିକରେ ବ୍ଲିଚିଂ ପାଉଡର ପକାଇବା, ଡ୍ରେନକୁ ସଂପୂର୍ଣ୍ଣ ସଫା କରିବା, ସୁଇପର ଗାଁ ଗାଁ ବୁଲି ଅଳିଆ, ଆବର୍ଜନା ଉଠାଇବା ଏବଂ ସକାଳ ୭ଟାରୁ ସଂନ୍ଧ୍ୟା ୭ଟା ପର୍ଯ୍ୟନ୍ତ ପାନୀୟ ଜଳ ଯୋଗାଣ ଜାରି ରହିବା ପାଇଁ ଆଲୋଚନା କରାଯାଇ ଥିଲା। ଏଥି ସହିତ ପେଟ୍ରୋଲିଂ ବ୍ୟବସ୍ଥା କଡାକରି କରିବା ଉପରେ ଆଲୋଚନା କରାଯାଇ ଥିଲା। ଏହି ବୈଠକରେ ପୂର୍ବତନ କାଉନସିଲର ହିବଜୁବୁର ରହେମାନ, ମୁକ୍ତାର ଖାନ, କାଉନସିଲର ସେକ ଆସଲମ, ସୟଦ ଅହେସାନ ଅଲ୍ଲୀ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ ଓ ପ୍ରତିଷ୍ଠା ଦିବସ

ବଲାଙ୍ଗୀର, ୨୭/୦୬ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ ଓ ପ୍ରତିଷ୍ଠା ଦିବସ ର ସଭା ସଦେଇପାଲି ସ୍ଥିତ ରାଧାକୃଷ୍ଣ ମନ୍ଦିର ରେ ପ୍ରଭାକର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ସଭା ପ୍ରାରମ୍ଭରେ ବାଲେଶ୍ୱର ରେଳ ଦୁର୍ଘଟଣାରେ ଓ ବଲାଙ୍ଗିର ଛୁଇଁବନ୍ଧ ଟାରେ ହୋଇଥିବା ଦୁର୍ଘଟଣାରେ ମୃତକଙ୍କ ପାଇଁ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ସାଧାରଣ ସଂପାଦକ ମନୋରଂଜନ ମିଶ୍ର ସମସ୍ତଙ୍କୁ ସ୍ୱାଗତ ପୂର୍ବକ ଗତ ସାଧାରଣ ସଭାର ବିବରଣୀ ପଠନ କରିଥିଲେ। ତତ୍ ସଙ୍ଗେ ସଭାରେ ଆଲୋଚିତ ହେବାକୁ ଥିବା ଏଜେଣ୍ଡା ଉପସ୍ଥାପିତ କରିଥିଲେ। ସଭାରେ ସମସ୍ତଙ୍କୁ ନିଜସ୍ୱ ନିଜସ୍ୱ ମତାମତ ଉପସ୍ଥାପନ କରିବାକୁ ନିମନ୍ତ୍ରଣ କରାଯାଇଥିଲା। ଅନେକ ଅନୁଭବୀ ସଦସ୍ୟମାନେ ବହୁମୁଲ୍ୟ ମତ ଉପସ୍ଥାପନ କରିଥିଲେ। ବିଭିନ୍ନ ମତାମତ ଦେଇଥିବା ସଭ୍ୟମାନେ ହେଲେ ଇଂ. ହରେକୃଷ୍ଣ ମେହେର, କୈଳାଶ ମହାପାତ୍ର, ମଲିଆ ଗଡୁଆ, ଧନଞ୍ଜୟ ମିଶ୍ର, କପିଳେଶ୍ୱର ଖମାରୀ, ଡ. ପ୍ରମୋଦ ମିଶ୍ର, ଶିବ ଶଙ୍କର ଖୁଆସ, ମୁଖ୍ୟ ଉପଦେଷ୍ଟା । ସୁଧାଂଶୁ ଦର୍ଜୀ, ବାସୁଦେବ ମେହେର, ଅଶୋକ କୁମାର ମିଶ୍ର, ଉପସଭାପତି ବିରଂଚି ହୋତା ଓ ଗଙ୍ଗାବିଷ୍ଣୁ ପାଣିଗ୍ରାହୀ । ସଭାପତି ନିଜର ଅଭିଭାଷଣ ରେ ଗତ ଦିନ ରେ ଦୁର୍ଘଟଣାରେ ଓ ରୋଗ ରେ ପୀଡିତ ଥିବା ସଦସ୍ୟମାନଙ୍କ ଘରକୁ ଯାଇ ଭେଟି ଆରୋଗ୍ୟ କାମନା କରିଥିବା ବିଷୟରେ ଉପସ୍ଥାପନ କରିଥିଲେ ଓ ଏପରି ପୀଡିତ ଥିବା ସଭ୍ୟମାନଙ୍କ ବିଷୟରେ ସୂଚନା ଦେବା ପାଇଁ ଗ୍ରୁପ ଅର୍ଗାନିସେର ମାନଙ୍କୁ ଅନୁରୋଧ କରିଥିଲେ। ସଭା ଶେଷରେ ଅତିରିକ୍ତ ସାଧାରଣ ସମ୍ପାଦକ ସୁନିଲ ବିଶ୍ୱାଳ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପରେ ସଭାପତି ସଭା ସମାପ୍ତ ଘୋଷଣା କଲେ।

# ବରମୁଣ୍ଡା ସର୍ଭିସ୍ ରୋଡ୍‌ରେ ମୁଣ୍ଡଖିଆ ମୁକୁଳା ଡ୍ରେନ୍



ଖଣ୍ଡଗିରି, ୨୭/୦୬ (ନି.ପ୍ର): ବରମୁଣ୍ଡା ବସ୍‌ଷ୍ଟାଣ୍ଡରୁ ଜୟଦେବ ବାଟିକାକୁ ଲମ୍ବିଥିବା ସର୍ଭିସ୍ ରୋଡ୍‌ରେ ଟିସୁ କଲ୍‌ଚର ଲାବରୋଟାରି ନିକଟ ମୁକୁଳା ଡ୍ରେନ୍‌ରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଗତ ଦୁଇ ସପ୍ତାହ ଭିତରେ ଏହି ମୁକୁଳା ଡ୍ରେନ୍‌ରେ ପଡ଼ି ଜଣେ କୃଷି ବୈଜ୍ଞାନିକଙ୍କ ମୃତ୍ୟୁ ଘଟିଥିବା ବେଳେ ବହୁ ବାଇକ୍ ଆରୋହୀ ଆହତ ହେଲେଣି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇବାରୁ ପୂର୍ତ୍ତ ବିଭାଗ ଦୋଷ ତୁଟାଇବାକୁ ୮ଟି କଂକ୍ରିଟ୍ ବ୍ଲକ୍ ଥୋଇ ଦେଇ ବସି ପଡ଼ିଛନ୍ତି। ହେଲେ ଏହି ମୃତ୍ୟୁଯନ୍ତାକୁ ପୂରାପୂରି ଆବଦ୍ଧ କରିବା କେତେ ଆବଶ୍ୟକ, ତାହା କର୍ତ୍ତୃପକ୍ଷ ହୃଦୟଙ୍ଗମ କରିପାରୁନାହାନ୍ତି। ମୁଣ୍ଡଖିଆ ମୁକୁଳା ଡ୍ରେନ୍ ପାଇଁ ଏହି ବାଟ ଦେଇ ଯାତାୟାତ କରୁଥିବା ଲୋକ ସବୁ ଦିନ ପ୍ରମାଦ ଗଣୁଥିବା ଅଭିଯୋଗ କରିଛନ୍ତି। ତ ୧୧ ତାରିଖ ରାତିରେ ଏହି ବାଟ ଦେଇ ନିଜ ବାଇକ୍ ଯୋଗେ କୃଷି ବୈଜ୍ଞାନିକ ଦେବାଶିଷ ପଟ୍ଟନାୟକ ଯାଉଥିଲେ। କୌଣସି କାମରେ ସେ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଛକରୁ ଶ୍ରୀଅରବିନ୍ଦ ସ୍କୁଲ୍ ଆଡ଼କୁ ଯାଉଥିଲେ। ଅନ୍ଧାରରେ ସେ ମୁକୁଳା ଡ୍ରେନ୍‌କୁ ଜାଣି ନପାରି ବାଇକ୍ ସହ ଭିତରକୁ ଗଳି ପଡ଼ିଥିଲେ। ରାସ୍ତା ଉପରୁ ପ୍ରାୟ ୨୦ ଫୁଟ୍ ଗଭୀରର ଉକ୍ତ ଡ୍ରେନ୍‌ରେ ପଡ଼ି ସେ ଅଣନିଃଶ୍ୱାସୀ ହୋଇଯାଇଥିଲେ। ଅଗ୍ନିଶମ ବାହିନୀ ସେଠାରୁ ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ୍ ହସ୍ପିଟାଲ୍ ପଠାଇଥିଲା। ମାତ୍ର ହସ୍ପିଟାଲ୍‌ରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ହୋଇସାରିଥିଲା। ସେହିପରି କଳିଙ୍ଗବିହାର ଅଞ୍ଚଳର ଦେବେନ୍ଦ୍ର ବେହେରା କିଛି ଦିନ ତଳେ ରାତି ପ୍ରାୟ ୯ଟା ବେଳେ ଉକ୍ତ ରାସ୍ତାରେ ଘରକୁ ଫେରୁଥିବା ବେଳେ ଅନ୍ଧାରରେ ଉକ୍ତ ଡ୍ରେନ୍‌କୁ ଜାଣିପାରି ନଥିଲେ। କିନ୍ତୁ ତାଙ୍କ ବାଇକ୍‌ର ବେଗ କମ୍ ଥିବାରୁ ସେ ଡ୍ରେନ୍ ଭିତରକୁ ଖସିବା ପୂର୍ବରୁ ମାଟି ଗଦାରେ ଗଳି ଅଟକି ଯାଇଥିଲେ। ଦେବେନ୍ଦ୍ରଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ସବୁ ଦିନ ରାତିରେ ଏମିତି କିଛି ନା କିଛି ଦୁର୍ଘଟଣା ଘଟୁଛି। କେବଳ ରାତି ନୁହେଁ, ଦିନରେ ବି ଏଭଳି ଅଘଟଣ ଘଟୁଛି। ୧୯ ତାରିଖ ଦିନ ମଧ୍ୟାହ୍ନରେ ଜଣେ ବାଇକ୍ ଆରୋହୀ ବରମୁଣ୍ଡାରୁ ତପୋବନ ଆଡ଼କୁ ଯିବା ବେଳେ ଉକ୍ତ ନାଳ ଭିତରକୁ ଗଳି ପଡ଼ିଥିଲେ। ସୌଭାଗ୍ୟକୁ ଦିନ ବେଳା ହୋଇଥିବାରୁ ଉପସ୍ଥିତ ଲୋକମାନେ ତାଙ୍କୁ ଉଦ୍ଧାର କରିବାରେ ସକ୍ଷମ ହୋଇଥିଲେ ଏବଂ ଖଣ୍ଡିଆଖାବରା ହୋଇଥିଲେ ହେଁ ସେ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଯାଇଥିଲେ। ସୂଚନାଯୋଗ୍ୟ ଯେ ଏହି ଡ୍ରେନ୍‌ଟି ଦୀଘ ବର୍ଷ ହେଲା ମୁକୁଳା ରହିଛି। କିଛି ଦିନ ତଳେ ଏହାକୁ ସଫା କରିବାକୁ ଯାଇ ଖୋଲା ଯାଇଛି। ହେଲେ ପଥଚାରୀଙ୍କ ସୁରକ୍ଷା ପାଇଁ ଏଠାରେ ସୂଚନାଫଳକ କିମ୍ବା ସୁରକ୍ଷା ବାଡ଼ ନାହିଁ। କୃଷି ବୈଜ୍ଞାନିକ ଦେବାଶିଷଙ୍କ ମୃତ୍ୟୁ ପରେ ନାଳର ଗୋଟିଏ ପଟେ ୪ଟି କଂକ୍ରିଟ୍ ବ୍ଲକ୍ ରଖାଯାଇଥିଲା ଏବଂ ଆରପଟେ କିଛି ମାଟି ଗଦେଇ ଦିଆଯାଇଥିଲା। ଆଉ ୨ଜଣ ନାଳରେ ପଡ଼ିବା ପରେ ଆଉ ୬ଟି କଂକ୍ରିଟ୍ ବ୍ଲକ୍ ଥୁଆ ଯାଇଛି। ଉକ୍ତ ସ୍ଥାନଟି ଅନ୍ଧାରିଆ ହୋଇଥିବାରୁ ରାତିରେ ଏହି ରାସ୍ତାର ଅଦିନିଆ ଲୋକମାନେ ଡ୍ରେନ୍‌କୁ ଜାଣି ପାରୁନାହାନ୍ତି ଏବଂ କଂକ୍ରିଟ୍ ବ୍ଲକ୍‌ରେ ପିଟି ହେଉଛନ୍ତି। ଅନ୍ୟପକ୍ଷରେ ରାସ୍ତାର ଏହି ଅଞ୍ଚଳରେ କିଛି ବସ୍ ପାର୍କିଂ କରୁଥିବାରୁ ରାସ୍ତା ଆହୁରି ଅଣଓସାରିଆ ହୋଇଯାଉଛି। ଫଳରେ ବାଇକ୍ ଆରୋହୀମାନେ ହଠାତ୍ ମୁକୁଳା ଡ୍ରେନ୍ ଦେଖିନପାରି ଗାତରେ ପଡୁଛନ୍ତି। ତେଣୁ ଲୋକଙ୍କ ସୁରକ୍ଷା ପାଇଁ ପୂର୍ତ୍ତ ବିଭାଗ କିଛି ସ୍ଥାୟୀ ପ୍ରତିକାର କରିବାକୁ ଦାବି ହେଉଛି।

## ଛୁରୀ ମୁନରେ ବ୍ୟବସାୟୀଙ୍କଠାରୁ ଲୁଟିନେଲେ ଲକ୍ଷାଧିକ ଟଙ୍କା

ସମ୍ବଲପୁର, ୨୭/୦୬ (ନି.ପ୍ର): ସମ୍ବଲପୁର ସହରରେ ଜଣେ ଅଣ୍ଡା ବ୍ୟବସାୟୀଙ୍କୁ ଛୁରୀ ଦେଖାଇ ଟଙ୍କାଭର୍ତି ବ୍ୟାଗକୁ ଲୁଟିନେଇଛନ୍ତି ୫ ଲୁଟେରା। ସହରର ଜନଗହଳି ପୂର୍ଣ୍ଣ ଜିଲ୍ଲାସ୍କୁଲ ଛକ ନିକଟ ଏକ ଶୌଚାଳୟ ନିକଟରେ ଘଟିଛି ଏହି ଲୁଟ୍ ଘଟଣା। ସୂଚନାନୁଯାୟୀ, ବିକାଶ ବିଶି ନାମକ ଜନୈକ ଅଣ୍ଡା ବ୍ୟବସାୟୀ ନିଜର ବ୍ୟବସାୟୀକ ସଂଗ୍ରହିତ ଲକ୍ଷାଧିକ ଟଙ୍କା ନେଇ ଏକ କାରରେ ଯାଉଥିବା ବେଳେ ଜିଲ୍ଲା ସ୍କୁଲ ଛକ ନିକଟରେ ଥିବା ଏକ ଶୌଚାଳୟ ନିକଟରେ କାରରୁ ଓହ୍ଲାଇ ଥିଲେ। ସେ କାରରୁ ଓହ୍ଲାଇବା ମାତ୍ରେ ପୂର୍ବରୁ ପିଛା କରୁଥିବା କେତେକ ଲୁଟେରା ହଠାତ୍ ସେଠାରେ ପହଞ୍ଚି ଏକ ଲମ୍ବା ଶାଣିତ ଛୁରୀ ଦେଖାଇ ତାଙ୍କଠାରୁ ଦେଢ ଲକ୍ଷ ଟଙ୍କା ଭର୍ତ୍ତିଥିବା ବ୍ୟାଗଟିକୁ ଲୁଟି ନେଇଛନ୍ତି। କେତେକ ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ ଅଣ୍ଡା ବ୍ୟବସାୟୀ ବିକାଶ କାରରେ ଆସୁଥିବା ବେଳେ ବହୁ ପୂର୍ବରୁ ୫ ଜଣ ଯୁବକ ତାଙ୍କୁ ପିଛା କରୁଥିଲେ। ସେମାନଙ୍କ ମଧ୍ୟରୁ ଅଟୋରେ ଦୁଇଜଣ ଓ ଦୁଇଟି ବାଇକରେ ତିନିଜଣ ତାଙ୍କୁ ପିଛା କରୁଥିଲେ। ବିକାଶ କାରରୁ ଓହ୍ଲାଇବା ଦେଖି ପ୍ରଥମେ ଅଟୋରେ ଦୁଇଜଣ ଲୁଟେରା ତାଙ୍କ ନିକଟକୁ ଆସିଥିଲେ ଓ ପରେ ବାଇକରେ ଅନ୍ୟ ଲୁଟେରାମାନେ ସେଠାରେ ପହଞ୍ଚି ଘେରିଯାଇ ତାଙ୍କୁ ଛୁରୀ ଦେଖାଇ ଟଙ୍କା ବ୍ୟାଗ୍ ଛଡାଇନେଇ ବାଇକରେ ଫେରାର ହୋଇ ଯାଇଥିଲେ । ଲୁଟ୍ ର ଶିକାର ହୋଇଥିବା ଅଣ୍ଡା ବ୍ୟବସାୟୀ ବିକାଶ ଘଟଣା ସମ୍ପର୍କରେ ଧନୁପାଲି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଏ ସମ୍ପର୍କରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛି।

# ଆନ୍ତର୍ଜାତିକ ନିଶ୍ଚେତକ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଏହାର ଚୋରାଚାଲାଣ ବିରୁଦ୍ଧ ଦିବସ ପାଳିତ

ମାଲକାନଗିରି, ୨୭/୦୬ (ନି.ପ୍ର): ମାଲକାନଗିରି ଜିଲ୍ଲାରେ ଆନ୍ତର୍ଜାତିକ ନିଶ୍ଚେତକ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଏହାର ଚୋରାଚାଲାଣ ବିରୁଦ୍ଧ ଦିବସ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳନ କରାଯାଇଅଛି। ଏହି ଦିବସ ଅବସରରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ଏବଂ ଅବକାରୀ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲା ସଦରମହକୁମା ଠାରେ ଏକ ଶୋଭଯାତ୍ରାର ଆୟୋଜନ କରାଯାଇଥିଲା। ଏହି ଶୋଭାଯାତ୍ରାକୁ ଅତିରିକ୍ତ ଜିଲ୍ଲାପାଳ ମହେଶ୍ୱର ଚନ୍ଦ୍ର ନାୟକ ସବୁଜ ପତାକା ଦେଖାଇ ଉଦଘାଟନ କରିଥିଲେ। ଏଥି ସହ ଦଣ୍ଡକାରଣ୍ୟ ଖେଳପଡ଼ିଆ ଠାରେ ଏକ ଶପଥ ଗ୍ରହଣ କାର୍ଯକ୍ରମ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ଯୋଗଦେଇ ଶପଥ ପାଠ କରାଇଥିଲେ । ଯୁବପିଢୀ, ରାଷ୍ଟ୍ରର ଶକ୍ତି ଏବଂ ସମାଜ ଓ ଦେଶର ବିକାଶରେ ଯୁବଶକ୍ତିଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ତେଣୁ ନିଶାମୁକ୍ତ ଭାରତ ଅଭିଯାନରେ ଅଧିକରୁ ଅଧିକ ଯୁବକଯୁବତୀ ସାମିଲ ହେବା ଅତ୍ୟନ୍ତ ଜରୁରୀ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାଏକ ଏହି ଅବସରରେ କହିଥିଲେ। ସୂଚନା ଥାଉ କି, ଆନ୍ତର୍ଜାତିକ ନିଶ୍ଚେତକ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଏହାର ଚୋରାଚାଲାଣ ବିରୁଦ୍ଧ ଦିବସ ପ୍ରତିବର୍ଷ ୨୬ ଜୁନ୍ ରେ ନିଶା ମୁକ୍ତ ବିଶ୍ୱ ଗଠନ ନିମନ୍ତେ ପାଳନ କରାଯାଇଥାଏ। ଚଳିତ ବର୍ଷର ଅଭିଯାନର ଉଦ୍ଦେଶ୍ୟ ହେଉଛି ମାଦକ ଦ୍ରବ୍ୟ ବ୍ୟବହାର କରୁଥିବା ବ୍ୟକ୍ତି ପ୍ରତି ସମ୍ମାନ ଭାବ ଏବଂ ସହନଶୀଳ ମନୋଭାବ ରଖିବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା, ସମସ୍ତଙ୍କ ପାଇଁ ପ୍ରମାଣ ଆଧାରିତ ସ୍ୱେଚ୍ଛାକୃତ ସେବା ଯୋଗାଇବା, ଦଣ୍ଡର ବିକଳ୍ପ ପ୍ରଦାନ, ନିଶା ନିବାରଣ ପ୍ରତିରୋଧକୁ ପ୍ରାଥମିକତା ଦେବା ଏବଂ ଦୟାଭାବ ସହ ଆଗେଇବା । ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଶ୍ରୀମତୀ ସସ୍ମିତା ସ୍ୱାଇଁ, ସାମାଜିକ ସୁରକ୍ଷା ଅଧିକାରୀ ଓ ଶ୍ରୀ ବିମ୍ବଧର ପଣ୍ଡା, ଅବକାରୀ ଅଧିକାରୀ ପରିଚାଳିତ କରିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୩୦୦ ରୁ ୫୦୦ ଜଣ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ । ଅନ୍ୟ ମାନଙ୍କ ମଧରେ ଜିଲ୍ଲା ମଙ୍ଗଳ ଅଧିକାରୀ, ପ୍ରଫୁଲ୍ଲ ଭୁଜବଳ, ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ପ୍ରମିଳା ମାଝୀ, ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ରାଜୀବ ପୁଜାରୀ ଏବଂ ଅଧାପକଡ଼ଃ ରଞ୍ଜନ କୁମାର ସ୍ୱାଇଁ ଏବଂ ଜିଲ୍ଲା ସଦରମହକୁମାର ସମସ୍ତ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ର ଛାତ୍ରଛାତ୍ରୀ, ଯୁବଗୋଷ୍ଠୀ, ବିଭିନ୍ନ ଏନ୍.ଜି.ଓ ର କର୍ମକର୍ତା, ଟ୍ରାନ୍ସଜେଣ୍ଡର, ସମର ଶିକ୍ଷାର୍ଥୀ ବାହିନୀ, ଜିଲ୍ଲାସ୍ତରୀୟ ଅଧିକାରୀ ବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ ।

# ବୀର ମହାରାଜପୁରରେ ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର: ବିଭିନ୍ନ ୯୦ ଗୋଟି ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର, ୨୭/୦୬ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲାପାଳ ବିମଳେନ୍ଦୁ ରାୟଙ୍କ ଅଧକ୍ଷତାରେ ବ୍ଲକ୍ ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ବୀର ମହାରାଜପୁର ବ୍ଲକ ସଭାଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତି ଓ ସମସ୍ୟା ସମ୍ବନ୍ଧୀୟ ୯୦ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରେ ବ୍ୟକ୍ତିଗତ ଦରଖାସ୍ତ ୮୪ ଗୋଟି ଓ ସାମୁହିକ ଦରଖାସ୍ତ ୬ ଗୋଟି ଗ୍ରହଣ କରାଯାଇଛି। ୧୮ ଟି ଅଭିଯୋଗର ତତ୍କାଳୀନ ସମାଧନ ହୋଇଥିବା ବେଳେ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ଆପତି ଅଭିଯୋଗ ଦରଖାସ୍ତକୁ ନିର୍ଦ୍ଦିଷ୍ଟ ସମୟ ମଧରେ ତୁରନ୍ତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ବୀର ମହାରାଜପୁର, ମୋତିଲାଲ ସୁଲିଆଙ୍କ ତତ୍ୱାବଧାନରେ ଅନୁଷ୍ଠିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ନିହାର ରଞ୍ଜନ କହଁର, ଉପ ଜିଲ୍ଲାପାଳ, ବୀରମହାରାଜପୁର ଅଶୋକ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ଃ. ବିଶ୍ୱ ରଞ୍ଜନ ପତି, ଡି.ଇ.ଓ. ଲକ୍ଷ୍ମଣ ଭୋଇ, ସି.ଏସ.ଓ. ସୁରେଶ ପାଣିଗ୍ରାହୀ, ଶିଶୁ ସୁରକ୍ଷା ଅଧିକାରୀ ବିଜୟ କୁମାର ବିଶ୍ୱାଳ, ଜିଲ୍ଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାକା, ଜିଲ୍ଲା ପଂଚାୟତ ଅଧିକାରୀଙ୍କ ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦାନ କରିଥିଲେ। ବୀରମହାରାଜପୁର ବ୍ଲକ ଅଧକ୍ଷା ଶାନ୍ତି ଲୁହା, ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଢ଼ୋଲାମଣି ଭୋଇ, ବ୍ଲକ୍ ଉପାଧକ୍ଷ ନାରାୟଣ ଲୁହା, ତହସିଲଦାର ବିବୁଧ ଗଡ଼ନାୟକ, ଅତିରିକ୍ତ ତହସିଲଦାର ସ୍ୱାଗତ କୁମାର ପଣ୍ଡା, ବିଭିନ୍ନ ବ୍ଲକ ସ୍ତରୀୟ ଅଧିକାରୀ ଓ କର୍ମଚାରୀ, ସାମ୍ବାଦିକ ପ୍ରମୁଖ ମଧ ଶିବିରରେ ଯୋଗଦାନ କରିଥିଲେ।

# ଜାତୀୟ ସେବା ଯୋଜନା ରଥ ଯାତ୍ରା ସେବା ଶିବିର ଉଦ୍‌ଯାପିତ

ପୁରୀ, ୨୭/୦୬ (ନି.ପ୍ର): ରଥ ଯାତ୍ରା ଉପଲକ୍ଷେ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଏନଏସଏସ ୟୁନିଟ ତରଫରୁ ଆୟୋଜିତ ୭ ଦିନିଆ ସେବା ଶିବିର ଉଦଯାପିତ ହୋଇଛି। ସାମନ୍ତ ଚନ୍ଦ୍ର ଶେଖର ଅଡିଟୋରିୟମ ଠାରେ ଆୟୋଜିତ ଶିବିରର ଉଦଯାପନି ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ସମାଜ କର୍ମୀ ସିଦ୍ଧାର୍ଥ ରାୟ ଜାତୀୟ ସେବା ଯୋଜନାର ଏକୁଡ଼ି ଶାଳ ସାମନ୍ତ ଚନ୍ଦ୍ର ଶେଖର ମହାବିଦ୍ୟାଳୟ ବୋଲି ସୂଚନା ଦେଇଥିଲେ। ଏଥି ସହିତ ଏନଏସଏସ ଛାତ୍ର ଛାତ୍ର ଛାତ୍ରୀଙ୍କ ଜୀବନ ଗଠନ, ଚରିତ୍ର ଗଠନ ସହିତ ସାମାଜିକ ମୂଲ୍ୟ ବୋଧକୁ ବଢାଇବାରେ ସାହାଯ୍ୟ କରିଥାଏ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ପୂର୍ବତନ ପ୍ରୋଗ୍ରାମ ଅଫିସର ଗୌତମ ସେଠି, ଅଧ୍ୟାପିକା ନମିତା ମହାନ୍ତି, ଅଧାପିକ ଗୁରୁ ଚରଣ ନାୟକ, ମହେନ୍ଦ୍ର କୁମାର ମିଶ୍ର, ମଂଚାସିନ ଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଓମ ପ୍ରସାଦ ମହାନ୍ତି ଏହି ଶିବିରରେ ରଥ ଯାତ୍ରାରେ ଏନଏସଏସ ତରଫରୁ ଯୋଗାଇ ଦିଆଯାଇଥିବା ସେବା ସଂପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଶିବିରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କାର ଓ ପ୍ରମାଣ ପତ୍ର ବିତରଣ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରୋଗ୍ରାମ ଅଫିସର ଭି. ଶାରଦା ଧନ୍ୟବାଦ୍ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ସୌମ୍ୟରଞ୍ଜନ ବାରିକ, ଅଭିଳାଷ ମିଶ୍ର, ଅସିତ କୁମାର ମହାପାତ୍ର, ବିଜୟଲକ୍ଷ୍ମୀ ବରାଳ, କଲ୍ୟାଣୀ ସେଠୀ, ଶୁଭଶ୍ରୀ ପ୍ରମୁଖ ପରିଚାଳନା କରିଥିଲେ।

## ଜଗନ୍ନାଥଙ୍କୁ ଅର୍ଜିଟିଏ

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଶେଷରେ ବିଶ୍ୱାବସୁ ଆଖିରୁ ହଜିଗଲା ନିଦ ଏବଂ ତୁ ସବୁ ବନ୍ଧନକୁ ପଛରେ ପକାଇ ଦେଇ ଲୁଚିଗଲୁ ବାଲୁକା ଗର୍ଭରେ । ଥରୁଟିଏ ମନେ ପକେଇଲୁ ନାହିଁ ତାର ଭକ୍ତି ଓ ନୈବେଦ୍ୟର ଅଭୁଲା କଥା ! ଆଉ ମଧ୍ୟ ମନେ ପଡ଼ିଲାଣି ତୋତେ ମନଭରି ଭଲ ପାଉଥିବା ଲଳିତାର ଭକ୍ତିର କାହାଣୀ, ଘୋର ଜଙ୍ଗଲରୁ ଖୋଜି ଖୋଜି ଆଣୁଥିଲା ଜାତି ଜାତିକା ମିଶ୍ରିତ ମିଠାଫଳ ମାନ ଯେଉଁ ଶବରୀ, ତୋର ନୈବେଦ୍ୟ ପାଇଁ।ଏହି ପିଟିସନର ରାୟ ଶୁଣାଇ ସେ କହିଛନ୍ତି ମୁଁ ସବୁ ମାୟାରୁ ଉର୍ଦ୍ଧ୍ୱରେ । ପରମ ବ୍ରହ୍ମ ସଂସାରର ସୃଷ୍ଟି ମାୟାଶକ୍ତି ବଳରେ ହିଁ କରିଥାନ୍ତି । ନିଜର ମାୟାରୂପକ ଜାଲ ଦ୍ୱାରା ମଣିଷ ନିଜର ସ୍ୱରୂପକୁ ଆଚ୍ଛନ୍ନ କରି ରଖିଥାଆନ୍ତି । ମାୟା ହିଁ ଜୀବ ଓ ପରମ ଭିତରେ ଦୂରତ୍ୱ ଏବଂ ଅନେକତ୍ୱ ସୃଷ୍ଟି କରେ । ତେଣୁ ଧାନ ଚକ୍ଷୁରେ ଏହାକୁ ଜାଣିବା ଦରକାର । ତେଣୁ ଅଖଣ୍ଡ ବାକ୍ୟ: ଏକ ବ୍ରହ୍ମ, ଦ୍ୱିତୀୟ ନାସ୍ତି । ମୁଁ ଜଳାଶ୍ରୟରେ ଚନ୍ଦ୍ର କିରଣ ପଡ଼ି ପ୍ରତିବିମ୍ବିତ ହୋଇ ଅନେକ ଚନ୍ଦ୍ରର ଭ୍ରମ ସୃଷ୍ଟି କଲେ ମଧ୍ୟ ବାସ୍ତବରେ ଏହାହିଁ ଏକ ଚନ୍ଦ୍ରର ବିଭିନ୍ନ ପ୍ରତିବିମ୍ବ । ଯେଉଁ ପୁଷ୍କରିଣୀର ଜଳ ଦୂଷିତ, ସେଠାରେ ମୋର ପ୍ରତିବିମ୍ବ ପ୍ରତିଫଳିତ ହୁଏନାହିଁ । ନିର୍ମଳ ଓ ନିଷ୍କପଟ ହୃଦୟରୂପ ସ୍ୱଚ୍ଛ ପୁଷ୍କରିଣୀରେ ମୁଁ ପ୍ରତିବିମ୍ବିତ ହୁଏ । ଏହା ମୋର ଧାରା ।

ତେଣୁ ଶେଷରେ ମଣିଷର ମୋକ୍ଷ ଉଦ୍ଦେଶ୍ୟରେ ଗୋଟିଏ ପଦ କହିଛନ୍ତି ।

ଯଥା ଆତ୍ମାନଂ ରଥୀନଂ ବିଦ୍ଧି<br>
ଶରୀରଂ ରଥମେବତ<br>
ବୁଦ୍ଧିତୁ ସାରଥୀ ବିଦି<br>
ମନ ପ୍ରଗ୍ରହ ମେବତ୍

ଆଧ୍ୟାତ୍ମିକ ଗୁଣତତ୍ତ୍ୱ ଅନୁସାରେ ମାନବ ଶରୀର ରଥ ସହ ତୁଳନୀୟ। ରଥ ନିର୍ଜୀବ, ମାତ୍ର ଆତ୍ମା ସଜୀବ ଓ ରଥର ପରିଚାଳକ, ମାନବର ବୁଦ୍ଧି ହିଁ ଶରୀର ରଥରେ ସାରଥୀ । ପ୍ରତ୍ୟେକ ରଥର ଘୋଡ଼ା ବା ଶକ୍ତି ମାନବର ମନ ସହ ତୁଳନୀୟ । ପଞ୍ଚ ମନ ବିବେକ ରୂପୀ ଚେତନା ତଥା ଲଗାମ ଦ୍ୱାରା ନିୟନ୍ତ୍ରିତ ହେଲେ ଶରୀର ଠିକ୍ ରୂପରେ ପରିଚାଳିତ ହୋଇ ଆତ୍ମାର ସକାରାତ୍ମକ ବିକାଶରେ ସହାୟକ ହୁଏ। ଶେଷରେ ଏହି ପିଟିସନ୍‌ର ତତ୍କାଳ ରାୟ ପ୍ରଦାନ କରି ଭଗବାନ ଜଗନ୍ନାଥ, ବ୍ରହ୍ମାଣ୍ଡ ନ୍ୟାୟାଧୀଶ ନ୍ୟାୟାଳୟକୁ ପ୍ରସ୍ଥାନ କଲେ ।

ଆଇନଜୀବୀ ଶେଷରେ ନ୍ୟାୟାଧୀଶଙ୍କୁ I am obliged ବା ଜଗନ୍ନାଥ ସ୍ୱାମୀ ନୟନ ପଥଗାମୀ କହି ନ୍ୟାୟାଳୟ ଅପସରି ଗଲେ ।

+ପୂର୍ବତନ ବରିଷ୍ଠ ଅଧିକାରୀ (ବିଏସ୍ଏନ୍ଏଲ) ଓ ଅଭିବକ୍ତା

## ଆଡ଼ପମଣ୍ଡପରେ ମହାପ୍ରଭୁଙ୍କ ଶେଷ ଦର୍ଶନ: କଳ୍କୀ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ



ନୀଳଗିରି , ୨୭/୦୬ (ନି.ପ୍ର): ଘୋଷଯାତ୍ରାର ଶେଷ ଦିନ ନବମୀ ତିଥି ଅବସରରେ ମହାପ୍ରଭୁ ମାନଙ୍କର ଜନ୍ମବେଦୀରେ ଶେଷ ଲୀଳାଖେଳା ସ୍ୱରୂପ ମଙ୍ଗଳବାର ସାନ୍ଧ୍ୟ ଦର୍ଶନ ହୋଇଥିଲା। ସମସ୍ତ ନୀତିକାନ୍ତି ସରିବାପରେ ସାଆନ୍ତ ମାନଙ୍କୁ ପୋଡ଼ପିଠା ଅର୍ପଣ କରାଯାଇଥିଲା। ପରେ ଦ୍ୱାର ଫିଟା ହେବାପରେ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତମାନେ ମହାପ୍ରଭୁ ମାନଙ୍କର କଳ୍କୀ ଅବତାର ବେଶ ଦର୍ଶନ କରିଥିଲେ। ଏନେଇ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ପ୍ରତିଦିନ ଭଜନ, କୀର୍ତ୍ତନ ପାଲା ପରିବେଷଣ ହେଉଥିବା ବେଳେ ଅନେକ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରଥ ଦକ୍ଷିଣ ମୋଡ଼ ନେଲା ପରେ ଆଜି ବାହୁଡ଼ା ଯାତ୍ରା ଅନୁଷ୍ଠିତ ହେବ। ଏନେଇ ପ୍ରଶାସନ ପକ୍ଷରୁ ଭକ୍ତଙ୍କ ଭିଡ଼କୁ ଆଖିଆଗରେ ରଖି ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଅପରାହ୍ନରେ ଚତୁର୍ଦ୍ଧା ମୂର୍ତ୍ତୀ ଙ୍କୁ ପହଣ୍ଡି କରାଯାଇ ରଥାରୂଢ଼ କରାଯିବ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

### କାର୍ଯ୍ୟାନୁଷ୍ଠାନ ନେବାକୁ ....

ପାଓ୍ୱାର କରିଡରରେ ହେଉଥିବା ଚର୍ଚ୍ଚା ଅନୁସାରେ, କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟର ଏହି ନିର୍ଦ୍ଦେଶ ପରେ ରାଜ୍ୟ ଓ କେନ୍ଦ୍ର ମୁହାଁମୁହିଁ ସ୍ଥିତିକୁ ଯିବାର ଆଶଙ୍କା ଦେଖାଦେଇଛି । ପାଣ୍ଡିଆନଙ୍କ ବିନା ରାଜ୍ୟ ପ୍ରଶାସନରେ ପତ୍ର ହଲୁନଥିବାବେଳେ ତାଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ମୁଖ୍ୟ ସଚିବ କେତେ ସକ୍ଷମ ହେବେ ବୋଲି ଆଶା କ୍ଷୀଣ । ମୁଖ୍ୟମନ୍ତ୍ରୀଙ୍କ ବିନା ସମ୍ମତିରେ ମୁଖ୍ୟ ସଚିବ କିଛି କରିପାରିବେ ନାହିଁ । ଆଉ ମୁଖ୍ୟମନ୍ତ୍ରୀ ଏହି ଚିଠି(କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ) ଉପରେ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ନା ଯାହା ଚାଲିଛି ତାହା ଆଇନ ସମ୍ମତ କହି କେନ୍ଦ୍ର ସହ ମୁହାଁମୁହିଁ ହେଉଛନ୍ତି ତାକୁ ନେଇ ଚର୍ଚ୍ଚା । ସୂଚନାଯୋଗ୍ୟ, ଅଲଇଣ୍ଡିଆ ସର୍ଭିସ କଣ୍ଡକ୍ଟ ରୁଲସର ୫ ଓ ୧୨କୁ ଖୋଲା ଉଲ୍ଲଙ୍ଘନ କରି ପାଣ୍ଡିଆନ ରାଜ୍ୟରେ ଶାସନକୁ ହାଇଜ୍ୟାକ୍ କରିଦେଇଛନ୍ତି ଓ ଗଣତନ୍ତ୍ର ଭୂଲୁଣ୍ଠିତ ହେଉଛି ବୋଲି ବିରୋଧୀ ଦଳ ଅଭିଯୋଗ କରିଛନ୍ତି ।

### ୟୁନିଫର୍ମ ସିଭିଲ କୋଡ୍ ....

ନେଇ ଭୋଟ ବ୍ୟାଙ୍କ ରାଜନୀତି କରୁଛନ୍ତି। ବିଜେପି ଭୋଟ ବ୍ୟାଙ୍କ ଓ ତୁଷ୍ଟୀକରଣ ଭଳି ରାଜନୀତି ନ କରିବାକୁ ନିଷ୍ପତ୍ତି ନେଇଛି। ଯେଉଁମାନେ ଟ୍ରିପଲ ତଲାକକୁ ସମର୍ଥନ କରୁଛନ୍ତି, ସେମାନେ ମୁସଲିମ ଝିଅ ବୋହୂଙ୍କ ସହ ଅନ୍ୟାୟ କରୁଛନ୍ତି। ଯେଉଁମାନେ ସାମାଜିକ ନ୍ୟାୟ ନାଁରେ ଭୋଟ ମାଗୁଛନ୍ତି, ସେମାନେ ହିଁ ଗାଁ ଓ ଗରିବ ଲୋକଙ୍କ ସହ ଅନ୍ୟାୟ କରୁଛନ୍ତି।" ପ୍ରଧାନମନ୍ତ୍ରୀ ମୋଦି ସିଧାସଳଖ ପସମାନ୍ଦା ମୁସିଲମମାନଙ୍କ କଥା କହିଛନ୍ତି। ଏହି ସଂପ୍ରଦାୟର ଲୋକମାନେ ଅନେକ କଷ୍ଟ ସହିଛନ୍ତି ଓ ସଶକ୍ତ ମୁସଲିମମାନେ ସେମାନଙ୍କ ଅଧିକାରୀରୁ ବଞ୍ଚିତ କରିଛନ୍ତି। କିଛି ରାଜନୀତିକ ଦଳ ନିଜର ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ତୁଷ୍ଟୀକରଣର ରାଜନୀତି କରୁଛନ୍ତି। ଏହା ଦ୍ୱାରା ସାମାଜିକ ଭେଦଭାବ ସୃଷ୍ଟି ହେଉଥିବା ମୋଦି କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ବିରୋଧୀଙ୍କୁ ଟାର୍ଗେଟ କରି କହିଛନ୍ତି, "ବିରୋଧୀ ଦଳଗୁଡ଼ିକ ଭେଦଭାବ ସୃଷ୍ଟି କରୁଛନ୍ତି। ଆମେ ଏୟାର କଣ୍ଡିସନରେ ଅଫିସରେ ବସୁ ନାହୁଁ ଓ କେବଳ ନିର୍ଦ୍ଦେଶ ଦେଉନୁ। ଆମେ ଲୋକଙ୍କ ପାଖରେ ଖରାପ ପାଗରେ ମଧ ପହଞ୍ଚୁଛୁ। ତୁଷ୍ଟୀକରଣ ଓ ସନ୍ତୁଷ୍ଟିକରଣ ମଧରେ ପାର୍ଥକ୍ୟ ରହିଛି। ବିଜେପି ସନ୍ତୁଷ୍ଟିରେ ବିଶ୍ୱାସ ରଖେ।" ଟ୍ରିପଲ ତଲାକ ସମ୍ପର୍କରେ ମୋଦି କହିଛନ୍ତି, ଯେଉଁମାନେ ଟ୍ରପିଲ ତଲାକକୁ ବିରୋଧ କରୁଛନ୍ତି, ସେମାନେ ମୁସଲିମ ମହିଳାଙ୍କ ପ୍ରତି ଅନ୍ୟାୟ କରୁଛନ୍ତି। ଅନେକ ମୁସଲିମ ବହୁଳ ଦେଶ ଟ୍ରିପଲ ତଲାକକୁ ବ୍ୟାନ କରିଛନ୍ତି। ବିଜେପି ବିରୋଧରେ ହାତ ମିଳାଇଥିବା ଦଳଗୁଡ଼ିକୁ ଦେଖି ମୋତେ ଦୟା ଆସୁଛି। ସେମାନଙ୍କ ପ୍ରତି ମୋର ଆଦୌ ରାଗ ନାହିଁ। ବିରୋଧୀ ଦଳଗୁଡ଼ିକର ଅବସ୍ଥା ୨୦୧୪ ଓ ୨୦୧୯ରେ ଯାହା ଥିଲା, ଏବେ ସେଇଆ ଅଛି। ଯେଉଁମାନେ କଂଗ୍ରେସକୁ ସମାଲୋଚନା କରୁଥିଲେ, ସେମାନେ ଏବେ ମନ ବଦାଳଇ ଦେଇଛନ୍ତି। ଏହି ନିରାଶ ଭାବ ଦର୍ଶାଉଛି ଯେ ବିଜେପି ୨୦୨୪ ଲୋକସଭା ନିର୍ବାଚନ ଜିତିବାକୁ ଯାଉଛି। ୨୦୨୪ ନିର୍ବାଚନ ପୂର୍ବରୁ ବିରୋଧୀ ଦଳଗୁଡ଼ିକ ଭିତ୍ତିହୀନ ଅଭିଯୋଗ ଆଣି ଲୋକଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରୁଥିବା ମୋଦି କହିଛନ୍ତି। ଗୋଟିଏ ନୂଆ ଶବ୍ଦ ଗ୍ୟାରେଣ୍ଟୀର ଲୋକପ୍ରିୟତା ବଢ଼ିଛି। କିନ୍ତୁ ବିରୋଧୀ ଦଳଗୁଡ଼ିକ ପାଇଁ ଗ୍ୟାରେଣ୍ଟୀ ଅର୍ଥ ଦୁର୍ନୀତି। ଆପଣ ଯଦି ସବୁ ବିରୋଧୀ ଦଳର ଦୁର୍ନୀତିକୁ ମିଶାଇବେ, ତା'ହେଲେ ଏହା ୨୦ ଲକ୍ଷ କୋଟିରୁ ଅଧିକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ଉଗ୍ରରୂପ ଦେଖାଇଲେ....

ଯାହାକୁ ତୁରନ୍ତ ରାସ୍ତାକୁ ଟାଣି ଆଣି ଆନ୍ଦୋଳନକାରୀଙ୍କୁ ଅଟକାଇଦେଲା ପୁଲିସ। ତଥାପି ମଧ ପୁଲିସ ସହ ଧସ୍ତାଧସ୍ତି ଆଉ ଠେଲାପେଲା ବେଶ କିଛି ସମୟ ଧରି ଚାଲିଥିଲା। ଘଟଣାସ୍ଥଳରେ ଡିସିପିଙ୍କ ସମେତ ବହୁ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ଆନ୍ଦୋଳନନକାରୀଙ୍କୁ ଚେତାବନୀ ଦେଇଥିଲେ। ଏମିତିକି ଧସ୍ତାଧସ୍ତିରେ କେତେକ ମହିଳା ଅଧ୍ୟାପିକା ଆହତ ହୋଇଥିବା ସୂଚନା ମିଳିଛି। ୨୦୦୮ରୁ ୨୦୧୮ ମଧରେ ନିଯୁକ୍ତ ହୋଇଥିବା ସମସ୍ତ ବେସରକାରୀ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ସରକାରୀ ଅନୁଦାନଭୁକ୍ତ କରିବା ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ଏହି ଗୋଟିଏ ମାତ୍ର ଦାବି ନେଇ ଗାନ୍ଧିମାର୍ଗର ଧାରଣା ସ୍ଥଳରେ ଦୀର୍ଘ ୪ ଶହ ଦିନ ଧରି ଶାନ୍ତିପୂର୍ଣ୍ଣ ଉପାୟରେ ଧାରଣା ଦେଇଆସୁଛନ୍ତି ଏହି ଅଧ୍ୟାପକମାନେ। ହେଲେ ଏତେଦିନ ଧରି ଧାରଣା ଦେବା ପରେ ବି ସରକାର ସେମାନଙ୍କ ସହ କୌଣସି ଆଲୋଚନା କରୁନାହାନ୍ତି। ଆନ୍ଦୋଳନକାରୀ ଅଧ୍ୟାପକଙ୍କ ଅଭିଯୋଗ ୨୦୦୮ରୁ ୨୦୧୩ ମଧରେ ପ୍ରତିଷ୍ଠା ହୋଇଥିବା ଅଣଅନୁଦାନପ୍ରାପ୍ତ କଲେଜଗୁଡ଼ିକୁ ଅନୁଦାନ ପ୍ରଦାନ ନିମନ୍ତେ ନୂଆ ଗ୍ରାଣ୍ଟ୍-ଇନ୍-ଏଡ୍ ନୀତି ପ୍ରସ୍ତୁତି ଆରମ୍ଭ କରିଛି ଉଚ୍ଚଶିକ୍ଷା ବିଭାଗ। ଏଥିସହ ୨୦୦୮ ଜୁନ୍ ୧ରୁ ୨୦୧୩ ନଭେମ୍ବର ୩୦ ମଧରେ ପ୍ରତିଷ୍ଠା ହୋଇଥିବା କଲେଜ୍ ଏବଂ ଏଥିରେ କାର୍ଯ୍ୟ କରୁଥିବା ଅଧ୍ୟାପକ ଓ କର୍ମଚାରୀଙ୍କ ତାଲିକା ମଗାଯାଇଛି।

# ୩୭ ତମ ଜିଲ୍ଲାସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ

ଭଦ୍ରକ , ୨୭/୦୬ (ନି.ପ୍ର): ଆଭାସି ଜରିଆରେ ୩୭ ତମ ଭଦ୍ରକ ଜିଲ୍ଲା ସ୍ତରୀୟ ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲି, ଉପଜିଲ୍ଲାପାଳ ମନୋଜ ପାତ୍ର, ରାଜପଥ କର୍ତ୍ତୃପକ୍ଷ ଜେ.ପି. ବର୍ମା। ପ୍ରମୁଖଙ୍କ ସହ ସଂପୃକ୍ତ ବିଭାଗୀୟ ଅଧିକାରୀ କମିଟି ସଦସ୍ୟବୃନ୍ଦ ଏହି ବୈଠକ ସହିତ ଯୋଡ଼ିହୋଇ ମତାମତ ଓ ପ୍ରସ୍ତାବ ଉପସ୍ଥାପନ କରିଥିଲେ। ବୈଠକର ଆବାହକ ତଥା ସଂଯୋଜକ ଭାରପ୍ରାପ୍ତ ଆଞ୍ଚଳିକ ପରିବହନ ଅଧିକାରୀ ଖଗେଶ୍ୱର ମୁର୍ମୁଙ୍କ ଦ୍ୱାରା ସଡ଼କ ଦୁର୍ଘଟଣା ଓ ସଡ଼କ ସୁରକ୍ଷା ନେଇ ବିବରଣୀ ଉପସ୍ଥାପନ ଆଧାରରେ ବୈଠକରେ ସମୀକ୍ଷା କରାଯାଇଥିଲା।

ସୁପ୍ରିମ୍ କୋର୍ଟ କମିଟିର ନିର୍ଦ୍ଦେଶାନୁଯାୟୀ ସଡ଼କ ସୁରକ୍ଷା ଜୀବନ ରକ୍ଷା ନିମନ୍ତେ ଜିଲ୍ଲା ସ୍ତରରେ ଗ୍ରହଣ କରାଯିବାକୁ ଥିବା ବିଭିନ୍ନ ପଦକ୍ଷେପ ଓ ଆବଶ୍ୟକ ଉପକରଣ ଯନ୍ତ୍ରପାତି ନିମନ୍ତେ ବାଣିଜ୍ୟ ପରିବହନ ବିଭାଗ ତରଫରୁ ଜିଲ୍ଲା ସ୍ତରୀୟ କମିଟିକୁ ଆବଶ୍ୟକ ଅର୍ଥ ଯୋଗାଇ ଦିଆଯିବା ନେଇ ଆସିଥିବା ସୂଚନା ସମ୍ବନ୍ଧରେ ଜିଲ୍ଲାପାଳ ପ୍ରକାଶ କରିଥିଲେ। ଏଥିନିମନ୍ତେ ଜିଲ୍ଲା ସ୍ତରରେ କେଉଁ ଯନ୍ତ୍ରପାତି ଅଛି କ'ଣ ଆବଶ୍ୟକ ତାର ତାଲିକା ପ୍ରସ୍ତୁତି ସହ ସଡ଼କ ସୁରକ୍ଷା ଜନିତ ବିଭିନ୍ନ ପ୍ରକଳ୍ପ ପାଇଁ ଆବଶ୍ୟକ ଅର୍ଥର ଅଟକଳ ପ୍ରସ୍ତୁତି ନିମନ୍ତେ ଜିଲ୍ଲାପାଳ ଆର.ଟି.ଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ସଡ଼କ ଦୁର୍ଘଟଣାର କାରଣ ଓ ନିରାକରଣ ନେଇ ଗୁରୁତ୍ୱପୂର୍ଣ୍ଣ ୪ ଇ-ଏନ୍‌ଫୋର୍ସମେଣ୍ଟ ଏଜୁକେସନ୍, ଇଞ୍ଜିନିୟରିଂ ଓ ଏମରଜେନ୍‌ସି କେୟାର ସୋପାନ ଆଧାରରେ ଜିଲ୍ଲାପାଳ ଆଲୋଚନା ଆରମ୍ଭ କରିଥିଲେ। ପୂର୍ବ ବୈଠକର ନିଷ୍ପତ୍ତି କାର୍ଯ୍ୟାନ୍ୱୟନ ସମ୍ବନ୍ଧରେ ସମୀକ୍ଷା କରି ବାକିଥିବା କାର୍ଯ୍ୟକୁ ଅବିଳମ୍ବେ ଶେଷ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ।

ସର୍ଭିସ୍ ରୋଡ୍‌କୁ ଲାଗି ବିଭିନ୍ନ ଛକ ମାନଙ୍କରେ ଥିବା ଦୋକାନ ଯୋଗୁଁ ଜାତୀୟ ରାଜପଥରେ ଅନିୟମିତ ପାର୍କିଂ ଅନେକ ଦୁର୍ଘଟଣାର କାରଣ ହେଉଛି ବୋଲି କମିଟି ସଦସ୍ୟ ଅତିସ ବେହେରାଙ୍କ ଅଭିଯୋଗ ଆଧାରରେ ଚିହ୍ନଟ ଜାଗା ମାନଙ୍କରେ ଦୋକାନ ସବୁ ଉଚ୍ଛେଦ ପାଇଁ ଉପଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ବିଭିନ୍ନ ରାସ୍ତାରେ ଥିବା ହମ୍ପସ୍ ଉଚ୍ଛେଦ ପାଇଁ ମଧ ପୂର୍ତ୍ତ ଅଧୀକ୍ଷଣ ଯନ୍ତ୍ରୀଙ୍କୁ କୁହାଗଲା। ସେହିପରି ବସ ସିଣ୍ଡିକେଟର ଶ୍ରୀନିବାସ ପତିଙ୍କ ପ୍ରଦତ୍ତ ମତାମତ ଅନୁଯାୟୀ ଜାତୀୟ ରାଜପଥରୁ ଜିଲ୍ଲାର ବିଭିନ୍ନ ମୁଖ୍ୟ ରାଜ୍ୟ ରାଜପଥ, ଭଦ୍ରକ ସହରକୁ ପ୍ରବେଶ ପାଇଁ ଓ ସୀମିତ ଗତି ବିଷୟରେ ସୂଚନା ପ୍ରଦାନ ନିମନ୍ତେ ସ୍ଥାନ ଚିହ୍ନଟ କରାଯାଇ ସାଇନେଜ୍ ଲଗାଯିବାକୁ ଆର.ଟି.ଓଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟ ଶତପ୍ରତିଶତ କରାଯିବା ନେଇ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ଏହି ନିଷ୍ପତ୍ତି ଆଧାରରେ ଗ୍ରାମାଞ୍ଚଳ ରାସ୍ତା ମାନଙ୍କରେ ମଧ ସାଇନେଜ୍ ପାଇଁ ପଦକ୍ଷେପ ନେବାକୁ ଆର ଡ଼ି-୧ ଏବଂ ଆ ଡ଼ି-୨ ର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। ଗେଲପୁର ଓ ରାଣୀତାଲ ଠାରେ ସର୍ଭିସ ରୋଡ଼ କାର୍ଯ୍ୟ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯିବା ସହ ଠିକ୍ ଭାବେ ଜଳୁ ନଥିବା ଷ୍ଟ୍ରିଟ୍ ଲାଇଟ୍ ସବୁ ସଜାଡ଼ିବା ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା।

ଆର.ଟି.ଓ.ଙ୍କ ଦ୍ୱାରା ପ୍ରଦତ୍ତ ସୂଚନା ମତେ ୨୦୨୨ ରେ ମଇ ମାସ ସୁଦ୍ଧା ୧୩୩ ଟି ଦୁର୍ଘଟଣା ଘଟିଥିଲା ଓ ସେଥିରେ ୭୭ ଜଣଙ୍କ ମୃତ୍ୟୁ ହୋଇଥିଲା। ୨୦୨୩ ରେ ସେହି ସମୟ ମଧରେ ୧୨୪ ଟି ଦୁର୍ଘଟଣା ଘଟିଛି ଏବଂ ୫୫ ଜଣଙ୍କର ମୃତ୍ୟୁ ଘଟିଛି। ଗତ ମଇ ମାସ ମଧରେ ୨୩ ଦୁର୍ଘଟଣା ଘଟି ୧୦ ଜଣଙ୍କ ମୃତ୍ୟୁ ହୋଇଥିବା ଜଣାଇଥିଲେ। ଦୁର୍ଘଟଣା ହାର ହ୍ରାସ ନିମନ୍ତେ ଜାତୀୟ ରାଜପଥ ଓ ରାଜ୍ୟ ରାଜପଥକୁ ବିଭିନ୍ନ ଭାଗରେ ବିଭକ୍ତ କରି ଦୁର୍ଘଟଣା ପ୍ରବଣ ଅଞ୍ଚଳ, ବ୍ଲାକ୍‌ସ୍ପଟ ଆଦି ଚିହ୍ନଟ କରାଯାଇ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଥିବା ସମ୍ବନ୍ଧରେ ମଧ ସେ ସୂଚନା ପ୍ରଦାନ କରିଥିଲେ।

## ଝୁଲନ୍ତା ଅବସ୍ଥାରେ ମହିଳାଙ୍କ ମୃତଶରୀର ଉଦ୍ଧାର

ଜଳେଶ୍ୱର ୨୭/୬(ନି.ପ୍ର): ଆଜି ସକାଳେ ଓଡିଶା ଓ ପଶ୍ଚିମବଂଗ ସୀମାରୁ ଜଣେ ମହିଳାର ଝୁଲନ୍ତା ମୃତ ଶରୀର ଦେଖିବାକୁ ମିଳିଥିଲା । ସ୍ଥାନ ଚିହ୍ନଟ ଲାଗି ଦୀର୍ଘ ସମୟ ବିତି ଯାଇଥିଲେ ମଧ୍ୟ ଏହା ଏକ ସନ୍ଦେହଜନକ ମୃତ୍ୟୁ ବୋଲି ଉପସ୍ଥିତ ଲୋକେ ପ୍ରକାଶ କରିଛନ୍ତି । ଘଟଣାରୁ ପ୍ରକାଶ ପଶ୍ଚିମବଂଗର ପଶ୍ଚିମମେଦିନୀପୁର ଜିଲା ନୟାଗ୍ରାମ ଥାନା ଅନ୍ତର୍ଗତ ପାଇକା ଗ୍ରାମର ରବି ହାଁସଦା ବାଲେଶ୍ୱର ଜିଲା ରାଇବଣିଆ ଥାନା ଅନ୍ତର୍ଗତ ଖୁଆର୍ଡେ ପଂଚାୟତର ମହୁଡୁମା ଗାଁର ସାକର ସରେନ୍ (୨୧)କୁ ବିବାହ କରିଥିଲେ । କିନ୍ତୁ ଗତକିଛିମାସ ଧରି ଦୁଇଜଣଙ୍କ ମଧ୍ୟରେ ବାଦବିସମ୍ବାଦ ଘଟି ଆସୁଥିଲା । ଗତ ସୋମବାର ସକାଳେ ସ୍ୱାମୀ ଘରୁ ମୃତ ସାକର ବାପଘର ଗାଁକୁ ଆସିଥିଲେ ମଧ୍ୟ ସଂଧ୍ୟାରେ ଫେରି ଯାଇଥିଲା । କିନ୍ତୁ ସମସ୍ତ ଲୁଗାପଟ ଧରି ଶାଶୁ ଘରୁ ପୁଣି ସଂଧ୍ୟାରେ ବାହିରି ଆସିଥିଲା ବେଳେ ଆଜି ସକାଳେ ତାର ମୃତ ଶରୀରେ ଏକ ଗଛରେ ଝୁଲୁଥିବା ଦେଖିବାକୁ ମିଳିଥିଲା । ଏକ ଲୁଗାରେ ଶବ ଓହଳି ଥିବା ବେଳେ ଗଛକୁ ଚଢିବା ନେଇ ସନ୍ଦେହ ପ୍ରକାଟ ହୋଇଛି । ଏଥିନେଇ ରାଇବଣିଆ ଓ ନୟାଗୟାମ ପୁଲିସ୍ ମୃତସ୍ଥାନ ଶାଳଗଡିଆଠାରେ ପହଞ୍ଚି ସ୍ଥାନ ଚିହ୍ନଟ ନେଇ ଦୀର୍ଘ ସମୟ ଅପେକ୍ଷା କରିଥିଲେ । ପରେ ଉକ୍ତସ୍ଥାନଟି ପଶ୍ଚିମବଂଗର ବୋଲି ଜଣାଯିବାପରେ ପଶ୍ଚିମବଂଗ ପୁଲିସ୍ ଶବବ୍ୟବଚ୍ଛେଦ କରିଛି ।

## ଦୀନକୃଷ୍ଣ କଲେଜର ଅଭିନନ୍ଦନ ପାଢୀ ବାଣିଜ୍ୟ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର



ଜଳେଶ୍ୱର ୨୭/୬(ନି.ପ୍ର): ଆଜି ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କଳା ସହିତ ବାଣିଜ୍ୟ ବିଭାଗର ପରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ଅଭିନନ୍ଦନ ପାଢୀ ୧୮୦୦ରୁ ୧୪୫୨ ରଖି ଏହି ସଫଳତା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେ ଜଳେଶ୍ୱର ପୌରପାଳିକାର ପଥରପୁରା ଅଂଚଳର ଅଚିନ୍ଦ୍ର ପାଢୀଙ୍କର ପୁଅ ଅଟନ୍ତି । ବାଲେଶ୍ୱରର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରୁ ମ୍ୟାଟ୍ରିକରେ ୬୦ ପ୍ରତିଶତ ଓ ଡିକେ କଲେଜରୁ +୨ରେ ୮୧ ପ୍ରତିଶତ ରଖି ଥିଲେ। ସେ ଦିନକୁ ୮ ଘଣ୍ଟା ପରିଶ୍ରମ କରୁଥିବା ବେଳେ ଏହି ସଫଳତା ପାଇବାପାଇଁ ପରିଶ୍ରମ କରି ଆସୁଥିବା କହିଛନ୍ତି । ଆସନ୍ତା ଦିନରେ ଜଣେ ଭଲ ଅଧ୍ୟାପକ ହୋଇ ମଣିଷ ତିଆରୀ କାରଖାନରେ ନିଜକୁ ନିୟୋଜିତ କରିବେ ବୋଲି ସୂଚନା ଦେଇଛନ୍ତି । ଦୀନକୃଷ୍ଣ କଲେରୁ ସଫଳତା ମିଳିଥିବାରୁ କଲେଜର ଅଧ୍ୟକ୍ଷ ଦିଲ୍ଲିପ କୁମାର ପଣ୍ଡା, ଅଜୟ ମହାପାତ୍ର, ସମୀର ଦାସ, ଇନ୍ଦିର ପ୍ରିୟଦର୍ଶନୀ, ପ୍ରଦୀପ ବେହେରା, ରତନ କର ଓ ସନ୍ୟାସୀ ଚରଣ ପାତ୍ର ପ୍ରମୁଖ ଏହି ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଅନ୍ୟପକ୍ଷରେ ଏମାନେ ଜଳେଶ୍ୱରର ଗୌରବ ବଢାଇଥିବାରୁ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବ୍ଲକ ଅଧ୍ୟକ୍ଷ ମାନସ ଜେନା, ପୌର ଅଧ୍ୟକ୍ଷ ପ୍ରତୀପ କୁମାର ପ୍ରଧାନ, କଂଗ୍ରେସ ନେତା ସୁଦର୍ଶନ ଦାସ, ବିଜେପି ନେତା ପ୍ରବୀର ପ୍ରଧାନ, ଫାଲଗୁନୀ ପାଣିଗ୍ରାହୀ, ସିପିଏମ୍‌ର ଶିଶିର ହୁଇ, ଦିଲ୍ଲିପ ଗିରି ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

## ଉଜ୍ଜ୍ୱଳା ଦିଦି ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ



ବାରିପଦା , ୨୭/୦୬ (ନି.ପ୍ର): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ମୟୂରଭଞ୍ଜ ଜିଲ୍ଲା ଶାଖା ତରଫରୁ ଆଜି ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦେଶ୍ୟରେ ଜିଲ୍ଲା ପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରା ଯାଇଛି। ଭାରତ ସରକାରଙ୍କ ଦ୍ୱାରା ପ୍ରତିଟି ଗରିବ ଲୋକଙ୍କ ଘରେ ଉଜ୍ଜ୍ୱଳା ଗ୍ୟାସ ଯୋଗାଇ ଦିଆଯାଇଥିବା ବେଳେ ଓଡ଼ିଶାରେ ମଧ ଏହି କାର୍ଯ୍ୟକୁ ସାକାର କରିବାପାଇଁ ଉଜ୍ଜ୍ୱଳା ଦିଦିମାନଙ୍କୁ କାର୍ଯ୍ୟଭାର ଦିଆଯାଇଥିଲା । ଓଡ଼ିଶାରେ କାର୍ଯ୍ୟରତ ଉଜ୍ଜ୍ୱଳା ଦିଦିମାନଙ୍କର କିଛି ଦାବି ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ମୟୂରଭଞ୍ଜ ଜିଲ୍ଲା ତରଫରୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଷ୍ଟ୍ରପତି, ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଦାବିଗୁଡ଼ିକ ମଧରେ ଉଜ୍ଜ୍ୱଳା ଦିଦିମାନଙ୍କୁ ନିଯୁକ୍ତି ସମୟରେ ଦିଆଯାଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରାଯିବା, ସାମାଜିକ ସୁରକ୍ଷା ଯୋଗାଇ ଦିଆଯିବା, କର୍ମ ନିଯୁକ୍ତି ଯୋଜନାରେ କାମ ଯୋଗାଇ ଦେବା ସହ ପାରିଶ୍ରମିକ ଯୋଗାଇ ଦିଆଯିବା ଇତ୍ୟାଦି ଦାବୀ କରାଯାଇଛି. ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘର ରାଜ୍ୟ ସଂଯୋଜିକା ବୀଣାପାଣି ବେହେରା, ଭାରତୀୟ ମଜଦୁର ସଂଘର ବରିଷ୍ଠ କର୍ମକର୍ତ୍ତା ବସନ୍ତ କୁମାର ସାହୁ, ରାଜ୍ୟ ସମ୍ପାଦକ ଡାକ୍ତର ମହାନ୍ତ, ରାଜ୍ୟ ପଦାଧିକାରୀ ନିଗମାନନ୍ଦ ପଟ୍ଟନାୟକ, ଭାରତୀୟ ମଜଦୁର ସଂଘ ମୟୂରଭଞ୍ଜ ଜିଲ୍ଲା ସଭାନେତ୍ରୀ ସରସ୍ୱତୀ ଟୁଡୁ, ସମ୍ପାଦକ ବୁଦ୍ଧିରଜତ ମହନ୍ତ, ସହ-ସମ୍ପାଦକ ଦେବାଶିଷ ନାୟକ ଉଜ୍ଜ୍ୱଳା ଦିଦିମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଓଡ଼ିଶା ରାଜ୍ୟ ଉଜ୍ଜ୍ୱଳା ଦିଦି ସଂଘ ମୟୂରଭଞ୍ଜ ଜିଲ୍ଲା ସଭାନେତ୍ରୀ ସବିତା ବିନ୍ଧାଣୀ, ସମ୍ପାଦିକା ସୁରେଶି ଦାସ, ସଦସ୍ୟା ଅନିତା ଗିରି, ସୁସ୍ମିତା ଲୋହାର, ନିରଶୀ ଲୋହାର, ସତ୍ୟଭାମା ମହନ୍ତ, ଲୋଟା ରାମ ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ ।

## ଦୋମୁହାଁଣି ଓ ପାତ୍ରଖୁଣ୍ଟାରେ ଜୁଆଖେଳ ବନ୍ଦ ଦାବି

ଖଇରା, ୨୭/୦୬ (ନି.ପ୍ର): ଖଇରା ପୋଲିସ ମଙ୍ଗଳବାର ବାଲେଶ୍ୱର ଜିଲା ଖଇରା ଥାନା ଅଧୀନ ଦୋମୁହାଁଣି ହାଟରେ ଏକ ଜୁଆଆଡ୍ଡା ଉପରେ ଚଢାଉ କରି ୩ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନାମରେ ଏକ ମାମଲା(୨୧୧/୨୩) ରୁଜୁ କରିଛନ୍ତି । ଏଥିସହ ସେମାନଙ୍କ ନିକଟରୁ ୧ହଜାର ୪ଶହ ଟଙ୍କା ଓ ଜୁଆ ସାମଗ୍ରୀ ମଧ୍ୟ ଜବତ କରାଯାଇଛି । ଉକ୍ତ ଦୋମୁହାଁଣି ଏବଂ ପାତ୍ରଖୁଣ୍ଟା ହାଟରେ ନିୟମିତ ଜୁଆଖେଳ ସାଙ୍ଗକୁ ମଦ ବେପାର ଓ ଗଣ୍ଡଗୋଳ ଏକ ସାଧାରଣ ହୋଇଥିବା ବେଳେ ଖଇରା ପୋଲିସ ତରଫରୁ କାଁଭାଁ ଚଢାଉକୁ ନେଇ ସାଧାରଣରେ ସଂଶୟ ସୃଷ୍ଟି କରିଛି । ଏଭଳି ଚଢାଉ ଉପରିସ୍ଥ ଅଧିକାରୀଙ୍କ ଚାପରେ, କି ଶାନ୍ତିଶୃଙ୍ଖଳା ରକ୍ଷାପାଇଁ ହେଉଛି ବା ଆଉ କିଛି ଉଦ୍ଦେଶ୍ୟରେ ହେଉଛି ତାକୁ ନେଇ ଖଇରାବାସୀ ଏବେ ଦ୍ୱନ୍ଦରେ ଅଛନ୍ତି । ଏଭଳି ଜୁଆ ଖେଳ ସାଙ୍ଗକୁ ଅସାମାଜିକ କାର୍ଯ୍ୟକଳାପ କୁ ନେଇ କୁପାରୀ କୋନର ବିଭିନ୍ନ ପଞ୍ଚାୟତର ଅଧିବାସୀ ଅତିଷ୍ଠ ହୋଇ ପଡିଥିବା ବେଳେ ବର୍ଷକ ଭିତରେ ଥରେ କି ୨ଥର ଚଢାଉ ସେମାନଙ୍କୁ ଆଉରୀ ବ୍ୟଥିତ କରିଛି । କାରଣ ଜୁଆଡି ମାନେ ଜେଲରୁ ଫେରିବା ପରେ ସେମାନଙ୍କର ବେଆଇନ କାର୍ଯ୍ୟକୁ ଆଇନତଃ ଭାବି ବ୍ୟବସାୟକୁ ଜୋରଦାର କରି ଦେଉଛନ୍ତି । ବିରୋଧ କରୁଥିବା ଲୋକଙ୍କୁ ଆକ୍ରମଣର ଶିକାର ହେବାକୁ ପଡୁଛି । ଏଭଳି ଜୁଆଖେଳକୁ ସମ୍ପୂର୍ଣ୍ଣ ନିଶିଦ୍ଧ କରିବାକୁ ଦାବୀ ହୋଇଛି ।

## ଦୀନକୃଷ୍ଣ ମହାବିଦ୍ୟାଳୟର ନମିତା ମହାନ୍ତି ଅର୍ଥନୀତିରେ ବିଶ୍ୱବିଦ୍ୟାଳୟ ଟପ୍ପର : ହେବେ ଅଧ୍ୟାପକ



ଜଳେଶ୍ୱର ୨୭/୬(ନି.ପ୍ର): ଚଳିତବର୍ଷ +୩ ତୃତୀୟବର୍ଷ କଳା ରେ ଅର୍ଥନିତୀ ବିଷୟରେ ସମଗ୍ର ବିଶ୍ୱବିଦ୍ୟାଳୟର ଦୀନକୃଷ୍ଣ କଲେଜର ଛାତ୍ରୀ ନମିତା ମହାନ୍ତି ଗୌରବ ଆଣିବାରେ ସକ୍ଷମ ହୋଇଛନ୍ତି । ସେ ମୋଟ ୧୮୦୦ରୁ ୧୫୯୮ ରଖି ଏହି ସଫଳତା ପାଇଛନ୍ତି । ମ୍ୟାଟ୍ରିକରେ ବିଶ୍ୱନାଥ ଏକାଡେମୀରୁ ୭୯ ପ୍ରତିଶତ ନମ୍ବର ରଖି +୨ରେ ଦୀନକୃଷ୍ଣ କଲେଜରୁ ୭୧ ପ୍ରତିାତ ନମ୍ବର ରଖିବାରେ ସକ୍ଷମ ହୋଇଥିଲେ । ସେ ଜଳେଶ୍ୱର ବ୍ଲକ ଅନ୍ତର୍ଗତ କୋଟସାହି ପଂଚାୟତର ଗୋବର୍ଦ୍ଧନପୁର ଗାଁର କାଳିଚରଣ ମହାନ୍ତିଙ୍କ ଝିଅ ବୋଲି ଜଣାଯାଇଛି । ବାପା ଦିଲ୍ଲିର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ନମିତା ଶିକ୍ଷା କ୍ଷେତ୍ରରେ ଏକ ମାଇଲ ଖୁଣ୍ଟ ବୋଲି ବାପା ପ୍ରକାଶ କରିଛନ୍ତି । ଏହି ସଫଳତା ଲାଗି ଆଜି ତାଙ୍କ ଘରେ ବହୁ ବ୍ୟକ୍ତି ଶୁଭେଚ୍ଛାର ଜଣାଇଛନ୍ତି । ଆସନ୍ତା ଦିନରେ ଅର୍ଥଶାସ୍ତ୍ରରେ ସେ ଜଣେ ଅଧ୍ୟାପିକା ହେବେ ବୋଲି କହିଛନ୍ତି ।

**L. N. Mahavidyalaya, Jamsuli, Balasore**

**TENDER CALL NOTICE**

Sealed quotations in the prescribed fromat are invited from registered farms having valid GST Registration, PAN & IT Clearence for supply of Labortary equipments to the college so as to reach the undersigned by Regd. Post/Speed Post/ Courier/ hand latest by 5 PM on dt. 07.07.2023. The undersigned reserves the right to accept/ reject any/ all bids or parts without assigning any reason whatsoever.

**Principal**<br>
**L.N. Mahavidyalaya**<br>
**Jamsuli, Balasore**

ଧ୍ୱନି ପ୍ରତିଧ୍ୱନି
ପୃଷ୍ଠା

# ଭାଜପା ପକ୍ଷରୁ ଘରକୁ ଘର ସମ୍ପର୍କ ଯୋଡିବା କାର୍ଯ୍ୟକ୍ରମ ଅନୁଷ୍ଠିତ

ଲଙ୍ଗଳେଶ୍ୱର ୨୭/୬ (ନିପ୍ର)ବାଲେଶ୍ୱର ଜିଲ୍ଲା ବସ୍ତା ନିର୍ବାଚନ ମଣ୍ଡଳୀରେ ଭାଜପା ପକ୍ଷରୁ ସୋମବାର ଘରକୁ ଘର ସମ୍ପର୍କ ଯୋଡିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କର ୯ ବର୍ଷ ପୂର୍ତ୍ତି ଅବସରରେ ଘରକୁ ଘର ବୁଲି ଲୋକଙ୍କୁ କେନ୍ଦ୍ର ସରକାରଙ୍କ ସଫଳତା ବିଷୟରେ ଜଣାଇବା ସହ କେନ୍ଦ୍ରର ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଅବଗତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ବସ୍ତା ବ୍ଲକର ଦରଡା ପଞ୍ଚାୟତର କୁଣ୍ଡେଇ ଗ୍ରାମ ଏବଂ ବାଲିଆପାଳ ବ୍ଲକ ଅନ୍ତର୍ଗତ ମଧୁପୁରା ପଞ୍ଚାୟତର ବାସୁଦେବପୁର ଏବଂ ମଧୁପୁରା ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାଲେଶ୍ୱର ଏମପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ଜିଲ୍ଲା ଓବିସି ମୋର୍ଚ୍ଚାର ସଭାପତି ତଥା ବାଲିଆପାଳ ମଣ୍ଡଳର ପ୍ରଭାରୀ ଅରବିନ୍ଦ ବେହେରା, ବସ୍ତା ବ୍ଲକର ଏମପିଙ୍କ ପ୍ରତିନିଧି ତଥା ଜିଲ୍ଲା ଭାଜପା ଉପସଭାପତି ପ୍ରଦୀପ ପଣ୍ଡା, ବାଲିଆପାଳ ବ୍ଲକର ଏମପିଙ୍କ ପ୍ରତିନିଧି ମହେଶ୍ୱର ଜେନା, ଲଙ୍ଗଳେଶ୍ୱର ମଣ୍ଡଳ ସଭାପତି ଗଗନ ସାହୁ,ଦରଡା ମଣ୍ଡଳର ପ୍ରଭାରୀ ଫର୍ନାଲ ବିଶ୍ୱାଳ, ଖପରାପଦା ମଣ୍ଡଳର ପ୍ରଭାରୀ ରବିନ୍ଦ୍ର ଜୈନ ଙ୍କ ସହିତ ଭାଜପାର ବହୁ ନେତୃମଣ୍ଡଳୀ ଓ କର୍ମୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।ଏହି ଅବସରରେ ବାଲିଆପାଳ ବ୍ଲକ ଅନ୍ତର୍ଗତ ଖପରାପଦା ଠାରେ ବରିଷ୍ଠ ନାଗରିକ ସଂଘର ସଭାପତି ନାରାୟଣ ସାହୁଙ୍କ ସହ ଏମ ପି ଶ୍ରୀ ଷଡଙ୍ଗୀ ଆଲୋଚନା କରିଥିଲେ।



# ବିଦ୍ୟୁତ ବିଭ୍ରାଟକୁ ନେଇ ଟିପିଏନଓଡିଏଲ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

ବାଲେଶ୍ୱର, ୨୭/୦୬ (ନି.ପ୍ର): ଅଘୋଷିତ ବିଦ୍ୟୁତ କାଟ ଓ ବିଜୁଳି ଟିକସ ବୃଦ୍ଧିର ପ୍ରତିବାଦରେ ଜିଲା କଂଗ୍ରେସ କମିଟି ପକ୍ଷରୁ ଟିପିଏନଓଡିଏଲ କର୍ପୋରେଟ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ସଂଜୀବ ଗିରିଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ପିସିସି ସାଧାରଣ ସମ୍ପାଦକ ତଥା ପର୍ଯ୍ୟବେକ୍ଷକ ବିସ୍ମୟ ମହାପାତ୍ର ଯୋଗଦେଇ ବିଦ୍ୟୁତ ବିତରଣ କ୍ଷେତ୍ରରେ ସୃଷ୍ଟି ହୋଇଥିବା ବିଭ୍ରାଟ ପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରିଥିଲେ । ଓଡ଼ିଶା ଏକ ବଳକା ବିଦ୍ୟୁତ ରାଜ୍ୟ ହେବା ସତ୍ତ୍ୱେ ୨୪ଘଣ୍ଟିଆ ବିଜୁଳି ଯୋଗାଣରେ ବିତରକ କମ୍ପାନୀମାନେ ବିଫଳ ହୋଇଛି। ୟୁନିଟ ପିଛା ବିଦ୍ୟୁତ ଦର ଅନ୍ୟ ରାଜ୍ୟ ତୁଳନାରେ ବହୁଗୁଣା ଅଧିକ ହୋଇଥିବା ବେଳେ ଓଡ଼ିଶାରୁ ବିଦ୍ୟୁତ କ୍ରୟ କରୁଥିବା ରାଜ୍ୟମାନଙ୍କରେ ବିଦ୍ୟୁତ ଦେୟ କମ ରହୁଥିବା ଶ୍ରୀ ମହାପାତ୍ର କହିଥିଲେ । ସବୁ ଜାଣିଶୁଣି ରାଜ୍ୟ ସରକାର ଟାଟା ପାୱାର ଭଳି କମ୍ପାନୀକୁ ଡାକି ଆଣି ଜନସାଧାରଣଙ୍କୁ ଠକି ଚାଲିଛନ୍ତି ବୋଲି ସେ ଆରୋପ ସେ ଉଠାଇଥିଲେ । ସେହିଭଳି ବିଦ୍ୟୁତ ଭିତ୍ତିଭୂମି ନବୀକରଣ ନାମରେ ରାଜ୍ୟ ସରକାର କୋଟି କୋଟି ଟଙ୍କା ଆତ୍ମସାତ କରିଛନ୍ତି ବୋଲି କଂଗ୍ରେସ ଜିଲା ସଭାପତି ଶ୍ରୀ ଗିରି ଅଭିଯୋଗ ଉଠାଇଥିଲେ । ଅଘୋଷିତ ବିଦ୍ୟୁତ କାଟ ତୁରନ୍ତ ବନ୍ଦ ସହ ଗ୍ରାହକଙ୍କୁ ଅନବରତ ବିଦ୍ୟୁତ ଯୋଗାଣ, ଅହେତୁକ ବିଦ୍ୟୁତ ଟିକସ ହ୍ରାସ, ପ୍ରତିମାସ ନିର୍ଦ୍ଦିଷ୍ଟ ତାରିଖରେ ବିଲ ଆଦାୟ, ବକେୟା ବିଦ୍ୟୁତ ଦେୟ ଆଦାୟ ବେଳେ ଗ୍ରାହକଙ୍କ ଉପରେ ଜୁଲମ ବନ୍ଦ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି । ନଚେତ୍ ଆଗାମୀ ଦିନରେ ସାମ୍ଭାବ୍ୟ ପରିସ୍ଥିତି ପାଇଁ ଟିପିଏନଓଡିଏଲ କର୍ତ୍ତୃପକ୍ଷ ଦାୟୀ ରହିବେ ବୋଲି ସେମାନେ ଚେତାବନୀ ଦେଇଥିଲେ । ଏହା ସହିତ ବିଦ୍ୟୁତ ଭିତ୍ତିଭୂମି ପାଇଁ ଖର୍ଚ୍ଚ କରାଯାଇଥିବା ୧୫ ହଜାର କୋଟି ଟଙ୍କା ଶ୍ୱେତପତ୍ର ସରକାର ତୁରନ୍ତ ପ୍ରକାଶ କରିବାକୁ କଂଗ୍ରେସ ନେତାମାନେ ଦାବି କରିଥିଲେ । ଜନସାଧାରଣ ସ୍ୱାଭାବିକ ବିଦ୍ୟୁତ ସେବା ନ ପାଇବା ପର୍ଯ୍ୟନ୍ତ ବିଦ୍ୟୁତ ବିଲ ନ ଦେବାକୁ କଂଗ୍ରେସ ନେତାମାନେ ଆହ୍ୱାନ ଦେଇଥିଲେ।



# ଭଗବାନଙ୍କୁ ସମର୍ପିତ ପାଲାଗାୟକ ଚନ୍ଦ୍ରମୋହନ: ୧୩ବର୍ଷ ଧରି ନୀଳଗିରି ରଥ ଉପରେ କରୁଛନ୍ତି ପାଲା ପରିବେଷଣ

ନୀଳଗିରି , ୨୭/୦୬ (ନି.ପ୍ର): ଦୀର୍ଘ ୪୫ବର୍ଷର ସାଧନା। ବାର୍ଦ୍ଧକ୍ୟର ଅପରାହ୍ନରେ ମଧ ନିଜକୁ ପ୍ରଭୁ ଜଗନ୍ନାଥଙ୍କ ଠାରେ ସମର୍ପିତ। ଦାରିଦ୍ର୍ୟର ତାଡ଼ନାରେ ହାରି ଯାଇ ନାହାନ୍ତି ସେ। ନିଜ ପରିବାର ସହ ଓଡ଼ିଶାର ବିଭିନ୍ନ ଜାଗାରେ ପାଲା ପରିବେଷଣ କରି ଅଭାବୀ ପେଟକୁ ଦାନା ଦେଇ ଆସିଛନ୍ତି। ସେ ଆଉ କେହି ନୁହନ୍ତି। ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ନାମ୍ପୋ ଗ୍ରାମର ବୃଦ୍ଧ ଚନ୍ଦ୍ର ମୋହନ ରାଉଳ। ପିଲାବେଳୁ ଅଭାବୀ ପରିବାରକୁ ଦାନା ଗଣ୍ଡାଏ ଯୋଗାଇ ଦେବାକୁ ଓଡ଼ିଶାର ଲୋକକଳା ପାଲାକୁ ଆପଣେଇଛନ୍ତି। ଆଜିବି ଜୀବନ ତାଙ୍କର ସଂଘର୍ଷମୟ। ସବୁପରେ ଜଗନ୍ନାଥ ପ୍ରେମରେ ଦୀର୍ଘ ୧୩ବର୍ଷ ଧରି ନୀଳଗିରି ରଥ ଉପରେ ସପରିବାର ପାଲା ପରିବେଷଣ କରିବା ଏବଂ ତାଙ୍କର ମଧୁର କଣ୍ଠରେ ଦର୍ଶକଙ୍କୁ ବାନ୍ଧି ରଖିବା ଅନନ୍ୟ। ନିଜ ସହିତ ପରିବାରର ସହଧର୍ମିଣୀ, ପୁଅ, ବୋହୂ, ଭାଇ ଭଉଣୀ, ଅନ୍ଧୁଣୀ ଝିଆରୀ ପ୍ରମୁଖ ତାଙ୍କ ସହ ପାଲା ପରିବେଷଣ କରିଥାଆନ୍ତି। ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରି ଜଗନ୍ନାଥଙ୍କ ରଥ ଉପରେ ୨ଦିନ ପାଲା ପରିବେଷଣ କରୁଥିବା ବେଳେ ଅନ୍ୟ ୭ଦିନ ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ପାଲା କରିଥାନ୍ତି। ଏହା ବ୍ୟତିତ ବର୍ଷର ଅଧିକାଂଶସମୟରେ ଓଡ଼ିଶା ସରକାରଙ୍କ ଲୋକସମ୍ପର୍କ ବିଭାଗ ତରଫରୁ ସରକାରଙ୍କ ଜନକଲ୍ୟାଣକାରୀ ସଚେତନତା ବାର୍ତ୍ତା କୁ ମଧ ପରିବେଷଣ କରିଥାନ୍ତି।



# କଲେଜରେ ନୂତନ ସଭାପତିଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା

ଲଙ୍ଗଳେଶ୍ୱର , ୨୭/୦୬ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁପାଲି ଠାରେ ଥିବା କମଳ କୁମାରୀ ସଂସ୍କୃତ ମହିଳା ମହାବିଦ୍ୟାଳୟ ରେ ନବ ନିଯୁକ୍ତ ସଭାପତି ରେବତୀ ଜେନା ଆଜି ସକାଳୁ ୧୦ ଟା ସମୟରେ କଲେଜ ରେ ପହଞ୍ଚି ଥିଲେ ନୂତନ ସଭାପତି ଙ୍କୁ କଲେଜ ଅଧ୍ୟକ୍ଷ ରାଜକିଶୋର ବାରିକ ଙ୍କ ସମେତ ଉପସ୍ଥିତ ଥିବା ଛାତ୍ରୀ ମାନେ ପୁଷ୍ପଗୁଚ୍ଛ ଦେଇ ପାଛୋଟି ନେଇଥିଲେ ପରେ ମହାବିଦ୍ୟାଳୟ ମାନଙ୍କରେ ଗୁଣାତ୍ମକ ଶିକ୍ଷାଦାନ ସମ୍ପର୍କରେ ଅଧ୍ୟାପକ ଓ ଅଧ୍ୟାପିକା ତଥା ଛାତ୍ରୀ ମାନଙ୍କୁ ନେଇ ଆଲୋଚନା କରିଥିଲେ। ଆଗାମୀ ଦିନରେ କଲେଜ ର ଉନ୍ନତି ପାଇଁ ସରକାର ଙ୍କ ଠାରୁ ଆସୁଥିବା ଅର୍ଥ କୁ ସଠିକ ଭାବରେ ବିନିଯୋଗ କରିବାକୁ ସମସ୍ତ ଙ୍କୁ ପରାମର୍ଶ ଦେଇଥିଲେ । ଅଧ୍ୟାପକ ବନମାଳୀ ପରିଡ଼ା, ଡ଼ାଃ ଲକ୍ଷ୍ମୀକାନ୍ତ ରଥ, କୃଷ୍ଣାନନ୍ଦ ପାତ୍ର, ସୁଧୀର ନନ୍ଦ, ସବିତା ସାହୁ, ଚନ୍ଦନ ନନ୍ଦ, ସରୋଜନୀ ପରିଡ଼ା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଛାତ୍ରୀ ପ୍ରତିମା ମାନ୍ନା , ଶିବାନୀ ମାନ୍ନା, ବର୍ଷା ରାଣୀ ମଣ୍ଡଳ, କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଜଳେଶ୍ୱରର ଛାତ୍ରୀ ଫକୀରମୋହନ ବିଶ୍ୱବିଦ୍ୟାଳୟ +୩ କଳାରେ ପ୍ରଥମ

## ଅର୍ଜିତା ସାମଲ ଦର୍ଶନରେ ବିଶ୍ୱବିଦ୍ୟାଳୟ ଟପ୍ପର

ଜଳେଶ୍ୱର ୨୭/୬(ନି.ପ୍ର): ଆଜି ଫକୀରମୋହନ ବିଶ୍ୱବିଦ୍ୟାଳୟର +୩ କଳା ଓ ବାଣିଜ୍ୟ ବିଷୟରେ ଫରୀକ୍ଷାଫଳ ପ୍ରକାଶ ପାଇଛି । ଏଥିରେ ବିଶ୍ୱବିଦ୍ୟାଳୟରେ ୧୪ଟି କଳା (ଆର୍ଟସ୍) ବିଷୟ ମଧ୍ୟରେ ଜଳେଶ୍ୱର ମାଟିର ଝିଅ ଅର୍ଜିତା ସାମଲ ସର୍ବାଧିକ ୧୮୦୦ରୁ ୧୬୪୭ ରଖି ବେଷ୍ଟ ଗ୍ରାଜୁଏଟ ଭାବେ ପୁରସ୍କୃତ ହେବାର ସୌଭାଗ୍ୟ ଲାଭ କରିଛନ୍ତି । ସେ ଦୀନକୃଷ୍ଣ କଲେଜରୁ ଦର୍ଶନଶାସ୍ତ୍ରରେ ସର୍ବାଧିକ ନମ୍ବର ରଖିଥିବା ବେଳେ ବିଶ୍ୱବିଦ୍ୟାଳୟରେ ସର୍ବାଧିକ ନମ୍ବର ରଖିବାରେ ସଫଳ ହୋଇଛନ୍ତି । ସେ ଜଳେଶ୍ୱର ପୌରପାଳିକାର ଭାଦା (ଅଲାଲପୁର) ଗ୍ରାମର ଅନୀଲ କୁମାର ସାମଲଙ୍କ ଜ୍ୟେଷ୍ଠା କନ୍ୟା ଅଟନ୍ତି । ସେ ଜଳେଶ୍ୱର ହାଇସ୍କୁଲରୁ ମ୍ୟାଟ୍ରିକରେ ୮୫ ପ୍ରତିଶତ ଓ +୨ରେ ଡି.କେ କଲେଜରୁ ୭୫ ପ୍ରତିଶତ ନମ୍ବର ରଖି ପାରିଥିଲେ । ସେ ଦିନକୁ ୮/୯ ଘଣ୍ଟା ପରିଶ୍ରମ କରି ଆସୁଥିବା ବେଳେ ଆଜିର ଏହି ସଫଳତାପାଇଁ ବାପା, ମା ଓ ପ୍ରାଧ୍ୟାପକ ସନ୍ୟାସୀ ଚରଣ ପାତ୍ର ଓ ବିରଞ୍ଚିଚରଣ ସାହୁଙ୍କୁ ଶ୍ରେୟ ଦେଇଛନ୍ତି । ବାପା ଜଣେ ଟେଲର ହୋଇଥିବା ବେଳେ ତାଙ୍କ ଆଖିରୁ ଲୁହ ପୋଛିବାପାଇଁ ଅର୍ଜିତା ପ୍ରତିଜ୍ଞାବଦ୍ଧ ବୋଲି କହିଛନ୍ତି । ସମଗ୍ର ବିଶ୍ୱବିଦ୍ୟାଳୟର କଳା ବିଷୟରେ ସେ ଶ୍ରେଷ୍ଠତ୍ୱ ପ୍ରତିପାଦକ କରିଥିବାରୁ ଆସନ୍ତା ଦିନରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କ ଶ୍ରେଷ୍ଠତ୍ୱ ପାଇଁ ପୁରସ୍କୃତ କରାଯିବା ସଂପର୍କରେ ଦୀନକୃଷ୍ଣ କଲେଜ ପକ୍ଷରୁ ସୂଚନା ଦିଆଯାଇଛି ।



# ମହିଳାଙ୍କ ସନ୍ଦେହ ଜନକ ମୃତ୍ୟୁ:ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବସ୍ତା, ୨୭/୦୬ (ନି.ପ୍ର): ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ମୁଳିଦା ଗ୍ରାମର ଜନୈକା ନବବଧୂ ଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟିଛି। ମୃତ ମହିଳାଙ୍କ ଶାଶୁ ଘର ଲୋକେ ସେ ଫାଶି ଦେଇ ଆତ୍ମହତ୍ୟା କରିଥିବା କହୁଥିବା ବେଳେ ମହିଳାଙ୍କୁ ହତ୍ୟା କରାଯାଇ ତାହାକୁ ଆତ୍ମହତ୍ୟା ର ରୂପ ଦିଆଯାଇ ଥିବା ତାଙ୍କର ପରିବାର ଲୋକେ ଓ ସମ୍ପର୍କୀୟ ଅଭିଯୋଗ କରିଛନ୍ତି। ପ୍ରକାଶ ଯେ ବସ୍ତା ଥାନା ସଦାନନ୍ଦପୁର ନାଇକୁଡି ଗ୍ରାମର ରାଜଶ୍ରୀ (୨୬)ଙ୍କ ସହିତ ମୁଳିଦା ଗ୍ରାମର ଜଗଦୀଶ ଦାସ ଅଧିକାରୀ ଙ୍କୁ ଦୁଇ ବର୍ଷ ପୂର୍ବେ ବିବାହ କରିଥିଲେ। ମଙ୍ଗଳବାର ମଧ୍ୟାହ୍ନ ରେ ରାଜଶ୍ରୀ ଙ୍କୁ ତାଙ୍କ ଶାଶୁଘର ଲୋକେ ଶୋଇବା ଘରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରି ବସ୍ତା ହସ୍ପିଟାଲ କୁ ଆଣିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ଶୁଣି ମହିଳାଙ୍କ ସମ୍ପର୍କୀୟ ମାନେ ହସ୍ପିଟାଲ ରେ ପହଞ୍ଚିବା ପରେ ସେଠାରେ ଉତ୍ତେଜନା ଦେଖା ଦେଇଥିଲା। ରାଜଶ୍ରୀ ଙ୍କୁ ମାରି ଦିଆ ଯାଇଥିବା ସେମାନେ ଅଭିଯୋଗ ପରେ ପୁଲିସ କୁ ଖବର ଦିଆଯାଇଥିଲା। ଉତ୍ତେଜନା ଖବର ପାଇ ପୋଲିସ ହସ୍ପିଟାଲ ରେ ପହଞ୍ଚି ସ୍ଥିତ ଅନୁଧ୍ୟାନ କରିଛି। ଖବର ଲେଖା ହେବା ବେଳକୁ ଥାନା କୌଣସ ଲିଖିତ ଅଭିଯୋଗ ହୋଇ ନଥିବା ଜଣାପଡ଼ିଛି।

# ସୋନ ନଦୀ କୁଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ନୀଳଗିରି , ୨୭/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ଅନ୍ତର୍ଗତ କାଠପାଳ ନିକଟସ୍ଥ ସୋନ ନଦୀ କୁଳରୁ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମଙ୍ଗଳବାର ସକାଳେ କିଛି ଲୋକ ନଦୀରେ ଏକ ଶବ ଭାସୁଥିବାର ଦେଖିବାକୁ ପାଇଥିଲେ। ସଙ୍ଗେ ସଙ୍ଗେ ନୀଳଗିରି ଥାନାକୁ ଖବର ଦେବା ପରେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ତେବେ ମୃତକ ଯୁବକ ଜଣକ ହେଲେ କାଂଶ ପଞ୍ଚାୟତ ଅଧୀନ କରଞ୍ଜିଆ ଗ୍ରାମର ଚିତ୍ତରଞ୍ଜନ ଦଣ୍ଡପାଟ। ରବିବାର ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ନିଖୋଜ ଥିବା ଘରଲୋକ କହିଥିଲେ। ଯୁବକଙ୍କ ଗୋଟିଏ ପୁଅ ଓ ଗୋଟିଏ କନ୍ୟା ସନ୍ତାନ ଅଛନ୍ତି। ତେବେ ଘଟଣା ପ୍ରଚାରିତ ହେବା ପରେ ଅଞ୍ଚଳଟି ଲୋକାରଣ୍ୟ ହୋଇପଡ଼ିଥିଲା। ପୋଲିସ ଅଧିକ ତଦନ୍ତ ଜାରି ରଖିଥିବା ବେଳେ ପରିବାର ଲୋକେ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଏନେଇ ନୀଳଗିରି ଥାନାରେ ୧୬/୨୩ନମ୍ବର ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସୂଚନା ମିଳିଛି।

# ବାସହରା ମହିଳା ଓ କିଡିନୀ ପୀଡିତାଙ୍କୁ ଆର୍ଥିକ ସହାୟତା



ଖଇରା, ୨୭/୦୬ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ୨ଅସହାୟ ପରିବାର ଜିଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଧେ ଓ ୫ଟି ସଚୀବ ଭିକେ ପାଣ୍ଡିଆନଙ୍କୁ ଲିଖିତ ଗୁହାରି କରିବା ପରେ ସେମାନଙ୍କୁ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟରେ ଆର୍ଥୀକ ସହାୟତା ମିଳିଛି। ଖଇରା ବିଡିଓ ଉତ୍ତମ କୁମାର ଜେନା ଉଭୟ ପରିବାରଙ୍କୁ ବ୍ଲକ କାର୍ଯ୍ୟାଳୟରେ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏମାନଙ୍କ ମଧ୍ୟରୁ କୋଟିଆ କୋଇଲି ଗ୍ରାମର ମାଳତୀ ସାହୁ ଅସହାୟ ଅବସ୍ଥାରେ ବିଭିନ୍ନ ଅଫିସ ବାରଣ୍ଡା ଓ ପରଓଳିରେ ମୁଣ୍ଡ ଗୁଞ୍ଜିଥିବା ବେଳେ ସେ ଜିଲାପାଳଙ୍କୁ ୨ଦିନ ତଳେ ଲିଖିତ ଅଭିଯୋଗ କରିଥିଲେ । ଆଶ୍ରୟ ପାଇଁ ୨୦ହଜାର ଟଙ୍କା ପ୍ରଦାନ କରିବାକୁ ବିଡିଓ ନିର୍ଦ୍ଦେଶ ଦେଇଥିଲେ । ସେହିଭଳି ଗଡପୋଖରୀ ପଞ୍ଚାୟତ ଗୁଆପାଳ ଗ୍ରାମର ୫ଜଣିଆ ପରିବାରର ଏକ ମାତ୍ର ରୋଜଗାରକ୍ଷମ ବ୍ୟକ୍ତି ନଟବର ମହାନ୍ତିଙ୍କ ୨ଯାକ କିଡିନି ନଷ୍ଟ ହୋଇ ଯାଇଥିବା ବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡରୁ ବଞ୍ଚିତ ଥିବା ନେଇ ୨୨ତାରିଖରେ କୁପାରୀ ଆସିଥିବା ୫ଟି ସଚୀବଙ୍କୁ ଅଭିଯୋଗ କରିଥିଲେ ।ତାଙ୍କୁ ରେଡକ୍ରସରୁ ୧୦ହଜାର ଟଙ୍କା ତୁରନ୍ତ ପ୍ରଦାନ ପାଇଁ ସଚୀବ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀବେ ସହାକାରୀ ଯନ୍ତ୍ରୀ ସୌମ୍ୟ ମୁକୁଲ ବାରିକ, ମୁଖ୍ୟକିରାଣୀ ବ୍ରହ୍ମାନନ୍ଦ ଦାଶ, ସିପି ଶଶିକାନ୍ତ ଦାସ, ଖଇରା ସରପଞ୍ଚ ସୁଦର୍ଶନ ସେଠୀ ଙ୍କ ଉପସ୍ଥିତିରେ ବିଡିଓ ଏହି ସହାୟତା ପ୍ରଦାନ କରିଥିଲେ ।

# ଜିଲାସ୍ତରୀୟ ଶିଶୁ ଶ୍ରମିକ ଉଚ୍ଛେଦ ସଚେତନତା କର୍ମଶାଳା

ବାଲେଶ୍ୱର, ୨୭/୦୬ (ନି.ପ୍ର): ବାଲେଶ୍ୱର ଖଣ୍ଡ ଶ୍ରମ ଅଯୁକ୍ତଙ୍କ କାର୍ଯ୍ୟାଳୟ ପକ୍ଷରୁ ଜିଲାସ୍ତରୀୟ ଶିଶୁ ଶ୍ରମିକ ଉଚ୍ଛେଦ ଓ କିଶୋର ଶ୍ରମିକଙ୍କୁ ବିପଦ ଶଙ୍କୁଳ କାର୍ଯ୍ୟରେ ନିୟୋଜନ ବନ୍ଦ ଉଦ୍ଦେଶ୍ୟରେ ଏକ ସଚେନତନା କର୍ମଶାଳା ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଦତାତ୍ରୟ ଭାଓସାହେବ ଶିନ୍ଦେ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଶ୍ରମିକ ନିରାକରଣର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଶିଶୁ ଶ୍ରମିକମାନେ ନିୟୋଜିତ ହେଉଥିବା ହୋଟେଲ, ଗ୍ୟାରେଜ, ରେଷ୍ଟୁରାଣ୍ଟ ପ୍ରଭୃତି ସ୍ଥାନଗୁଡିକରେ ଜିଲା ପ୍ରଶାସନ ପକ୍ଷରୁ ଚଢ଼ାଉ ସହ ସେମାନଙ୍କୁ ଉଦ୍ଧାର କରାଯାଉଛି।




# ପାଠ ପଢ଼ାରେ ଡ଼ୋରି ବାନ୍ଧିଲେ ଶୁଭସ୍ମିତା ଓ ଗାର୍ଗି

ଉଦଳା, ୨୭/୦୬ (ନି.ପ୍ର): ୟେ ହେଉଛି କପ୍ତିପଦା ବ୍ଲକର ମାଙ୍କଡ଼ପଡ଼ା ପଂଚାୟତ ଅନ୍ତର୍ଗତ କେନ୍ଦୁଘାଟି ଗ୍ରାମର ଦୃଶ୍ୟ । ଉକ୍ତ ଗ୍ରାମର ବାସିନ୍ଦା ଭୁତାଳ ମାରାଣ୍ଡିଙ୍କ କନ୍ୟା ଶୁଭସ୍ମିତା ଓ ବିଶ୍ୱନାଥ ସୋରେନଙ୍କ କନ୍ୟା ଗାର୍ଗି ଉଭୟେ ଆଜକୁ ଦୁଇ ବର୍ଷ ହେବ ପାଠ ପଢ଼ାରେ ଡ଼ୋରି ବାନ୍ଧି ଦେଇଥିବାର ଜଣାଯାଇଛି । ଘଟଣାରୁ ଜଣାଯାଏ ଗ୍ରାମରେ ଥିବା ବିଦ୍ୟାଳୟରେ ଉଭୟେ ପଂଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ଷଷ୍ଠ ଶ୍ରେଣୀରେ ନାମ ଲେଖାଇବାକୁ ହେଲେ ଦୂର ବିଦ୍ୟାଳୟକୁ ଯିବାକୁ ପଡୁଛି । ଗ୍ରାମଠାରୁ ପ୍ରାୟ୭ କିମି ଦୂର ଜଙ୍ଗଲ ପାରି ହୋଇ ନିୟମିତ ଯିବା ଆସିବା କରି ପାଠ ପଢ଼ିବା ସମ୍ଭବ ହୋଇପାରୁ ନାହିଁ । ହଷ୍ଟେଲରେ ରହି ପଢ଼ିବା ପାଇଁ ଚାହିଁବାରୁ, 'ଆମ ହଷ୍ଟେଲରେ ଆଉ ସିଟ ନାହିଁ' ବୋଲି କହି ସରକାରୀ ବାବୁ ମାନେ ଫେରାଇ ଦେଉଛନ୍ତି । ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଘରୋଇ ବିଦ୍ୟାଳୟରେ ପଢ଼ାଇବା ପାଇଁ ଅବିଭାବକ ମାନେ ସକ୍ଷମ ନୁହଁନ୍ତି । ଏହିସବୁ କାରଣରୁ ଶୁଭସ୍ମିତା ଓ ଗାର୍ଗି ବର୍ତମାନ ମଧ ବିଦ୍ୟାଳୟ ବାହାରେ ଅଛନ୍ତି । ଉଭୟଙ୍କୁ ବର୍ତମାନ ବୟସ ୧୨ ବର୍ଷ ଛୁଇଁଲା । ସରକାରଙ୍କ ଘୋଷଣା ପ୍ରଥମରୁ ୧୪ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା । ସରକାରଙ୍କର ଏହି ସ୍ଲୋଗାନ ଯେ ଏକ ପ୍ରହସନ ଏହା ଶୁଭସ୍ମିତା ଓ ଗାର୍ଗିଙ୍କୁ ଦେଖିଲେ ବେଶ ଭଲଭାବରେ ବୁଝି ହେବ ।



❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo